
24×7 News Channel
Harsika Media
ଏକ ନୂଆ ଆହ୍ୱାନ..
Web : www.harsikamedia.in.net
Facebook : Harsika Media
Youtube : Harsika Media

THE HARSIKA
# ହର୍ଷିକା
ଏକ ନୂଆ ଆହ୍ୱାନ... ଓ ଡ଼ି ଆ ଖ ବ ର
PRIG No. :ORORI/26/A0387




• ଭାଗ-୦୧ • ସଂଖ୍ୟା-୦୯ • କଟକ • ସାପ୍ତାହିକ • ୨୩ - ୨୯ ମାର୍ଚ୍ଚ, ୨୦୨୬ • ମୂଲ୍ୟ : ଟ.୭.୦୦ • ପୃଷ୍ଠା-୮
• VOL. NO. 01 • ISSUE NO. 09 • CUTTACK • WEEKLY • 23 TO 29 MARCH, 2026 • RS. 7.00 • PAGE-8




# ଆଣ୍ଠେଇଲେଣି ଟ୍ରମ୍ପ

## ବିଶ୍ୱ ଅର୍ଥବ୍ୟବସ୍ଥାର ଧମନୀରେ ପ୍ରହାର; ରକେଟ୍ ବେଗରେ ତୈଳଦର
## କ୍ଷେପଣାସ୍ତ୍ର ମାଡ଼ରେ ଖସିଲା ଆମେରିକା ଏଫ୍-୩୫ ଯୁଦ୍ଧ ବିମାନ

ନୂଆଦିଲ୍ଲୀ (ଏଜେନ୍ସି) : ଟାରିଫ୍ ମାଡ଼ରେ ନିସ୍ତେଜ ବିଶ୍ୱ ଅର୍ଥବ୍ୟବସ୍ଥାକୁ ଏବେ ଛାରଖାର କରିବାକୁ ବସିଲାଣି ଯୁଦ୍ଧ । ମଧ୍ୟପ୍ରାଚ୍ୟରେ ହେଉଥିବା ହମଲାର ପ୍ରହାର ସିଧାସଳଖ ବିଶ୍ୱ ଅର୍ଥବ୍ୟବସ୍ଥାର ଧମନୀକୁ ମାଡ଼ କରିଛି । ବିଶ୍ୱ ଶକ୍ତି ସୁରକ୍ଷାକୁ ଲାଗିଛି ଶକ୍ତ ଧକ୍କା । ସବୁ ପ୍ରାନ୍ତରେ ଦେଖିବାକୁ ମିଳୁଛି ପ୍ରଭାବ । ତୈଳ ଦର ରକେଟ ବେଗରେ ବଢ଼ିଚାଲିଛି । ଯୋଗାଣ ଅଭାବ ଯୋଗୁ ମିଳୁନି ଏଲ୍ପିଜି । ଶିଳ୍ପ କାର୍ଯ୍ୟକଳାପ ହୋଇଛି ବ୍ୟାହତ । ଗଲଫ୍ ଦେଶଗୁଡ଼ିକର ତୈଳ ଏବଂ ଗ୍ୟାସ ଠିକଣାଗୁଡ଼ିକରେ ଆକ୍ରମଣ ଯେଉଁ ମାତ୍ରାରେ ହେଉଛି ଏହା ପ୍ରଭାବରୁ ଉଧେଇବା ପାଇଁ ବିଶ୍ୱ ଅର୍ଥବ୍ୟବସ୍ଥାକୁ ଲାଗିପାରେ ଲମ୍ବା ସମୟ । ଶକ୍ତି ଦର ବଢ଼ିବା ସହ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଦରଦାମ ତେଜିବ ଆଉ ଅଭିବୃଦ୍ଧି ସଂକୁଚିତ ହେବ । ପାରିବାରିକ ବଜେଟ୍ ପାଇବ ବାଧା ଇରାନର ସାଉଥ୍ ପାର୍ସ ଗ୍ୟାସ୍ କ୍ଷେତ୍ରରେ ଇସ୍ରାଏଲର ଆକ୍ରମଣ ପରେ ଯୁଦ୍ଧ ଏକ ନୂଆ ମୋଡ଼ ନେଇଛି । ଏଇ ଯୁଦ୍ଧରେ ପ୍ରଥମ ଥର ପାଇଁ ଇରାନ୍ର ପ୍ରମୁଖ ଶକ୍ତି ଭିତ୍ତିଭୂମି ଉପରେ ସିଧାସଳଖ ପ୍ରହାର ହୋଇଛି । ସାଉଥ୍ ପାର୍ସ ହେଉଛି ଇରାନ୍ର ପ୍ରାକୃତିକ ଗ୍ୟାସ ଉତ୍ପାଦନର ମେରୁଦଣ୍ଡ । ବିଶ୍ୱ ଯୋଗାଣ ଶୃଙ୍ଖଳର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର । ଆକ୍ରମଣକୁ ନେଇ ଇରାନର ଜବାବ ମଧ ବିସ୍ଫୋରକ ରହିଛି । ମାତ୍ର କିଛି ଘଣ୍ଟାରେ ଏହା କରିଛି ଜବାବୀ ଆକ୍ରମଣ । କାତାର, ସାଉଦି ଆରବ ଏବଂ ୟୁଏଇର ବିଭିନ୍ନ ତୈଳ ଓ ଗ୍ୟାସ ଫ୍ୟାସିଲିଟିରେ ଏହା କରିଛି ଆକ୍ରମଣ । ବିଶ୍ୱର ସର୍ବବୃହତ୍ ଏଲ୍ଏନଜି ପ୍ରୋସେସିଂ ଫ୍ୟାସିଲିଟି ଥିବା କାତାର୍ର ରାସ୍ ଲାଫାନ୍ ଶିଳ୍ପ ସହରରେ ବ୍ୟାପକ କ୍ଷତି ଘଟିଥିବା କତାର ଏନର୍ଜି ପକ୍ଷରୁ ପ୍ରକାଶ । ଆକ୍ରମଣ ପରେ ୟୁଏଇ ଏହାର ଗ୍ୟାସ୍ ଫ୍ୟାସିଲିଟି ବନ୍ଦ କରିଦେଇଛି । କୁଏତ୍ରେ ଦୁଇଟି ବିଶୋଧାଗାରରେ ଡ୍ରୋନ୍ ଆକ୍ରମଣ ହୋଇଛି । ପ୍ରମୁଖ ତୈଳ ପ୍ରକ୍ରିୟାକରଣ ହବ୍ ମୀନା-ଅଲ୍-ଅହମ୍ମଦିରେ ବି ହୋଇଛି ଆକ୍ରମଣ । ଗ୍ୟାସ କ୍ଷେତ୍ର ଏବେ ପାଲଟିଛି ରଣକ୍ଷେତ୍ର ।

ଇରାନ ଯୁଦ୍ଧ ଏହାର ସବୁ ସୀମା ଲଂଘିଯାଇଛି । ଏକ ରଣନୈତିକ ଏବଂ ସାମରିକ ମୁକାବିଲା ସହ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଏବେ ବିଶ୍ୱ ଅର୍ଥବ୍ୟବସ୍ଥାର ଧମନୀକୁ ପ୍ରହାର କରିଛି । ଶକ୍ତି ଭିତ୍ତିଭୂମି, ଯାହାକୁ ପୂର୍ବରୁ ସ୍ପର୍ଶ କରାଯାଉ ନ ଥିଲା ବର୍ତ୍ତମାନ ସେଠାରେ ତୁହାକୁ ତୁହା ଆକ୍ରମଣ । ଯୁଦ୍ଧରେ ଏବେ ଅସ୍ତ୍ର ସାଜିଛି ତୈଳ ଏବଂ ଗ୍ୟାସ । ପୂର୍ବରୁ ହୋର୍ମୁଜ ଜଳପଥରେ ତୈଳ ଏବଂ ଗ୍ୟାସ ପରିବହନ ନେଇ ଚିନ୍ତା ଥିଲା । କିନ୍ତୁ ଏବେ ଇରାନର ଗ୍ୟାସ୍ କ୍ଷେତ୍ରରେ ଇସ୍ରାଏଲର ଆକ୍ରମଣ ପରେ ଇରାନ ମଧ ପ୍ରତିଶୋଧ ପରାୟଣ ହୋଇ ଗଲ୍ଫ ଶକ୍ତି ହବ୍ ଗୁଡ଼ିକରେ କରିଛି ହମଲା । ଏସବୁର ପରିଣାମ ବିଶ୍ୱର ବିଭିନ୍ନ କୋଣରେ ଦେଖିବାକୁ ମିଳିଲାଣି ।

ଯୁଦ୍ଧ ଯୋଗୁ ବଜାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଯୋଗାଣ ଅଭାବ ଭୟରେ ବ୍ୟାରେଲ ପିଛା ବ୍ରେଣ୍ଟ କ୍ରୁଡ୍ ଦର ୧୧୦ ଡଲାରରେ ପହଞ୍ଚିଗଲାଣି । କାତାରର ଏଲ୍ଏନ୍ଜି ହବ୍ରେ ଇରାନ୍ର ଆକ୍ରମଣ ପରେ ୟୁରୋପୀୟ ଗ୍ୟାସ ଦର ୩୦%ରୁ ଅଧିକ ବଢ଼ିଯାଇଛି । ବିଶ୍ୱ ଗ୍ୟାସ ବଜାରରେ କାତାରର ଭୂମିକା ହିଁ ସ୍ଥିତିକୁ ଭୟଙ୍କର କରୁଛି । ବର୍ଷକୁ ଏହି ଦେଶ ୭୭ ନିୟୁତ ମେଟ୍ରିକ ଟନ୍ ଏଲ୍ଏନ୍ଜି ଉତ୍ପାଦନ କରିଥାଏ । ଏହା ହେଉଛି ବିଶ୍ୱର ସର୍ବବୃହତ୍ ରପ୍ତାନିକାରୀ । ଏହି ଉତ୍ପାଦନର କେନ୍ଦ୍ରବିନ୍ଦୁ ହେଉଛି ରାସ୍ ଲାଫନ, ଯାହା ବିମାନ ଇନ୍ଧନ ସମେତ ଅନେକ ବିଶୋଧିତ ଉତ୍ପାଦକୁ ଘନୀଭୂତ ପ୍ରକ୍ରିୟାକରଣ କରେ । ଗ୍ୟାସ ଏବଂ ତୈଳ ଫ୍ୟାସିଲିଟିଗୁଡ଼ିକରେ ହେଉଥିବା ଆକ୍ରମଣ ଯୋଗୁ କୁଏତ୍ରେ ହେଉଥିବା କ୍ଷତି କେବଳ ସ୍ଥାନୀୟ ଯୋଗାଣକୁ ପ୍ରଭାବିତ କରିବ ନାହିଁ । ଏହା ବିଶ୍ୱ ଗ୍ୟାସ ବଜାରର ସ୍ଥିରତା ପ୍ରତି ବିପଦ । ଏମ୍ଏସଟି ମାର୍କ୍ସର ସଲ୍ କାଭୋନିକ୍ କୁହନ୍ତି, ରାସ ଲାଫନ ଉପରେ ହମଲା ଲମ୍ବା ସମୟ ପାଇଁ ବିଶ୍ୱ ଗ୍ୟାସ ସଂକଟର କାରଣ ସାଜିବ । ଉଚ୍ଚ ଗ୍ୟାସ ଦରର ଲାଭ ଆମେରିକାକୁ ମିଳିବ । କାରଣ ଏହା ଏଲ୍ଏନ୍ଜିର ସର୍ବବୃହତ୍ ରପ୍ତାନିକାରୀ । ନୌପରିବହନ ମାର୍ଗରେ ବାଧା ଦେଖାଦେଇଛି । ହୋର୍ମୁଜ ଦେଇ ବିଶ୍ୱର ପ୍ରାୟ ୨୦% ତୈଳ ଏବଂ ଏଲ୍ଏନଜି ରପ୍ତାନି ହୋଇଥାଏ । ଏହା ଏବେ ଠପ୍ । ବର୍ତ୍ତମାନ ତୈଳ ଏବଂ ଗ୍ୟାସ ଠିକଣାଗୁଡ଼ିକରେ ତୁହାକୁ ତୁହା ହମଲା ଫଳରେ ସ୍ଥିତି ଅତ୍ୟନ୍ତ ବିକୃତ ହୋଇଛି ।

ସାମ୍ପ୍ରତିକ ସ୍ଥିତିର ପ୍ରଭାବ ୟୁରୋପରେ ଅନୁଭୂତ ହେଲାଣି । ରୟଟର୍ସର ଏକ ରିପୋର୍ଟ ଅନୁସାରେ, ପୂର୍ବ ୟୁରୋପ ଏବଂ ଇଟାଲିରେ ବିଦ୍ୟୁତ୍ ଦର ବଡ଼ ଆକାରରେ ବୃଦ୍ଧି ପାଇଛି । ଗତବର୍ଷ ତୁଳନାରେ ହଙ୍ଗେରୀ, ଇଟାଲି ଏବଂ ରୋମାନିଆରେ ବିଦ୍ୟୁତ ଦର ପ୍ରାୟ ୧୨% ବୃଦ୍ଧି ପାଇଛି । ମୂଳ କାରଣ ବୁଝିବା ସହଜ । ଇଟାଲି ଏହାର ଶକ୍ତି ଆବଶ୍ୟକତାର ପାଖାପାଖି ୩୮% ଗ୍ୟାସ୍ରୁ ଉତ୍ତୋଳନ କରିଥାଏ । ଏହା ଗ୍ୟାସ ଉପରେ ନିର୍ଭରଶୀଳ ୟୁରୋପର ସର୍ବବୃହତ୍ ଅର୍ଥନୀତି । ଏହା ପଛକୁ ରହିଛନ୍ତି ହଙ୍ଗେରି ଏବଂ ରୋମାନିଆ । ଉଭୟ ଦେଶ ନିଜର ଯଥାକ୍ରମେ ୩୨% ଏବଂ ୩୦% ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଗ୍ୟାସ୍ର ବ୍ୟବହାର କରିଥାନ୍ତି । ୨୦୨୬ରେ ଏହି ଦେଶଗୁଡ଼ିକ ସେମାନଙ୍କ ଗ୍ୟାସ୍-ଚାଳିତ ବିଦ୍ୟୁତ୍ ଉତ୍ପାଦନକୁ ବଡ଼ ଆକାରରେ ବୃଦ୍ଧି କରିଛନ୍ତି । ତେଣୁ ଗ୍ୟାସ ଫ୍ୟାସିଲିଟିଗୁଡ଼ିକରେ ହମଲାର ଅଧିକ ପ୍ରଭାବ ଏମାନଙ୍କ ଉପରେ ପଡ଼ିଛି । ● ପୃଷ୍ଠା :୩

## ମାର୍ଚ୍ଚ ୩୧ ସୁଦ୍ଧା ପାନ୍ -ଆଧାର ଲିଙ୍କ ଶେଷ ସୁଯୋଗ

ନୂଆଦିଲ୍ଲୀ (ଏଜେନ୍ସି) : ଭାରତୀୟ ଆୟକର ବିଭାଗ ପକ୍ଷରୁ ମାର୍ଚ୍ଚ ୨୦୨୬ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ନୂତନ ବିଜ୍ଞପ୍ତି ଏବଂ ନିୟମ ଜାରି କରାଯାଇଛି । ଆର୍ଥିକ ବର୍ଷ ଶେଷ ହେବାକୁ ଯାଉଥିବାରୁ ଆଧାର-ପାନ ଲିଙ୍କ୍ କରିବାର ଶେଷ ସୁଯୋଗ ଦିଆଯାଇଛି । ସରକାରଙ୍କ ନୂତନ ବିଜ୍ଞପ୍ତି ଅନୁଯାୟୀ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ଯଦି ଆପଣ ନିଜର ପାନ୍କୁ ଆଧାର ସହିତ ଲିଙ୍କ୍ କରିନାହାଁନ୍ତି, ତେବେ ଆପଣଙ୍କର ପାନ୍ କାର୍ଡ ଅକାମୀ ହୋଇଯିବ । ବର୍ତ୍ତମାନ ଏଥିପାଇଁ ଜଣେ ବ୍ୟକ୍ତି ୧,୦୦୦ ର ଜୋରିମାନା

## ଚଳିତବର୍ଷ ୨୦ହଜାର ଶିକ୍ଷକ ନିଯୁକ୍ତି ପାଇବେ: ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର (ହଓଖ) : ରାଜ୍ୟ ସରକାର ସରକାରୀ ସ୍କୁଲରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ୨୦ମାସର ବିଜେପି ସରକାରରେ ୨୨,୫୦୨ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ଚଳିତ ବର୍ଷ ଆହୁରି ୨୦ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ । ଏଥିପାଇଁ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ରଖି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ମୋଟ୍ ୨୨୦୦ ବିଦ୍ୟାଳୟକୁ ନୂଆ ରୂପ ଦିଆଯିବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଖୁବ୍‌ଶୀଘ୍ର ଏଥିରେ ୬୦୦ ବିଦ୍ୟାଳୟ ସାମିଲ୍ ହେବେ । ଚଳିତବର୍ଷ ଏଥିପାଇଁ ୧୦୧୦କୋଟି ଟଙ୍କା ବ୍ୟୟବରାଦ ହୋଇଛି । ସେହିପରି ସମଗ୍ର ଶିକ୍ଷା ପାଇଁ ୧୧୩୧ କୋଟି , ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ପାଇଁ ୭୦୯ କୋଟି,


### ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟ ପୁସ୍ତକ

## ୩୧ ରାଜ୍ୟସଭା ସାଂସଦ କୋଟିପତି



ନୂଆଦିଲ୍ଲୀ, (ଏଜେନ୍ସି) : ରାଜ୍ୟସଭାରେ ୧୪ ପ୍ରତିଶତ ଅର୍ଥାତ୍ ୩୧ ଜଣ ସାଂସଦ କୋଟିପତି ବୋଲି ଜଣାପଡ଼ିଛି । ଆସୋସିଏସନ୍ ଫର ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର) ରିପୋର୍ଟରେ କୁହାଯାଇଛି ଯେ, କୋଟିପତି ସାଂସଦଙ୍କ ମଧ୍ୟରେ ବିଜେପିର ୬ ଜଣ, କଂଗ୍ରେସର ୫ ଜଣ, ୱାଇଏସ୍ଆର କଂଗ୍ରେସ ପାର୍ଟିର ୪ ଜଣ ସାଂସଦ ଥିବାବେଳେ ଆମ୍ ଆଦ୍ମୀ ପାର୍ଟି (ଆପ୍) ଓ ଭାରତ ରାଷ୍ଟ୍ର ସମିତି (ବିଆରଏସ୍) ର ଦୁଇ ଜଣ ଲେଖାଏଁ ସାଂସଦ ଏହି ତାଲିକାରେ ଅଛନ୍ତି । ଏନ୍ସିପିର ତିନିଜଣ ସାଂସଦ ସେମାନଙ୍କ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଅଧିକ ଥିବା ଘୋଷଣା କରିଛନ୍ତି । ବିଆଏସ୍ ସାଂସଦ ବନ୍ଦୀ ପାର୍ଥ ସାରଥୀଙ୍କ ନିକଟରେ ସର୍ବାଧିକ ୫,୩୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି । ତାଙ୍କ ପରେ ଆପ୍ର ରାଜିନ୍ଦର ଗୁପ୍ତା (୫,୦୫୩ କୋଟି ଟଙ୍କା), ୱାଇଏସ୍ଆରସିପିର ଆଲ୍ଲା ଅଯୋଧ୍ୟା ରାମି ରେଡ୍ଡୀଙ୍କ ନିକଟରେ (୨୫୭୭ କୋଟି ଟଙ୍କା)ର ସମ୍ପତ୍ତି ରହିଛି । ଆପ୍ ସାଂସଦ ସନ୍ଥ ବଲବୀର ସିଂହଙ୍କ

## ମାହେନ୍ଦ୍ର ବେଳାରେ ହେବ ରତ୍ନଭଣ୍ଡାର ରତ୍ନ ଗଣତିମଣତି



ପୁରୀ (ହଓଖ) : ଆସନ୍ତା ୨୫ତାରିଖ ବୁଧବାର ରତ୍ନଭଣ୍ଡାରରୁ ଅଳଙ୍କାର ଗଣତିମଣତି ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହୋଇଛି । ମାହେନ୍ଦ୍ର ବେଳା ମାର୍ଚ୍ଚ ୨୫ଚୈତ୍ର ଶୁକ୍ଳ ସପ୍ତମୀ ତିଥି ୧୨.୦୯ ରୁ ୧.୪୫ ମଧ୍ୟରେ ହେବ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି । ଭିଡ଼ିଓଗ୍ରାଫି, ଫଟୋଗ୍ରାଫି, ୩ଡି ମ୍ୟାପିଙ୍ଗ୍ ହେବ । ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର ଗଣତିମଣତି ହେବ । ୧୯୭୮ ମସିହାର ଗଣତି ମଣତି ପୂର୍ଣ୍ଣାଙ୍ଗ ତାଲିକା ରହିଛି । ତାଲିକା ଅନୁଯାୟୀ ମେଳକ ହେବ । ସ୍ୱର୍ଣ୍ଣ ଅଳଙ୍କାର ହଳଦିଆ ରଙ୍ଗର ଭେଲଭେଟ କନାରେ ଗୁଡ଼ାଯାଇ ଟିଣ ବାକ୍ସ ଓ ପରେ ତାକୁ ସିନ୍ଧୁକରେ ରଖାଯିବ । ରୌପ୍ୟ ଅଳଙ୍କାର ଧଳା ବା ସିଲଭର ରଙ୍ଗ ଓ ଅନ୍ୟାନ୍ୟ ଅଳଙ୍କାର ଲାଲ ରଙ୍ଗ ଭେଲଭେଟ କନାରେ ଗୁଡ଼ାଯାଇ ରଖାଯିବ । କେବଳ ମେଳକ, ଗଣତି କରାଯିବ । କୌଣସି ମୂଲ୍ୟାୟନ ହେବ ନାହିଁ । କେବେ ସଂପୂର୍ଣ୍ଣ ଗଣତିମଣତି ସରିବ କହି ହେବ ନାହିଁ । ପାରମ୍ପରିକ ବସ୍ତ୍ର ପିନ୍ଧି ହେବ ଗଣତିମଣତି । ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପାଇଁ ସୁପରଭାଇଜିଂ ଟିମ୍, ● ପୃଷ୍ଠା :୩




## ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଓଡିଶା ଅଗ୍ରଣୀ ରାଜ୍ୟ : ମୁଖ୍ୟମନ୍ତ୍ରୀ

# ନୂଆ ରୂପ ପାଇବ କଟକ ମହାନଦୀ ରିଭର ଫ୍ରଣ୍ଟ



ଭୁବନେଶ୍ୱର (ହଓଖ) : ପ୍ରକୃତିର ଅନନ୍ୟ ବରଦାନ ହେଉଛି ଆମର ସବୁଜ ବନାନୀ । ଏହା ଆମ ଜୀବନ ଓ ଜୀବିକାର ଆଧାର ଅଟେ । ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମନୁଷ୍ୟକୃତ ଜଙ୍ଗଲ ନିଆଁ କ୍ଷେତ୍ରରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସୁସ୍ଥ ପରିବେଶ ତଥା ମନୁଷ୍ୟ ଜୀବନରେ ବଣ ଜଙ୍ଗଲର ମହତ୍ତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆମେ ଏହି ବିଶ୍ୱ ବନ ଦିବସ ପାଳନ କରୁଛୁ । ଜଙ୍ଗଲ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ । ଉତ୍ତମ ବନ ପରିଚାଳନା ପଦ୍ଧତି, ବ୍ୟାପକ ବୃକ୍ଷରୋପଣ ଓ ଜନସଚେତନତା ଜରିଆରେ ଆଜି ଓଡିଶା ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠ ଲାଭ କରିଛି । ଗତ ଦୁଇ ବର୍ଷ ମଧ୍ୟରେ କେବଳ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ଘଟିଛି । ବର୍ତ୍ତମାନ ରାଜ୍ୟର ସମୁଦାୟ ଭୂମି କ୍ଷେତ୍ରର ୩୭.୬୩ ପ୍ରତିଶତ ଅର୍ଥାତ ୫୮,୫୯୭ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣରେ ପରିପୂର୍ଣ୍ଣ ।ଚଳିତ ବର୍ଷ ବିଶ୍ୱ ବନ ଦିବସ ପାଳନର ବିଷୟବସ୍ତୁ 'ଜଙ୍ଗଲ ଓ ଅର୍ଥନୀତି' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଙ୍ଗଲ କେବଳ ପରିବେଶ ପାଇଁ ନୁହେଁ, ବରଂ ଆମ ରାଜ୍ୟ, ● ପୃଷ୍ଠା :୩




ଡ଼ଃ ବ୍ୟୋମକେଶ କାନୁନଗୋ
(ମୁଖ୍ୟ ସମ୍ପାଦକ)

ଆମେରିକା-ଇସ୍ରାଏଲ ମିଳିତ ଭାବେ ଇରାନ୍ ସହିତ ଯୁଦ୍ଧ କରୁଛନ୍ତି। ଇସ୍ରାଏଲ-ହମାସ୍ ସଂଘର୍ଷ ପ୍ରାୟ ଅଢ଼େଇ ବର୍ଷ ଧରି ଚାଲିଥିବା ବେଳେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୪ ବର୍ଷ ଅତିକ୍ରମ କରିଗଲାଣି। ଇରାନ୍ ସହିତ ଲାଗି ରହିଥିବା ଯୁଦ୍ଧର ବ୍ୟାପକ ରୂପ ସହିତ ସିଧାସଳଖ ପେଟ୍ରୋଲିୟମ୍ କାରବାର ଯୋଗୁ ଆଜି ସମଗ୍ର ପୃଥିବୀ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇସାରିଲାଣି। ଏଭଳି ସ୍ଥଳେ ଏସିଆ ମହାଦେଶର ଦୁଇ ପଡ଼ୋଶୀ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଜୋରଦାର ସଂଘର୍ଷ ଲାଗି ରହିଥିଲେ ମଧ୍ୟ ତାହା ବିଶ୍ୱ ନଜରରେ ଅଣଦେଖା ହୋଇରହିଛି। ଦେଖିବାକୁ ଗଲେ ଏହା ଅନ୍ୟ ଏକ ପୂର୍ଣ୍ଣକାଳୀନ ଯୁଦ୍ଧ ପାଇଁ ନିଆଁ ପକାଉଛି ବୋଲି ସାମ୍ପ୍ରତିକ ସ୍ଥିତିରୁ ବୁଝାପଡୁଛି। ପାକିସ୍ତାନ ୧୬ ମାର୍ଚ୍ଚ ରାତିରେ ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ଏକ ହସ୍ପିଟାଲ ଉପରେ ବିମାନ ଯୋଗେ ଆକ୍ରମଣ କରି ୪୦୦ ଲୋକଙ୍କୁ ମାରିଦେଇଥିବା ବେଳେ ୨୫୦ ଆହତ ହୋଇଥିବା ଖବର ମିଳିଛି। ଉପରୋକ୍ତ ଆକ୍ରମଣ ଫେବୃଆରୀ ୨୬ରୁ ପାକିସ୍ତାନ ପକ୍ଷରୁ ଆରମ୍ଭ ହୋଇଥିବା 'ଅପରେଶନ ଘଜାବ ଲିଲ୍ ହକ୍'ର ଅଂଶବିଶେଷ ବୋଲି କୁହାଯାଉଛି। କଠୋର ମୁସଲିମ୍ ଆଇନ ଅନୁସରଣ କରିବା, ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆଡ୍ଡା ଜରିଆରେ ହିଂସାକାଣ୍ଡ ଘଟାଉଥିବା ଦୁଇଟି ଦେଶ ମଧ୍ୟରେ କେଉଁ କାରଣ ଯୋଗୁ ସଦ୍ୟ ଦ୍ୱନ୍ଦ୍ୱ ଲାଗିରହିଛି, ତାହା ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଆଧୁନିକ ଇତିହାସକୁ ଦେଖିଲେ ପାକିସ୍ତାନ ଓ ଆଫଗାନିସ୍ତାନ କୌଣସି ଭାବେ ପୂର୍ଣ୍ଣକାଳୀନ ଯୁଦ୍ଧ କରିନାହାନ୍ତି। ସୀମାନ୍ତରେ ଛୋଟମୋଟ ସଂଘର୍ଷ ଦେଖାଦେଇ ଆସୁଥିବା ବେଳେ ୨୦୨୧ରେ ତାଲିବାନ୍ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିବା ପରେ ଲଢ଼େଇ ତୀବ୍ର ହୋଇଛି। ଏହାର ମୂଳ କାରଣ ଉଭୟ ଦେଶ ମଧ୍ୟରେ ଟଣାଯାଇଥିବା ୨,୬୪୦ କିଲୋମିଟର ବିଶିଷ୍ଟ ଡୁରାଣ୍ଡ ଲାଇନ୍ । ୧୮୯୩ରେ ବ୍ରିଟିଶ୍ ଔପନିବେଶିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହା ଟଣାଯାଇଥିଲା। ପାକିସ୍ତାନ ଏହାକୁ ଅନ୍ତର୍ଜାତୀୟ ସୀମା ଭାବେ ସ୍ୱୀକାର କରୁଥିବା ବେଳେ ଆଫଗାନିସ୍ତାନ ଏପରିକି ବର୍ତ୍ତମାନର ତାଲିବାନ୍ ସରକାର ଏହାକୁ ଗ୍ରହଣ କରୁନାହିଁ। ଆଫଗାନିସ୍ତାନ ଏହାକୁ ଏକ ଔପନିବେଶିକ ରେଖା ଭାବେ ଦେଖୁଛି, ଯାହା ପସ୍ତୁନ ସମ୍ପ୍ରଦାୟକୁ ବିଭାଜନ କରିଥାଏ। ଏଭଳି ଅସମ୍ମତି ଦୁଇ ଦେଶ ମଧ୍ୟରେ ସୀମା ବିବାଦକୁ ଉସ୍ କାଉଥିବା ବେଳେ ସ୍ଥଳବିଶେଷରେ ସାମରିକ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଘଟଣା ବଢ଼ିଯାଉଛି। ଇସ୍ଲାମାବାଦର ଅଭିଯୋଗ ହେଉଛି ଯେ, ଆଫଗାନିସ୍ତାନର ତାଲିବାନ୍ ସରକାର ଆତଙ୍କବାଦୀ ସଙ୍ଗଠନ ତେହେରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି)କୁ ସମର୍ଥନ କରି ପାକିସ୍ତାନ ଭିତରେ ବାରମ୍ବାର ଆକ୍ରମଣ କରୁଛି। ଏହିଭଳି ଦୋଷାରୋପ ଭାରତ ତରଫରୁ ପାକିସ୍ତାନ ବିରୋଧରେ ବାରମ୍ବାର ଶୁଣିବାକୁ ମିଳିଥାଏ। ଏଥିରୁ ବୁଝିବାକୁ ହେବ ଯେ, ଭାରତର ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟରେ କୌଣସି ବୁଝାମଣା ହୋଇପାରୁ ନାହିଁ। ଗୋଟିଏ ପଟେ ଆଫଗାନିସ୍ତାନ ସହିତ ପାକିସ୍ତାନର ଯୁଦ୍ଧ ଚାଲିଥିବା ବେଳେ ପୂର୍ବରେ ମିଲିଟାରୀ ଶାସିତ ବର୍ମା ଅଶାନ୍ତ ରହିଛି। ଥାଇଲାଣ୍ଡର କାମ୍ବୋଡିଆ ସାଙ୍ଗରେ ସିଧାସଳଖ ଯୁଦ୍ଧ କୁହୁଳୁଛି। ଏଭଳି ପରିସ୍ଥିତିରେ ଭାରତରେ ଦେଖାଦେଉଥିବା ଶାନ୍ତି କେତେଦୂର ବଜାୟ ରହିବ କହିବା କଷ୍ଟକର। ଅନେକ ଭାରତୀୟ ସରକାରଙ୍କୁ ସମର୍ଥନ କରି କହୁଛନ୍ତି ଯେ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଅର୍ଥାତ୍ ଦୁବାଇ, ଆବୁଧାବି, ସାର୍ଜାହ ଆଦି ସ୍ଥାନରେ ଯୁଦ୍ଧ ଲାଗିଥିବା ବେଳେ ଭାରତରେ ଆମେ ସୁରକ୍ଷିତ ରହିଛୁ। ଆଜିର ପୃଥିବୀରେ କୌଣସି ସ୍ଥାନ ଯୁଦ୍ଧମୁକ୍ତ ବା ଅଶାନ୍ତରହିତ ବୋଲି କହିବା ବୋକାମି। ଯେମିତି ଅର୍ଥନୈତିକ ସଙ୍କଟ ସମଗ୍ର ବିଶ୍ୱରେ ପ୍ରଭାବ ପକାଉଛି, ସେହିଭଳି ଭୂରାଜନୈତିକ ସ୍ଥିତିକୁ ଦେଖିଲେ କୌଣସି ଏକ ଭୂଖଣ୍ଡ ଅଶାନ୍ତ ରହିଥିଲେ ତାହାର ପ୍ରଭାବ ଅନ୍ୟ ଅଞ୍ଚଳ ଉପରେ ପଡ଼ିବାର ସମ୍ଭାବନା ରହିଛି। ଭାରତରେ ଆଜିର ସ୍ଥିତିକୁ ବଜାୟ ରଖିବାକୁ ହେଲେ ସାଧାରଣ ନାଗରିକଙ୍କ ସମେତ ସବୁ ରାଜ୍ୟର ସରକାର ଓ କେନ୍ଦ୍ର ସରକାର ମିଳିତ ଭାବେ ଏବଂ ସଚେତନ ହୋଇ ସର୍ବଦା ଚେଷ୍ଟିତ ରହିବାକୁ ହେବ। ନଚେତ୍ କେତେବେଳେ ଗୋଡ଼ ଖସିଯିବ ତାହାର ଭବିଷ୍ୟବାଣୀ କେହି କରିପାରିବେ ନାହିଁ।

## ଏକ ଭୟାବହ ବାସ୍ତବିକତାକୁ ଲୋକଲୋଚନକୁ ଆଣିଛି

# କେରଳା ଷ୍ଟୋରୀ – ୨

■ ଡ. ସମନ୍ୱୟ ନନ୍ଦ ...

ବେଳେ ବେଳେ ଏପରି ହୁଏ ଯେ କିଛି ବାସ୍ତବିକତା ଓ ସତ ଯାହା ଆମ ଆଖି ପାଖରେ ଘଟୁଥାଏ ଓ ଆମେ ତାକୁ ଜାଣିଥାଉ ଓ ଅନୁଭବ ମଧ୍ୟ କରିଥାଉ । ସେହି ବାସ୍ତବିକତା ଓ ସତ ଅତ୍ୟନ୍ତ ନିର୍ଦ୍ଦୟୀ ହୋଇଥାଏ । ତେଣୁ ଆମେ ଉକ୍ତ ବାସ୍ତବିକତା ଓ ସତ ଉପରେ ଆଲୋଚନା କରି ନ ଥାଉ । କହିବାକୁ ଗଲେ ଆମେ ସେହି ବିଷୟ ଉପରେ ସାର୍ବଜନୀନ ଭାବେ ଆଲୋଚନା କରିବାକୁ ଭୟ କରିଥାଉ । ଠିକ୍ ଏହି ପରି ଏକ ଘଟଣା ହେଉଛି ଲଭ ଜିହାଦର ଘଟଣା । ଯାହାକୁ ଆମେ ପ୍ରତିଦିନ ଖବର କାଗଜରେ ସୋସିଆଲ ମିଡିଆରେ ଓ ଟେଲିଭିଜନ ଚ୍ୟାନେଲରେ ଦେଖୁ । "ମଜହବ ନହିଁ ସିଖାତା ଆପସ ମେଁ ବୈର ରଖନା" କବିତାର ଲେଖକ ଏଭଳି ଲେଖି ଲେଖି ସେହି ମଜହବ ଆଧାରରେ ୧୯୪୭ ମସିହାରେ ଭାରତର ବିଭାଜନ କରାଇ ଦେଲେ ଓ ଭାରତର ପବିତ୍ର ଭୂମିକୁ ଖଣ୍ଡ ଖଣ୍ଡ କରି ପାକିସ୍ତାନ ନିର୍ମାଣ କରାଇ ଦେଲେ । ହେଲେ ଭାରତର ସ୍ୱାଧୀନତା ପରେ ସେକୁଲାରିଜମ ନାମକ ବଟିକା ଲଗାତାର ଶାସନ ପକ୍ଷରୁ ନାଗରିକ ମାନଙ୍କୁ ଖୁଆ ଯିବା କାରଣରୁ ଦେଶ ବିଭାଜନ ପରେ ମଧ୍ୟ ଦେଶର ଏକ ବଡ ବର୍ଗ ସେହି ସମାନ ଗୀତ "ମଜହବ ନହିଁ ସିଖାତା ଆପସ ମେଁ ବୈର ରଖନା" ଏବେ ମଧ୍ୟ ଗାଉଛନ୍ତି । ଏପରି ନୁହେଁ ଯେ ଏହି ତଥାକଥିତ ସେକୁଲାର ମାନେ ଭାରତୀୟ ସମାଜରେ ଘଟୁଥିବା ଏହି ଭୟାବହ ବାସ୍ତବିକତାକୁ ଦେଖୁ ନାହାନ୍ତି ବା ବୁଝୁ ନାହାନ୍ତି ତଥାପି ସେମାନେ ଏହାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନାହାନ୍ତି।

ଏହି ଭଳି ଏକ ଭୟାବହ ବାସ୍ତବିକତାକୁ ସିନେମା ପରଦାରେ ଆଣିଛି କେରଳା ଷ୍ଟୋରୀ – ଗୋଜ ବିୟଣ୍ଡ । ଏହି ସିରିଜର ପୂର୍ବବର୍ତୀ ଫିଲ୍ମରେ କିଭଳି ଭାବେ କିଛି ଯୁବତୀ ମାନଙ୍କୁ ଇସଲାମରେ କନଭର୍ଟ କରି ଆଇଏସଆଇଏସରେ ସାମିଲ କରି ସେଠାରେ ସେମାନଙ୍କୁ ସେକ୍ସ ସ୍ଲେଭ କରାଯାଉଥିବାର ଘଟଣାକୁ ଦେଖାଇଥିଲା, ଚଳିତ ଫିଲ୍ମ କେରଳା ଷ୍ଟୋରୀ –୨ରେ ଏହି ଲଭ ଜିହାଦ ଜରିଆରେ କିଭଳି ଭାବେ ଭାରତର ଡେମୋଗ୍ରାଫିକ ପାଟର୍ନକୁ ପରିବର୍ତନ କରିବାକୁ ସୁନିୟୋଜିତ ଭାବେ ରାକେଟ ଚଳାଯାଉଥିବାର ଅତ୍ୟନ୍ତ ନିଖୁଣତାର ସହ ଦର୍ଶାଯାଇଛି । ୧୯୪୭ ମସିହାରେ ଭାରତକୁ ଦୁଇ ଖଣ୍ଡ କରି ପାକିସ୍ତାନ ନିର୍ମାଣ କରିବା ପରେ କିଭଳି ଭାବେ ୨୦୪୭ ସୁଦ୍ଧା କିଭଳି ସାରା ଭାରତକୁ ଗଜୱା ଏ ହିନ୍ଦରେ ପରିଣତ କରିବାକୁ ବ୍ୟାପକ ଓ ଭୟଙ୍କର ଷଡଯନ୍ତ୍ର କରାଯାଉଛି ତାକୁ ଦର୍ଶାଯାଇଛି ।

ଭାରତ ସରକାର ଓ ଭାରତର ପ୍ରଧାନମନ୍ତ୍ରୀ ଯେତେବେଳେ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶ ଭାବେ ଗଢି ତୋଳିବାକୁ ଆହ୍ୱାନ କରୁଛନ୍ତି ଓ ଦେଶ ଏହି ଲକ୍ଷ୍ୟକୁ ହାସଲ କରିବାକୁ ଚେଷ୍ଟିତ ଅଛି, ଠିକ ସେତିକି ବେଳେ ଚୁପଚାପ ଭାବେ ଭାରତକୁ ଇସଲାମୀ ଦେଶ କରିବାକୁ ଦେଶର ବିଭିନ୍ନ ଅଂଚଳରେ ଛୋଟ ଛୋଟ ପ୍ରୟାସ କରାଯାଉଛି ।

ଏହି ଫିଲ୍ମ ପାଇଁ ଖୁବ ରିସର୍ଚ କରାଯାଇଛି । ଗତ ଦୁଇ – ତିନି ବର୍ଷ ଧରି ଉତର ପ୍ରଦେଶ, ମଧ୍ୟ ପ୍ରଦେଶ, ବିହାର, ଗୁଜରାତ ପରି ରାଜ୍ୟରେ ଲଭ ଜିହାଦକୁ ସୁନିୟୋଜିତ ଭାବେ କରାଇବା ପାଇଁ ତନ୍ତ୍ର କାମ କରୁଥିବା ନେଇ ପୋଲିସ ଅନୁସନ୍ଧାନ ପରେ ସ୍ପଷ୍ଟ ହୋଇ ସାରିଛି। ହିନ୍ଦୁ ଝିଅ ମାନଙ୍କୁ ପ୍ରେମ ଜାଲରେ ଫସାଇବା ପାଇଁ ଆର୍ଥିକ ପ୍ରୋତ୍ସାହନ ମଧ୍ୟ ଦିଆଯାଉଥିବା ପୋଲିସ ଅନୁସନ୍ଧାନରୁ ଜଣା ପଡିଛି । ଆମେ ଆମ ଆଖି ପାଖରେମଧ୍ୟ ଏପରି ଘଟଣା ଘଟୁଥିବା ଦେଖି ପାରିବା । ଓଡିଶାରେ ମଧ୍ୟ କେନ୍ଦ୍ରାପଡା ଜିଲ୍ଲାରେ ଜଣେ ମୁସଲମାନ ମହିଳା ତାର ସ୍ୱାମୀକୁ ହିନ୍ଦୁ ଝିଅକୁ ପ୍ରେମ ଜାଲରେ ଫସାଇ ନିକାହ କଲେ ଆର୍ଥିକ ପ୍ରୋତ୍ସାହନ ମିଳୁଛି ବୋଲି ଖୋଲାଖୋଲି ଭାବେ ଅଭିଯୋଗ କରିଥିଲେ । ପୋଲିସ ଏହି ଅଭିଯୋଗକୁ କେତେ ଗୁରୁତ୍ୱର ସହ ନେଲା ତାହା ଜଣା ନାହିଁ । ହେଲେ ଉତର ପ୍ରଦେଶ ପରି ରାଜ୍ୟରେ ଏହି କାର୍ଯ୍ୟ କରୁଥିବା ମୁସଲମାନ ଯୁବକ ମାନଙ୍କୁ ରାକେଟ ଚଳାଉଥିବା ରାକେଟର ସର୍ଦାର ମାନେ ଲକ୍ଷ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଦେଉଥିବାର ପ୍ରମାଣ ମିଳି ସାରିଛି ।

ଯେପରିକି ଉପରେ ଉଲ୍ଲେଖ କରାଯାଇଛି ଯେ ଏହି ଫିଲ୍ମରେ ଘଟଣାବଳୀକୁ ତିନୋଟି ଭିନ୍ନ ଭିନ୍ନ ରାଜ୍ୟର ଭିନ୍ନ ଶହରର କାହାଣୀକୁ ସାମିଲ କରାଯାଇଛି । କେରଳର କୋଚି, ରାଜସ୍ଥାନର ଯୋଧପୁର ଓ ମଧ୍ୟ ପ୍ରଦେଶର ଗ୍ୱାଲିୟରର ତିନୋଟି ଘଟଣାକୁ ଏଥିରେ ଚିତ୍ରିତ କରାଯାଇଛି । କେରଳା ଷ୍ଟୋରୀ –୨ ରେ ଆଉ ଏକ କଥା ସ୍ପଷ୍ଟ ଭାବେ ଦର୍ଶା ଯାଇଛି ଯେ ଯେଉଁ ମୁସଲମାନ ଯୁବକ ମାନେ ଲଭ ଜିହାଦ କାର୍ଯ୍ୟ କରୁଥାନ୍ତି ସେମାନଙ୍କୁ ସେମାନଙ୍କ ପରିବାରର ସଦସ୍ୟ ଏପରିକି ମହିଳା ମାନଙ୍କର ମଧ୍ୟ ପୂର୍ଣ ସମର୍ଥନ ରହିଥାଏ । ବନ୍ଦେ ମାତରମକୁ ମଜହବ ବିରୋଧୀ ବୋଲି କହୁଥିବା ଲୋକ ମାନେ ହିନ୍ଦୁ ଝିଅ ମାନଙ୍କୁ ପ୍ରେମ ଜାଲରେ ଫସାଇବା ପାଇଁ ନିଜର ହିନ୍ଦୁ ନାମ ଦେବା ସହିତ ମନ୍ଦିର ଯାଇ ଦେବତାଙ୍କ ଆଗରେ ନତ ମସ୍ତକ ହୋଇଥାନ୍ତି । ଏପରି କରିବାର ଏକ ମାତ୍ର ଉଦ୍ଦେଶ୍ୟ ହେଲା ଯେ ହିନ୍ଦୁ ଝିଅଙ୍କୁ ମିଛ କହି ଫସାଇବା । ଥରେ ଏହି କାର୍ଯ୍ୟରେ ସଫଳ ହେବା ପରେ ସେମାନଙ୍କର ଅସଲ ରୂପ ଦେଖିବାକୁ ମିଳିଥାଏ ଓ ସେମାନଙ୍କୁ ବିଭିନ୍ନ ପ୍ରକାରର ଚାପ ପକାଇ ସେମାନଙ୍କୁ ଇସଲାମରେ କନଭର୍ଟ କରିଥାନ୍ତି । ଏଭଳି ଖବର ଗଣମାଧମରେ ବାରମ୍ବାର ପୃଷ୍ଠାମଣ୍ଡନ କରୁଛି । ଯାହାକୁ ଆମେ ସବୁଦିନ ପଢୁଛେ । ଏଠାରେ ପ୍ରଶ୍ନ ଉଠିପାରେ ଯେ ଯଦି କେହି କାହାକୁ ପ୍ରେମ କରୁଛି ତେବେ ତାର ନାମକୁ ବଦଳା ହିନ୍ଦୁ ନାମ ରଖିବାର ଉଦ୍ଦେଶ୍ୟ କଣ । ଏହାର କାରଣ ହେଲା ଯେ ପ୍ରେମ ତାଙ୍କର ଉଦ୍ଦେଶ୍ୟ ନୁହଁ ବରଂ ଗୋଟିଏ ହିନ୍ଦୁ କନ୍ୟାକୁ କନଭର୍ଟ କରି ଇସଲାମକୁ ଆଣିବା ସେମାନଙ୍କର ଲକ୍ଷ୍ୟ । ସେହିପରି ଅନେକ ମୁସଲମାନ ଅଛନ୍ତି ଯେଉଁ ମାନେ ନିଜକୁ ପ୍ରଗତିଶୀଳ ବୋଲି ଦାବି କରିଥାନ୍ତି । ହେଲେ ସେମାନେ କେବଳ ଏହା ଦେଖାଇବା ପାଇଁ କରିଥାନ୍ତି । ବାସ୍ତବରେ ସେମାନଙ୍କର ମଧ୍ୟ ଉଦ୍ଦେଶ୍ୟ ଭାରତକୁ ଗଜୱା ଏ ହିନ୍ଦରେ ପରିଣତ କରିବା । ଏହି ଫିଲ୍ମରେ ମଧ୍ୟ କେରଳର ଜଣେ ସେକୁଲାର ସାମ୍ବାଦିକଙ୍କୁ ଏହି ଚରିତ୍ରରେ ଦର୍ଶାଯାଇଛି। ସେହିପରି ଲଭ ଜିହାଦରେ ଜାଲରେ ଫସାଇ ହିନ୍ଦୁ ଝିଅ ମାନଙ୍କୁ ବେଶ୍ୟାବୃତିରେ ଲଗାଇ ଦେବା ଭଳି ଘଟଣାକୁ ମଧ୍ୟ ଏଥିରେ ଦେଖା ଯାଇଛି । ସିନେମାରେ ଦେଖା ଦେଇଥିବା ସମସ୍ତ ଚରିତ୍ର ଓ କାହାଣୀ ଆଦୌ କଳ୍ପନା ନୁହେଁ ବରଂ ଭାରତରେ ଘଟି ସାରିଥିବା ଓ ନ୍ୟାୟାଳୟରେ ଚାଲୁଥିବା ମାମଲାର ବିଚାର ଆଧାରରେ ତିଆରି ହୋଇଛି । ତେଣୁ ଯଦି କେହି ଏହାକୁ କାଳ୍ପନିକ ବୋଲି କହୁଛି ତେବେ ସେ ସତ ଉପରୁ ଆଖି ବୁଜି ଦେବାକୁ ଚାହୁଁଛି ।

ଜଣେ ବାମପନ୍ଥୀ ଫିଲ୍ମ ନିର୍ଦ୍ଦେଶକ ଅନୁରାଗ କାଶ୍ୟପ ଏହି ଫିଲ୍ମକୁ ପ୍ରପାଗଣ୍ଡା ବୋଲି କହିଛନ୍ତି । ଏଠାରେ କାଶ୍ୟପ କୌଣସି ବ୍ୟକ୍ତି ନୁହନ୍ତୁ ବରଂ ସେକୁଲାର ମାନଙ୍କର ପ୍ରତୀକ । ସେ ଏହି ଫିଲ୍ମକୁ ନେଇ ପ୍ରତିକ୍ରିୟା ବେଳେ କହିଛନ୍ତି ଯେ ଯେଭଳି ଭାବେ ଫିଲ୍ମରେ ଏକ ହିନ୍ଦୁ ଝିଅକୁ ଜୋର ଜବରଦସ୍ତି କନଭର୍ଟ କରିବାକୁ ବିଫ ଖୁଆଉଥିବା ଦୃଶ୍ୟ ଦେଖା ଯାଇଛି ସେଭଳି କେବେ ହୋଇ ନ ଥାଏ । ଏଭଳି ତ କାହାକୁ ଖେଚୁଡି ମଧ୍ୟ ଖୁଆ ଯାଇ ନ ଥାଏ ବୋଲି ସେ କହିଛନ୍ତି ।

କାଶ୍ୟପ ବୋଧ ହୁଏ ବାହାର ଦୁନିଆରେ ଅଛନ୍ତି । ନ ହେଲେ ସେ ଏଭଳି କଥା କହି ନ ଥାନ୍ତେ । ଅନୁରାଗ କଶ୍ୟପ ବୋଧ ହୁଏ ଝାଡଖଣ୍ଡର ପ୍ରସିଦ୍ଧ ରାଷ୍ଟ୍ରୀୟ ସ୍ତରର ଶୂଟର ତାରା ଶହଦେବଙ୍କ ସହ ଘଟିଥିବା ହୃଦୟ ବିଦାରକ ଘଟଣାକୁ ଭୁଲି ଯାଇଛନ୍ତି । ୨୦୧୪ ମସିହା ସମୟର କଥା । ରଣଜିତ କୋହଲୀ ନାମକ ଜଣେ ବ୍ୟକ୍ତି ତାଙ୍କୁ ପ୍ରେମ କରି ବିବାହ କଲେ। ଧୁମଧାମରେ ବାହାଘର ହେଲା ।ପରେ ଜଣା ପଡିଲା ସେ ରଣଜୀତ ନୁହେଁ ତାର ଅସଲ ନାମ ହେଲା ରକିବୁଲ ହସନ । ଏହା ପରେ ରକିବୁଲ ହସନ ଓ ତା ମା ମିଶି ତାରାଙ୍କୁ ଇସଲାମରେ କନଭର୍ଟ କରିବାକୁ ଚେଷ୍ଟା କରିବା ସହ ବିଫ ଖୁଆଇବାକୁ ଚେଷ୍ଟା କରିଥିଲେ । ତେବେ ତାରା ଏହା ବିରୁଦ୍ଧରେ ଲଢିଲେ ତଥା ୨୦୨୩ ମସିହାରେ କୋର୍ଟ ରକିବୁଲ ଓ ତାର ପରିବାର ସଦସ୍ୟଙ୍କୁ ଦଣ୍ଡିତ କରିଛନ୍ତି । ଆଖି ସାମନାରେ ପ୍ରମାଣ ଥାଇ ମଧ୍ୟ ଆମେ ବାସ୍ତବିକତାକୁ ମାନିବାକୁ ପ୍ରସ୍ତୁତ ନାହୁଁ ।

ତେଣୁ ଏହି ଫିଲ୍ମ ବାସ୍ତବରେ ଛୋଟ ଛୋଟ ଝିଅ ମାନଙ୍କୁ ଜାଗରଣ କରିବାର କାର୍ଯ୍ୟ କରିବ। ଯଦି କାହାକୁ ଏହି ଫିଲ୍ମ ପସନ୍ଦ ନୁହେଁ ତେବେ ସେମାନେ ନ ଦେଖନ୍ତୁ। ହେଲେ ଏହି ଫିଲ୍ମରେ ବାସ୍ତବିକତା ନାହିଁ ବୋଲି କହିବା ପୀଡିତା ଓ ସେମାନଙ୍କ ପରିବାରବର୍ଗ ପ୍ରତି ଅପମାନ ।

**ଖାରବେଳ ନଗର, ଭୁବନେଶ୍ୱର**
**ମୋ.- ୯୪୩୮୪୧୩୭୦୪**

# ଉତ୍କଳ ପ୍ରାଣ ବ୍ରଜସୁନ୍ଦର

■ ପଣ୍ଡିତ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର ...

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ କର୍ଣ୍ଣଧାର ସାଜିଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମୁଖ୍ୟ ସହଯୋଗୀ ଥିଲେ ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସ । ଜାତି ପାଇଁ ମଧୁସୂଦନ ଯେପରି ଦେବାଳିଆ ହୋଇଥିଲେ, ବ୍ରଜସୁନ୍ଦର ମଧ୍ୟ ସେପରି ଦେବାଳିଆ ହୋଇଥିଲେ । ବ୍ରଜସୁନ୍ଦର ଏକାଧାରରେ ଥିଲେ ଉତ୍କଳପ୍ରାଣ, ସ୍ୱାଭିମାନୀ, ସତ୍ୟନିଷ୍ଠ, ନିର୍ଭୀକ, ଦେଶପ୍ରେମୀ, ନିଃସ୍ୱାର୍ଥପର ରାଜନୀତିଜ୍ଞ, ଆଦର୍ଶ ବିଧାୟକ, ବିଶିଷ୍ଟ ଚିନ୍ତାନାୟକ, ତ୍ୟାଗୀ, ସୁ-ସାହିତ୍ୟିକ, ସୃଜନଶୀଳ ସମ୍ପାଦକ ଓ କର୍ତ୍ତବ୍ୟନିଷ୍ଠ । ଓଡ଼ିଶାର ଏକତ୍ରୀକରଣ, ଓଡ଼ିଆ ଭାଷା ସୁରକ୍ଷା ଓ ଓଡ଼ିଆ ସାହିତ୍ୟର ସମୃଦ୍ଧି ଥିଲା ତାଙ୍କ ଜୀବନର ବ୍ରତ । ତାଙ୍କ କାର୍ଯ୍ୟାବଳୀ, ପ୍ରଜ୍ଞା, ପ୍ରତିଭା ଓ ପ୍ରତିବଦ୍ଧତା ଅନନ୍ୟ ଓ ଅନୁପମ ।

ବ୍ରଜସୁନ୍ଦର ୧୮୮୦ ଜୁଲାଇ ୨ ତାରିଖରେ ଯାଜପୁର ଜିଲ୍ଲା କଣ୍ଟାବଣିଆ ଗ୍ରାମରେ ତିସାଣିଆ ଜମିଦାର ବଂଶରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଶ୍ୟାମସୁନ୍ଦର ଦାସ ଥିଲେ ତତ୍କାଳୀନ ଟ୍ରିବ୍ୟୁଟାରୀ ମାହାଲର ସୁପରିଟେଣ୍ଡେଣ୍ଟ ଏବଂ ପ୍ରପିତା ହରେକୃଷ୍ଣ ଦାସ ଥିଲେ ପ୍ରଥମ ଓଡ଼ିଆ ଡେପୁଟି ମାଜିଷ୍ଟ୍ରେଟ୍ । ବ୍ରଜସୁନ୍ଦରଙ୍କ ଶ୍ୱଶୁର ରାୟବାହାଦୂର ସୁଦାମ ଚରଣ ନାୟକ ମଧ୍ୟ ଡେପୁଟି ମାଜିଷ୍ଟ୍ରେଟ୍ ଥିଲେ । ୧୯୦୦ ମସିହାରେ ରେଭେନ୍ସା କଲେଜ୍‌ରୁ ଏଫ୍.ଏ. ପାସ୍ କରିବା ପରେ ସେ କଲିକତାର ପ୍ରେସିଡ଼େନ୍ସି କଲେଜ୍‌ରେ ପଢ଼ିଲେ ଓ କୃତିତ୍ୱର ସହ ବି.ଏ. ପାସ୍ କରି ଓଡ଼ିଶାର ତୃତୀୟ ଗ୍ରାଜୁଏଟ୍ ହୋଇପାରିଥିଲେ । ଆଦିନେତା ବିଚିତ୍ରାନନ୍ଦ ଦାସ ଥିଲେ ତାଙ୍କ ଭାଇ ବିରାଦର । ବିଚିତ୍ରାନନ୍ଦ ଓଡ଼ିଶାରେ ନବଯୁଗର ସୂତ୍ରପାତ କରିଥିଲେ ଓ ମଧୁସୂଦନଙ୍କ ବହୁ ପୂର୍ବରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ସ୍ୱପ୍ନ ପ୍ରଥମେ ଦେଖିଥିଲେ । ବିଚିତ୍ରାନନ୍ଦଙ୍କ ସ୍ୱପ୍ନ ବ୍ରଜସୁନ୍ଦରଙ୍କୁ ପ୍ରଭାବିତ କରିଥିଲା । ସେ ଥିଲେ ଆଦିନେତା ବିଚିତ୍ରାନନ୍ଦଙ୍କ ଜାତୀୟ ଜୀବନର ପ୍ରକୃତ ଉତ୍ତରାଧିକାରୀ । ଛାତ୍ରାବସ୍ଥାରେ ବ୍ରଜସୁନ୍ଦର ସୁରେନ୍ଦ୍ରନାଥ ବାନାର୍ଜୀ, ବାଲ୍ ଗଙ୍ଗାଧର ତିଲକ୍, ଗୋପାଳକୃଷ୍ଣ ଗୋଖଲେ ଓ ମଧୁସୂଦନ ଦାସ ପ୍ରଭୃତିଙ୍କ କାର୍ଯ୍ୟାବଳୀରେ ଉଦ୍‌ବୁଦ୍ଧ ହୋଇଥିଲେ । ଏ ଦିଗରେ ରେଭେନ୍ସା କଲେଜ୍‌ରେ ତାଙ୍କ ଅଧ୍ୟାପକ ଡକ୍ଟର ଯୋଗେଶଚନ୍ଦ୍ର ରାୟ ତାଙ୍କୁ ପ୍ରୋତ୍ସାହନ ଦେଇଥିଲେ । ତାଙ୍କର ସମସାମୟିକ ଗୋପବନ୍ଧୁ ଦାସ, ଲକ୍ଷ୍ମୀକାନ୍ତ ମହାପାତ୍ର, ଜଗବନ୍ଧୁ ସିଂହ ଓ ଲୋକନାଥ ପଟ୍ଟନାୟକ ପ୍ରଭୃତି ଯଥେଷ୍ଟ ପ୍ରରୋଚନା ଦେଇଥିଲେ । ରେଭେନ୍ସା କଲେଜ୍‌ରେ ଛାତ୍ର ଥିବାବେଳେ ସେ ଗୋପବନ୍ଧୁ ଦାସ ଓ ଅନ୍ୟାନ୍ୟ ସାଥୀମାନଙ୍କ ସହ ମିଶି ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ନିମିତ୍ତ 'କର୍ତ୍ତବ୍ୟବୋଧିନୀ' ସଙ୍ଗଠନ ଗଢ଼ିଥିଲେ । ତାଙ୍କରି ମହତ ପ୍ରଚେଷ୍ଟାରେ ୧୯୦୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆଭାଷା ସାହିତ୍ୟ ପାଠ୍ୟକ୍ରମରେ ସ୍ଥାନ ପାଇଥିଲା । ସେ କଲିକତା ବିଶ୍ୱବିଦ୍ୟାଳୟର ତତ୍କାଳୀନ ନିର୍ଦ୍ଦେଶକ ମିଃ. ଲଡ଼ବର୍ଣ୍ଣଙ୍କୁ ସାକ୍ଷାତ କରି ଓଡ଼ିଆ ଭାଷା ସାହିତ୍ୟକୁ ପାଠ୍ୟକ୍ରମରେ ସ୍ଥାନ ଦେବାକୁ ଅନୁରୋଧ କରିଥିଲେ ଓ ସଫଳ ହୋଇଥିଲେ ।

ଆଦିନେତା ବିଚିତ୍ରାନନ୍ଦ ନ'ଅଙ୍କ ଦୁର୍ଭିକ୍ଷର କରାଳ ଦୃଶ୍ୟ ସ୍ୱଚକ୍ଷୁରେ ଦେଖିଥିଲେ ଏବଂ ଇଂରେଜୀ ଶାସନରେ ଓଡ଼ିଆମାନେ କିପରି ଅବହେଳିତ ହେଉଛନ୍ତି ତାହା ଅନୁଭବ କରିଥିଲେ । ସେହିସବୁ କଥା ବ୍ରଜସୁନ୍ଦର ବିଚିତ୍ରାନନ୍ଦଙ୍କଠାରୁ ଶୁଣିଲାପରେ ସରକାରୀ ଉଚ୍ଚ ପଦବି ଓ ତିସାଣିଆ ଜମିଦାରୀକୁ ତୁଚ୍ଛ ମଣି ଜାତୀୟ କାର୍ଯ୍ୟରେ ମନୋନିବେଶ କରିଥିଲେ । ଫଳରେ ତାଙ୍କ ଜମିଦାରୀ 'କୋର୍ଟ୍ ଅଫ୍ ୱାର୍ଡ଼ସ୍'କୁ ଚାଲିଯାଇଥିଲା । ଓଡ଼ିଆଭାଷା ଓ ଜାତୀୟତାର ସମୃଦ୍ଧି କାମନାରେ ସେ ଗୋପବନ୍ଧୁଙ୍କ ସହିତ ମିଶି 'ୟଙ୍ଗ୍ ଉତ୍କଳ ଆସୋସିଏସନ୍' ନାମକ ଏକ ଯୁବ ସଙ୍ଗଠନ ଗଢ଼ିଥିଲେ । କଟକ ମାଣିକଘୋଷ ବଜାରସ୍ଥିତ ନିଜସ୍ୱ କୋଠାଘରେ ସେ ଏହି ଯୁବ ସଙ୍ଗଠନର କାର୍ଯ୍ୟାଳୟ ଖୋଲିଥିଲେ ।

ତାଙ୍କ ମାଣିକଘୋଷ ବାସଗୃହ ଓଡ଼ିଶାର ଜାତୀୟ କାର୍ଯ୍ୟାଳୟରେ ପରିଣତ ହୋଇଥିଲା । ପ୍ରସିଦ୍ଧ ବ୍ରିଟିଶ ସାମ୍ବାଦିକ ନେଭିୟସନ୍ ୧୯୦୭ରେ ଓଡ଼ିଶା ଆସି ଏହି ଘରେ ବ୍ରଜସୁନ୍ଦରଙ୍କ ଅତିଥି ଭାବରେ ରହିଥିଲେ । ବଙ୍ଗ ନେତା ଶଶୀଭୂଷଣ ରାୟ ଓ ଖୁଦୀରାମ୍ ଏହି ଗୃହ ମଧ୍ୟରେ ଆଶ୍ରୟ ନେଇଥିଲେ । ମଧୁବାବୁ ଓ ଗୋପବନ୍ଧୁ ବ୍ରଜବାବୁଙ୍କ ସହ ଆଲୋଚନା କରିବାକୁ ଏହି ଗୃହକୁ ନିୟମିତ ଆସୁଥିଲେ । ୧୯୦୩ରେ ଉତ୍କଳ ସମ୍ମିଳନୀ ଆରମ୍ଭ ହେଲା ଓ ବ୍ରଜବାବୁ ଏଥିରେ ଜଣେ ସକ୍ରିୟ ସଦସ୍ୟ ରହିଲେ । ଉତ୍କଳ ସମ୍ମିଳନୀର ଅନେକ କର୍ମକର୍ତ୍ତାଙ୍କୁ ବ୍ରଜବାବୁ ଏହି ଗୃହରେ ଆତିଥ୍ୟ ଦେଉଥିଲେ ତଥା ସେହି ଜମିର ଜମିଦାରୀରୁ ଆସୁଥିବା ଆୟ ଖର୍ଚ୍ଚ କରୁଥିଲେ । ଆଦିନେତା ବିଚିତ୍ରାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ 'କଟକ ପ୍ରିଣ୍ଟିଂ କମ୍ପାନୀ'ରେ ବ୍ରଜସୁନ୍ଦର ୧୯୦୬ଠାରୁ ୧୯୧୮ ପର୍ଯ୍ୟନ୍ତ ବିନା ପାରିଶ୍ରମିକରେ ନିର୍ଦ୍ଦେଶକ ରହିଲେ । ଏହି ସମୟରେ ୧୯୦୬ ମସିହା ଅପ୍ରେଲ୍ ମାସରେ ସେ ନିଜ ସମ୍ପାଦନାରେ "ମୁକୁର" ପତ୍ରିକା ପ୍ରକାଶନ କଲେ । "ମୁକୁର" ନିଜସ୍ୱ ଗରିମା ଯୋଗୁଁ "ଉତ୍କଳ ସାହିତ୍ୟ" ସହ ସମସ୍ପର୍ଦ୍ଧୀ ଭାବେ ଠିଆ ହୋଇଥିଲା । ସେ "ମୁକୁର"ରେ କ୍ଷୁଦ୍ରଗଳ୍ପ ଲେଖିବାକୁ ଲେଖକମାନଙ୍କୁ ଉତ୍ସାହିତ କରୁଥିଲେ । ବ୍ରଜସୁନ୍ଦର ହିଁ ପ୍ରଥମେ ଲେଖକମାନଙ୍କୁ ପାରିଶ୍ରମିକ ଦେବା ପ୍ରବର୍ତ୍ତନ କରିଥିଲେ । ତାଙ୍କ ଅନୁରୋଧରେ ଫକୀରମୋହନ ୧୯୦୫ରୁ ତାଙ୍କ ରଚନାରେ ମନୋନିବେଶ କରିଥିଲେ । ଫକୀରମୋହନ ରଚିତ 'ବାଲେଶ୍ୱର ରାହାଯାନୀ', 'ମୌନାମୌନି', 'ପୁନର୍ମୂଷିକୋଭବ', 'ରାଣ୍ଡିପୁଅ ଅନନ୍ତା', 'ଡାକ ମୁନସି' ଓ 'ପାପେରକାଷ୍ଟ' ପ୍ରଭୃତି ମୁକୁରରେ ପ୍ରକାଶିତ ହୋଇ ଅଶେଷ ପାଠକୀୟ ଆଦୃତିଲାଭ କରିଥିଲା । ବ୍ରଜସୁନ୍ଦର ୧୯୧୦ରେ ଭାଷାକୋଷଲେନ୍‌ରେ ମୁକୁର ପ୍ରେସ ପ୍ରତିଷ୍ଠା କଲେ । ଏହି ପ୍ରେସ୍‌ରୁ ବହୁ ସାହିତ୍ୟିକଙ୍କ ପୁସ୍ତକ ପ୍ରକାଶିତ ହୋଇଥିଲା । 'କାଚ ମୂଲ୍ୟରେ କାଞ୍ଚନ ବିକ୍ରୟ' ବିଜ୍ଞାପନ ଦେଇ ସେ ପ୍ରତିମାସ ମୁକୁର ପୃଷ୍ଠାରେ ଗୋଟିଏ ଲେଖାଏଁ ଉପନ୍ୟାସ ଛାପି ମୁକୁରକୁ ଜନପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲେ । କୁନ୍ତଳା କୁମାରୀ ସାବତଙ୍କ 'ପରଶମଣି' ପ୍ରଥମ ଉପନ୍ୟାସ ଭାବରେ ମୁକୁରର ପୃଷ୍ଠା ମଣ୍ଡନ କରିଥିଲା । ମଧୁସୂଦନଙ୍କ ସମସ୍ତ କବିତାର ଏକତ୍ର ସଂକଳକୁ ସେ 'ଜାତୀୟଗୀତି' ନାମରେ ପ୍ରକାଶ କରି ଏହାର ବହୁଳ ପ୍ରସାରଣ କରିଥିଲେ । ଅଭିମନ୍ୟୁ ସାମନ୍ତ ସିଂହାରଙ୍କ 'ସୁଲକ୍ଷଣ', ବିପିନ୍ ବିହାରୀ ରାୟଙ୍କ 'ପ୍ରବନ୍ଧ ସୋପାନ', ନାରାୟଣ ମୋହନ ଦେ'ଙ୍କ 'ଯନ୍ତ' ଓ ଜାତୀୟ କବି ବୀର କିଶୋରଙ୍କ 'ମୋହନବଂଶୀ' ପ୍ରଭୃତି ପୁସ୍ତକର ମୁଖବନ୍ଧ ଲେଖି ସେ ମୁକୁର ପ୍ରେସ୍‌ରେ ଛାପିଥିଲେ । ବ୍ରଜସୁନ୍ଦର ଜଣେ ଉଚ୍ଚକୋଟୀର ସାହିତ୍ୟିକ ଥିଲେ ହେଁ ଆତ୍ମପ୍ରୟାସ ବିମୁଖ ଥିଲେ । ସେ ବହୁ ଭକ୍ତିଗୀତିକା ରଚନା କରିଥିଲେ । ମୁକୁର ପୃଷ୍ଠାରେ ବହୁ ଆଲେଖ୍ୟ ସେ ନିଜେ ଲେଖି ଛଦ୍ମ ନାମରେ ଛାପୁଥିଲେ । ସେ ଜଣେ ସଂଗୀତ ପ୍ରେମୀ ଓ ସଙ୍ଗୀତଜ୍ଞ ଥିଲେ । ଓଡ଼ିଶାରେ ପ୍ରଥମ ସଙ୍ଗୀତର ଚିତ୍ରଭୂମି ପ୍ରକାଶ କରିଥିଲେ । ଜଣେ ତବଲା ବାଦକ ଭାବରେ ତାଙ୍କର ସୁଖ୍ୟାତି ରହିଥିଲା । ୧୯୩୦ରେ ସେ 'ସତ୍ୟ ସମାଚାର' ସମ୍ପାଦନା କରିଥିଲେ । ମୁକୁର ପ୍ରେସ୍ ନିମିତ୍ତ ସେ ସୁନ୍ଦର ସୁନ୍ଦର ଅକ୍ଷର ଗଢ଼ିଥିଲେ । ମୁକୁର ପ୍ରେସ୍ ଛପା 'ପକେଟ୍ ଗୀତା'ର ମାଛମଞ୍ଜି ଅକ୍ଷର ବ୍ରଜବାବୁଙ୍କ ଶିଳ୍ପବଜାର ଅମର ସ୍ୱାକ୍ଷର । ବ୍ରଜସୁନ୍ଦର ୧୯୧୭ରୁ ୧୯୨୫ ପର୍ଯ୍ୟନ୍ତ ପାଟନା ବିଶ୍ୱବିଦ୍ୟାଳୟର ଫେଲୋ ଓ ସେଣ୍ଡିକେଟ୍ ସଭ୍ୟ ଥିଲେ । ୧୯୧୭ରୁ ୧୯୨୦ ପର୍ଯ୍ୟନ୍ତ ସେ ବିହାର-ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ର ସଭ୍ୟ ଥିଲେ । ଏହି ସମୟରେ ସେ ମଣ୍ଟେଗୁଙ୍କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ସ୍ମାରକପତ୍ର ଦେଇଥିଲେ । ୧୯୨୧ରୁ ୧୯୨୪ ଯାଏଁ ସେ ଦିଲ୍ଲୀ କେନ୍ଦ୍ରୀୟ ଆସେମ୍ବିଲ୍‌ର ସଦସ୍ୟ ଥିଲେ । ମଧୁବାବୁ ଅବ୍ୟାହତି ନେବା ପରେ ୧୯୧୮ରେ ବ୍ରଜବାବୁ 'ଦି ଓରିଆ' ସାପ୍ତାହିକୀ ପତ୍ରିକାର ସମ୍ପାଦନା ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୧୮ରୁ ୧୯୪୪ ପର୍ଯ୍ୟନ୍ତ ସେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ରହିଥିଲେ ଏବଂ ୧୯୨୨-୨୩ ମସିହାରେ ଉତ୍କଳ ସାହିତ୍ୟ ସମାଜର ଉପ-ସଭାପତି ଥିଲେ । ୧୯୨୪ରେ ଫିଲଫ୍-ଡଫ୍ କମିଟିଙ୍କ ନିକଟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦୃଢ ଦାବି ଉପସ୍ଥାପନ କରି ଆନ୍ଦୋଳନକୁ ତୀବ୍ରତର କରାଇଥିଲେ । ସାଇମନ୍ କମିଶନ୍‌କୁ ଭାରତୀୟ ଜାତୀୟ କଂଗ୍ରେସ ବର୍ଜନ କରିଥିଲା । ମଣ୍ଟେଗ୍ୟୁ-ଚେମସ୍‌ଫୋର୍ଡ଼ ଓଡ଼ିଶାକୁ ଉପପ୍ରଦେଶ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ସାଇମନ୍ କମିଶନ ତାହାକୁ କାର୍ଯ୍ୟରେ ପରିଣତ କରିବେ ବୋଲି ମଧୁବାବୁ ଜାଣିଥିଲେ । ତେଣୁ ସାଇମନ୍ କମିଶନ୍‌କୁ ସ୍ୱାଗତ କରିବାକୁ ମଧୁବାବୁ ବ୍ରଜସୁନ୍ଦରଙ୍କୁ ଦାୟିତ୍ୱ ଦେଲେ ତଥା ଏଥିନିମନ୍ତେ ଓଡ଼ିଶା ଲିବେରାଲ୍ ଲିଗ୍ ଗଠନ କରାଗଲା । ପାଟନାଠାରେ ଓଡ଼ିଶା ପକ୍ଷରୁ ସାଇମନ୍ କମିଶନ୍‌ଙ୍କୁ ସମ୍ବର୍ଦ୍ଧନା ଜଣାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସମ୍ପର୍କରେ ସାକ୍ଷ୍ୟ ଦେବାକୁ ସ୍ଥିରୀକୃତ ହେଲା । କଂଗ୍ରେସ ପକ୍ଷରୁ ହରତାଳ ପାଳନ କରାଯାଉଥିବାରୁ ପାଟନାରେ ଓଡ଼ିଶାର ପୋଷ୍ଟର୍ ଓ ପ୍ଲାକାର୍ଡ୍ ଧରିବାକୁ କୌଣସି ମଜୁରିଆ ରାଜି ହେଲେ ନାହିଁ । କନିକା ରାଜା ରାଜେନ୍ଦ୍ର ନାରାୟଣ ଭଂଜଦେଓଙ୍କ ଅନୁରୋଧରେ ପାଟନା ରେଲୱେ ଷ୍ଟେସନ ମାଷ୍ଟର୍ ସହାୟତା କଲେ । ହାର୍ଡ଼ିଂଶ ପାର୍କ ସଂଲଗ୍ନ ସ୍ୱତନ୍ତ୍ର ସେରିମୋନିଆଲ ପ୍ଲାର୍ଟଫର୍ମ୍‌ରେ ସାଇମନ୍ କମିଶନ୍‌ରଙ୍କ ସ୍ୱାଗତ ଉଦ୍ଦେଶ୍ୟରେ ଆୟୋଜନ କରାଗଲା । ପ୍ଲାଟଫର୍ମ୍‌ରେ ଓହ୍ଲାଇ କମିଶନର ସଦସ୍ୟବୃନ୍ଦ ଦେଖିଲେ ଯେ, କାନ୍ଥବାଡ ସର୍ବତ୍ର ପୋଷ୍ଟର୍‌ରେ ଲେଖାଯାଇଛି । 'ଙଜଓଝଝଇ ଡରଖଉଙଗର ଝଓଗଙଘ ଉଙଗଗଓଝଝଓଙଘ' । ସେହି ପ୍ଲାଟଫର୍ମ୍‌ରେ ବ୍ରଜସୁନ୍ଦରଙ୍କ ସମେତ କେତେଜଣ ଓଡ଼ିଆନେତା ଉତ୍କଳ ସମ୍ମିଳନୀର ପଗଡି ମୁଣ୍ଡରେ ବାନ୍ଧି କମିଶନର ସଦସ୍ୟମାନଙ୍କୁ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇଥିଲେ ଓ ସ୍ମାରକପତ୍ର ପ୍ରଦାନ କଲେ । ସକଳ ବିଷୟ ଅବଗତ ହେବା ପରେ ସାଇମନ୍ କମିଶନ ଓଡ଼ିଶା ସମସ୍ୟା ସମାଧାନ ନିମନ୍ତେ ୧୯୩୦ ସେପ୍ଟେମ୍ବର ୨୦ ତାରିଖରେ ଅଟଲୀ ସବ୍‌କମିଟି ଗଢ଼ିଲେ । ସି.ଆର୍.ଅଟଲୀ. ସବ୍‌କମିଟି ଅନୁସନ୍ଧାନ କରିବା ପରେ କମିଶନରଙ୍କୁ ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ ରିପୋର୍ଟ୍ ପ୍ରଦାନ କଲେ । କମିଶନରଙ୍କ ସୁପାରିଶ କ୍ରମେ ଭାଇସ୍‌ରାୟ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ ବିଧିବଦ୍ଧ ପ୍ରସ୍ତାବ ଇଂରେଜ ସରକାରଙ୍କୁ ପଠାଇଲେ ଓ ସୀମା ନିର୍ଦ୍ଧାରଣ ନିମିତ୍ତ ସୀମା କମିଶନ ବସାଇଲେ । ଏହିସବୁ କାର୍ଯ୍ୟରେ ବ୍ରଜସୁନ୍ଦର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଇତ୍ୟବସରେ ସାମ୍ବିଧାନିକ ସଂସ୍କାର ନିମିତ୍ତ ଲଣ୍ଡନଠାରେ ଗୋଲ୍‌ଟେବୁଲ୍ ବୈଠକ ବସିଲା । ଏହି ବୈଠକରେ ପାରଳା ମହାରାଜା ଗଜପତି କୃଷ୍ଣଚନ୍ଦ୍ର ନାରାୟଣଦେବ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ବୋଲି ସ୍ଥିର ହେଲା । ଗଜପତିଙ୍କର ରାଜକୀୟ ମର୍ଯ୍ୟାଦାରେ ଲଣ୍ଡନ ଯିବା ନିମିତ୍ତ ଆର୍ଥିକ ଅସୁବିଧା ଥିବାରୁ ବ୍ରଜସୁନ୍ଦର ତେଲକ୍ଷୀ ଆକାଶୀ ସୋମଶେଖରଙ୍କଠାରୁ ଏକଲକ୍ଷ ଟଙ୍କା କରଜ କରାଇ ଦେଇଥିଲେ । ୧୯୨୦ ଅପ୍ରେଲ୍ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପର୍ଯ୍ୟନ୍ତ ବ୍ରଜସୁନ୍ଦର ସଂଗ୍ରାମ ଜାରି ରଖିଥିଲେ । ଏପରିକି ସେ ତାଳଚେର ପଟ୍ଟାୟତ ବ୍ରହ୍ମଦେବଙ୍କ ନିକଟରେ ନିଜ ଜମିଦାରୀକୁ ବନ୍ଧାଦେଇ ପଚାଶ ହଜାର ଟଙ୍କା ଆଣିଥିଲେ ଏବଂ ଏହି ଟଙ୍କା ବିଚ୍ଛିନ୍ନାଞ୍ଚଳରେ ବିଦ୍ୟାଳୟ ଖୋଲିବା ନିମିତ୍ତ ଖର୍ଚ୍ଚ କରିବାକୁ ଗୋପବନ୍ଧୁ ଦାସ ଓ ଗୋଦାବରୀଶ ମିଶ୍ରଙ୍କୁ ଦେଇଥିଲେ । ବ୍ରଜସୁନ୍ଦର ତାଳଚେର ପଟ୍ଟାୟତଙ୍କୁ ଏହି ଟଙ୍କା ଶୁଝି ନପାରି ମଧୁବାବୁଙ୍କ ସଦୃଶ ଦେବାଳିଆ ହୋଇଯାଇଥିଲେ । ସେ କେଉଁ ପରିସ୍ଥିତିରେ ଋଣମୁକ୍ତ ହୋଇଥିଲେ, ତାହା ଖ୍ୟାତନାମା ସାହିତ୍ୟିକ କାହ୍ନୁଚରଣ ମହାନ୍ତି ମାର୍ମିକ ଧାରାରେ ଓ ରୋଚକ ଶୈଳୀରେ ବର୍ଣ୍ଣନା କରିଅଛନ୍ତି । ସେତେବେଳେ କାହ୍ନୁଚରଣ କଟକ କଲେକ୍ଟରଙ୍କ କାର୍ଯ୍ୟାଳୟରେ କୋର୍ଟ ଅଫ୍ ୱାର୍ଡ଼ସ୍ ଅଫିସର ରୂପେ କାର୍ଯ୍ୟ କରୁଥିଲେ । କାହ୍ନୁଚରଣ ସ୍ୱରଚିତ 'ଶାସ୍ତି' ଉପନ୍ୟାସ ବ୍ରଜସୁନ୍ଦରଙ୍କ ସ୍ମୃତିରେ ଅର୍ପଣ କରିଛନ୍ତି ଓ ତାଙ୍କୁ ପିତା ବୋଲି ସମ୍ବୋଧନ କରିଛନ୍ତି ।

ଉତ୍କଳ-ପ୍ରାଣ ବ୍ରଜସୁନ୍ଦର ଦାସ ୧୯୪୪ ଜୁନ୍ ୯ ତାରିଖରେ ମାତ୍ର ୬୪ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ୧୯୦୩ରୁ ୧୯୪୪ ପର୍ଯ୍ୟନ୍ତ, ପ୍ରାୟ ଚାଳିଶବର୍ଷ ସେ ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ଜୀବନର ନେତୃତ୍ୱ ନେଇଥିଲେ । ତାଙ୍କ ବ୍ୟକ୍ତିତ୍ୱ, କାର୍ଯ୍ୟାବଳୀ, ଉତ୍କଳପ୍ରାଣତା ଓ ଦେଶପ୍ରାଣତାର ପଟ୍ଟାନ୍ତର ନାହିଁ । ସେ ଉତ୍କଳ ଗୌରବଙ୍କ ସହ ଓଡ଼ିଶା, ଓଡ଼ିଆଜାତି ଓ ଓଡ଼ିଆଭାଷା ସାହିତ୍ୟ ପାଇଁ କାର୍ଯ୍ୟ କରିଥିଲେ ହେଁ ଅନାଲୋଚିତ । ଏପରିକି ଉତ୍କଳ ଗୌରବଙ୍କ ଦେହାନ୍ତ ପରେ ସେ ୧୯୪୪ ପର୍ଯ୍ୟନ୍ତ ଓଡ଼ିଶା ଜାତୀୟତାର ଜାଗ୍ରତ ପ୍ରହରୀ ଥିଲେ । ଓଡ଼ିଆ ଜାତୀୟତା ଓ ଜନଜୀବନ ପାଇଁ ନିଜକୁ ଓ ନିଜର ଜମିଦାରୀକୁ ନିଃଶେଷ କରିଦେଇଥିବା ଏଇ ମହାନ୍ ବ୍ୟକ୍ତି ଆଜିର ଶିକ୍ଷିତ ଗୋଷ୍ଠୀ ନିକଟରେ ଅଚିହ୍ନା ଓ ଅଲୋଡା । ଏହାଠାରୁ ଦୁଃଖ କ'ଣ ଥାଇପାରେ ? ଆମକୁ ସ୍ମରଣ ରଖିବାକୁ ହେବ ଯେ, ପୂର୍ବସୁରୀ ସ୍ମରଣ ହିଁ ସଭ୍ୟତାର ପରିମାପକ । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଜାତୀୟ ଜାଗୃତିର ଦୀପସ୍ତମ୍ଭ ତଥା ଓଡ଼ିଶାର ଗର୍ବ ଓ ଗୌରବ । ଉତ୍କଳ-ପ୍ରାଣ ବ୍ରଜସୁନ୍ଦର ଦାସଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ସରକାରୀ ସ୍ତରରେ ପାଳନ, ତାଙ୍କ ନାମରେ ଏକ ଜାତୀୟ ଅନୁଷ୍ଠାନ ସ୍ଥାପନ ଏବଂ ସ୍ମାରକୀ ଗ୍ରନ୍ଥ ପ୍ରକାଶନ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

# ଏକଛତ୍ରବାଦ ଯୁଗର ଘଟିଲା ପରିସମାପ୍ତି

କଟକ (ହଓଖ) : ରାଜ୍ୟସଭା ନିର୍ବାଚନ ସରିଯାଇଛି । ଫଳାଫଳରେ ସମସ୍ତ ରାଜନୈତିକ ଦଳ ହୋଇଛନ୍ତି ଚକିତ ? ଖାଲି ଆରୋପ ଓ ପ୍ରତ୍ୟାରୋପ, ହେଲେ ଆତ୍ମସମୀକ୍ଷା ନାହିଁ । ୨୪ବର୍ଷ ଶାସନ କାଳରେ ଯାହା ହୋଇନଥିଲା ତାହା ଏହି ରାଜ୍ୟସଭା ନିର୍ବାଚନରେ ହୋଇଗଲା । ତାହାଲେ କିଏ ଏଥିପାଇଁ ଦାୟୀ ? ଖାଲି ନିଜର ସ୍ୱାର୍ଥ ହାସଲ ନା ମନଭିତରେ ଜଳୁଥିବା ନିଆଁର ପ୍ରତିଶୋଧ । ସବୁଠୁ ବେଶୀ ଚର୍ଚ୍ଚାରେ ରହିଛନ୍ତି ଏହି ଦୁଇ ବାପ-ପୁଅ । ପୂର୍ବତନ ବିଧାୟକ ଡଃ ପ୍ରଭାତ ବିଶ୍ୱାଳ ଏବଂ ବିଧାୟକ ସୌଭିକ ବିଶ୍ୱାଳ । ବିଗତ ଦିନମାନଙ୍କରେ ଡଃ ପ୍ରଭାତ ବିଭିନ୍ନ ସଭାସମିତିରେ ତାଙ୍କ ପ୍ରତି ଅନ୍ୟାୟ ହୋଇଥିବା କଥାକୁ ବାରମ୍ବାର ଦୋହରାଉଥିଲେ ମଧ୍ୟ ଏ ଦିଗରେ କେହି ହେଲେ କର୍ଣ୍ଣପାତ କରୁନଥିଲେ । ସେ ନିଜର ମନର କଥାକୁ ଦଳର ସୁପ୍ରିମୋ ପାଖରେ ପ୍ରକାଶ କରିବାକୁ ଚାହୁଁଥିଲେ ମଧ୍ୟ ତାହା ସେ କରିପାରୁନଥିଲେ । କାରଣ ଦଳ ଭିତରେ ଏକ ପ୍ରକାରର ହିଟଲରୀ ବା ଏକଛତ୍ରବାଦ ଶାସନ ଚାଲୁଥିଲା । ପାଣ୍ଡିଆନଙ୍କ ଇଙ୍ଗିତରେ ନବୀନ ନିବାସର ବାତାବରଣ କଡ ଲେଉଟାଉଥିଲା । ସାଧାରଣ ନିର୍ବାଚନରେ ଦଳର ଚରମ ବିର୍ପଯ୍ୟାୟ ଯୋଗୁଁ ପାଣ୍ଡିଆନ ବାବୁ ସନ୍ୟାସ ନେଇଥିଲେ ମଧ୍ୟ ଦଳରେ ତାଙ୍କର ଅଦୃଶ୍ୟ ଶକ୍ତି ଶହେ ଶହେରେ କାମ କରୁଥିଲା । ଏହାକୁ ପ୍ରତିହତ କରିବାକୁ କେହି ମଧ୍ୟ ସାହସ ଜୁଟାଇ ପାରୁନଥିଲେ । ଯେତେବେଳେ ଦଳ ପକ୍ଷରୁ ରାଜ୍ୟସଭା ପାର୍ଥୀ ପାଇଁ ସନ୍ତୃପ୍ତ ମିଶ୍ରଙ୍କ ନାମ ଘୋଷଣା କରାଗଲା, ସେତେବେଳେ ଦଳର ବୃହତ ସ୍ୱାର୍ଥ ଦୃଷ୍ଟିରୁ ଡଃ ପ୍ରଭାତ ଆଗକୁ ବାହାରି ନବୀନ ନିବାସରେ ପହଂଚି ପ୍ରଥମ କରି ନବୀନ ବାବୁଙ୍କୁ ସାହାସର ସହ ଦଳର ହଜାର ହଜାର କୋଟି ଟଙ୍କା କିପରି ଅନ୍ୟ ରାଜ୍ୟରେ ନିର୍ଦ୍ଦିଷ୍ଟ କେତେ ଜଣଙ୍କ ନାମରେ ଏକ ଆକାଉଁଟ୍ ଖୋଲାଯାଇଛି ବୋଲି ପ୍ରଶ୍ନ କରିଥିଲେ । ସେଥିରେ ସନ୍ତୃପ୍ତ ବାବୁଙ୍କ ନାମ ମଧ୍ୟ ରହିଥିଲା । ନବୀନ ବାବୁ ସମସ୍ତ କଥା ଶୁଣିବା ବଦଳରେ ଡଃ ପ୍ରଭାତଙ୍କୁ



ଗେଟଆଉଟ କହି ତଡିଦେବା ସହ ତୁମେ ଜେଲ ଯାଇଛ, ମୋ ଗାଡି କାଚ ଭାଙ୍ଗିଛ ଆଦି ବିଭିନ୍ନ ପ୍ରକାରର ତାସ୍ଛଲ୍ୟଭରା କଥା କହିବା ସହ ଦଳରୁ ମଧ୍ୟ ବହିସ୍କାର କରିଥିଲେ । ଯଦି ସେ ଭୁଲ କହିଥିଲେ, ତାହଲେ ସତ କଣ ସର୍ବସାଧାରଣରେ ଦଳ ପକ୍ଷରୁ କାହିଁକି ପ୍ରକାଶ କରାଗଲାନାହିଁ ? ଏଭଳି କଥା ପରିବାରର ମୁଖିଆଙ୍କ ଠାରେ ଜମାରୁ ଶୋଭା ପାଏନାହିଁ ? ନିଜେ ଏକଘରକିଆ ହୋଇ ଏହାର ଘୋର ବିରୋଧ କରିଥିଲେ ଡଃ ପ୍ରଭାତ । ଅନ୍ୟ ବିଧାୟକ ମାନେ ଯଦିଓ ସତ କଣ ଜାଣିଥିଲେ ମଧ୍ୟ ସତକଥା କହିବାକୁ ସାହାସ ଜୁଟାଇ ପାରୁନଥିଲେ । ଯେଉଁ ବିଧାୟକ ମାନେ ରାଜ୍ୟର ନେତୃତ୍ୱଭାର ନେବେ ତାଙ୍କ ଉପରେ ହ୍ୱିପ ଜାରି କରିବା, ନବୀନ ନିବାସରେ ରାତିରେ ଅଟକ ରଖିବା, ତାଙ୍କ ଉପରେ ସର୍ବଦା ନଜର ରଖିବା, ଏହା କଣ ଏକ ସୁସ୍ଥ ଗଣତନ୍ତ୍ର ଅଟେ ? ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଏକ ବୃହତ ଗଣତାନ୍ତିକ ଦେଶରେ ଏହା ଅତ୍ୟନ୍ତ ଲଜ୍ଜାକର ଘଟଣା । ତଥାପି ଆମର ଚାଟୁକାରୀ ବିଧାୟକ ମାନେ ନବୀନଙ୍କ ଗୁଣଗାନରେ ସଦାସର୍ବଦା ବ୍ୟସ୍ତ, କିନ୍ତୁ ଡଃ ପ୍ରଭାତ ନବୀନଙ୍କୁ ଶକ୍ତ ପ୍ରହାର କରିବା ସହ ପୁଅ ସୌଭିକ ନିଜର ବାପା ଡଃ ପ୍ରଭାତଙ୍କ ନିତୀ ଆଦର୍ଶରେ ଅନୁପ୍ରାଣୀତ ହୋଇ ଦଳ ବହାରେ ଯାଇ ନିଜର ମତକୁ ସାବ୍ୟସ୍ତ କରି ଏକଛତ୍ରବାଦ ଯୁଗର ପରିସମାପ୍ତି ଘଟାଇଥିଲେ । ଦଳର ଚାଟୁକାରୀ ନେତା ମାନେ ଏହାକୁ ଦଳବିରୋଧୀ କାର୍ଯ୍ୟ କହୁଥିବା ବେଳେ ରାଜ୍ୟବାସୀ କିନ୍ତୁ ଏପରି କାର୍ଯ୍ୟକୁ ବେଶ ପ୍ରଶଂସା କରିଛନ୍ତି ।




## ହିମୁ ବଚନ

୧. ଆଳୁ ପତର କି ସାରୁ ପତର
ସିଏ କି ହୋଇବ ପାନ
ଯାହାକୁ ତାହାକୁ ଭାରିଜା କରିଲେ
ସିଏ କି ବୁଝିବ ମନ ॥

୨. ଆଖିରୁ ଲୁହ ପୋଛିଲା ବାଲା
ବହୁତ ମିଳିଯିବେ
ନାକରୁ ସିଂଘାଣି ପୋଛିଲା ବାଲା
ଭାଗ୍ୟରେ ଥିଲେ ମିଳେ ।।

ସଂଗୃହୀତ : ଜ୍ୟୋତିରଞ୍ଜନ ମହାନ୍ତି

# ରାଜ୍ୟରେ ଜୁନ୍ ଶେଷ ଶୁଦ୍ଧା ୨୪ ହଜାର ପଦବୀ ପୂରଣ



ଭୁବନେଶ୍ୱର (ହଓଖ) : ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଶନିବାର ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରି ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ନିକଟରେ ବିଭିନ୍ନ ସ୍ଥାନରେ ଘଟିଥିବା ଅଗ୍ନି ଦୁର୍ଘଟଣା ପ୍ରସଙ୍ଗରେ ଆଲୋଚନା କରି ସମସ୍ତ ସରକାରୀ ବିଭାଗୀୟ କୋଠାରେ ବିଦ୍ୟୁତ୍ ଓୟାରିଂ ତନଖି କରାଯିବା, ବୈଦ୍ୟୁତିକ ଉପକରଣ ନିୟମିତ ଯାଞ୍ଚ କରିବା, ଆବଶ୍ୟକ ଉନ୍ନତିକରଣ କାର୍ଯ୍ୟ ସହ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ବୈଠକରେ ଅର୍ଥ ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଅଦ୍ୟାବଧି ହୋଇଥିବା ଆର୍ଥିକ ସ୍ଥିତି ଉପସ୍ଥାପନ କରାଯାଇଥିଲା । ଏହି ଆର୍ଥିକ ବର୍ଷରେ ବଜେଟ ଅନୁମୋଦନ ଅନୁସାରେ ଅଦ୍ୟାବଧି ବିଭିନ୍ନ ବିଭାଗ ଦ୍ୱାରା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ସଂପର୍କିତ ଆଲୋଚନା କରାଯାଇଥିଲା । କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ସମବାୟ ଓ ଶକ୍ତି ବିଭାଗ ସମେତ ସାମାଜିକ କ୍ଷେତ୍ର ସଂପର୍କିତ ବିଭିନ୍ନ ବିଭାଗରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ଖର୍ଚ୍ଚ ହାର ଗତବର୍ଷ ଏହି ସମୟ ତୁଳନାରେ ଅଧିକ ବୃଦ୍ଧି ଘଟିଛି । ବୈଠକରେ ବିଭିନ୍ନ କ୍ଷେତ୍ରରୁ ଅଦ୍ୟାବଧି ରାଜସ୍ୱ ଆଦାୟ ଲକ୍ଷ୍ୟ ପ୍ରାୟ ୭୮.୭୭ ପ୍ରତିଶତ ହୋଇଥିବା ଜଣାଯାଇଛି । ଚଳିତ ମାସ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟ ଅଗ୍ରଗତି ସହ ଓ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଭିତ୍ତିଭୂମି ବିକାଶ କ୍ଷେତ୍ର ସଂପର୍କିତ ଅନ୍ୟ ବିଭାଗ ସମେତ ଅନ୍ୟ ବିଭାଗମାନଙ୍କରେ ଅଦ୍ୟାବଧି ଖର୍ଚ୍ଚ ସ୍ଥିତି ଉପସ୍ଥାପନ କରାଯାଇଥିଲା । 'ଆମେ ଜାଣିବା ଆମ ବଜେଟ' କାର୍ଯ୍ୟକ୍ରମରେ ୨୦୨୬-୨୭ ବଜେଟ ସମ୍ପର୍କରେ ବିଭିନ୍ନ ସ୍ତରରେ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରିବାକୁ ଆଲୋଚନା ହୋଇଛିକ୍ଷ ରାଜ୍ୟ ବଜେଟ୍ ଏବଂ କେନ୍ଦ୍ର ସରକାରଙ୍କ ଓଡ଼ିଶା ସମ୍ପର୍କିତ ବିକାଶମୂଳକ ଏବଂ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକ ସଂପର୍କରେ ରାଜ୍ୟ ମୁଖ୍ୟାଳୟଠାରୁ ଆରମ୍ଭ କରି ଜିଲ୍ଲା, ପୌରାଂଚଳ, ବ୍ଲକ ଓ ଗ୍ରାମ ସଭାସ୍ତରରେ 'ବଜେଟ୍ ସଭା' ଆୟୋଜନ କରାଯାଇ ଜନସାଧାରଣଙ୍କୁ ସୂଚନା ଦେବାକୁ ପଦକ୍ଷେପ ନିଆଯିବ । ଏ ଆଗାମୀ ଜୁନ୍ ମାସ ସୁଦ୍ଧା ରାଜ୍ୟ ସରକାର ବିଭିନ୍ନ ବିଭାଗରେ ଖାଲିଥିବା ୬୫ ହଜାର ପଦବି ପୂରଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ବେଳେ ତନ୍ମଧ୍ୟରୁ ୪୧,୦୬୩ଟି ପଦବି ପୂରଣ ହୋଇଛି ଏବଂ ଅବଶିଷ୍ଟ ପଦବି ପୂରଣ ପାଇଁ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ।

# ବିଶ୍ୱ ପଖାଳ ପରବରେ ମୁଖ୍ୟମନ୍ତ୍ରୀ ମୋହନ

- ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ରେ ପାଇଲା ସ୍ଥାନ
- ଉପମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ପଖାଳର ମଜାନେଲେ



ଭୁବନେଶ୍ୱର (ହଓଖ) : ମୋ ଓଡ଼ିଶାର ପ୍ରମୁଖ ଗ୍ରୀଷ୍ମକାଳୀନ ଖାଦ୍ୟ 'ପଖାଳ'ର ଲୋକପ୍ରିୟତାକୁ ଆହୁରି ବଢାଇବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ ପାନ୍ଥନିବାସ ଠାରେ ରାଜ୍ୟସ୍ତରୀୟ 'ପଖାଳ ପରବ' କାର୍ଯ୍ୟକ୍ରମ ପାଳନ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ପଖାଳକୁ କେବଳ ଏକ ଆହାର ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ । ପଖାଳ ଦିବସର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆ ଖାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା । ଆଜିକାଲିର ପାଶ୍ଚାତ୍ୟ ଖାଦ୍ୟ ସଂସ୍କୃତି ଭିତରେ ଆମର ଏହି ପାରମ୍ପରିକ ଖାଦ୍ୟ ଯେପରି ହଜି ନଯାଏ, ସେଥିପାଇଁ ଏହି ଦିବସଟି ସମସ୍ତ ଓଡ଼ିଆଙ୍କୁ ଏକଜୁଟ କରିବାର ପ୍ରୟାସ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ନିଜ ପିଲାଦିନ ସହିତ ପଖାଳର ସମ୍ପର୍କ କଥା କହି ଭାବବିହ୍ୱଳ ହୋଇ ପଡ଼ିଥିଲେ ଏବଂ କହିଥିଲେ ଯେ କେବଳ ଗରିବର ଖାଦ୍ୟ ନୁହେଁ, ବରଂ ଏହା ମହାପ୍ରଭୁ ଜଗନ୍ନାଥଙ୍କର ମଧ୍ୟ ପ୍ରିୟ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ଟଙ୍କ ତୋରାଣି' ଏବଂ ପଖାଳ ଭୋଗ ଲାଗି ହୋଇଥାଏ । ଭଗବାନଙ୍କ ପାଖରେ ଏହି ସରଳ ଖାଦ୍ୟର ଅର୍ପଣ ଦର୍ଶାଏ ଯେ ସାଧାରଣ ଜୀବନଶୈଳୀ କେତେ ଶୁଦ୍ଧ । ପଖାଳର ସବୁଠାରୁ ବଡ଼ ଗୁଣ ହେଉଛି ଏହା 'ଜିରୋ ୱେଷ୍ଟ' ଖାଦ୍ୟ । ପଖାଳର ପ୍ରୋ- ବାୟୋଟିକ ଗୁଣ ବିଷୟରେ କହି ମୁଖ୍ୟମନ୍ତ୍ରୀ ପଖାଳରେ ଥିବା ହିତକର ଜୀବାଣୁ, ଯାହା ଦେହରେ ଥିବା ଅନିଷ୍ଟକାରି ଜୀବାଣୁଙ୍କୁ ମାରି ଦେଇ ଥାଆନ୍ତି ବୋଲି ନିଜ ଅଭିଭାଷଣରେ କହିଥିଲେ । ସେ କହିଥିଲେ ଯେ, 'ବିଶ୍ୱ ପଖାଳ ଦିବସ ଆଜି ଆଉ କେବଳ ଓଡ଼ିଶାରେ ପାଳନ କରାଯାଉ ନାହିଁ । ଏହା ଏବେ ଏକ ବିଶ୍ୱସ୍ତରୀୟ ଉତ୍ସବ ପାଲଟିଛି । ଭାରତର ବିଭିନ୍ନ ସ୍ଥାନରେ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆମାନେ ଏହି ଦିନକୁ ଗର୍ବର ସହିତ ପାଳନ କରୁଛନ୍ତି । ପଖାଳ, ଦେଶ ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାଟି ସହିତ ଯୋଡ଼ି ରଖିବାର ଏକ ମାଧ୍ୟମ ହୋଇଛି । ଏହା ଆମକୁ ଗର୍ବିତ କରୁଛି ଯେ ଆମର ସଂସ୍କୃତି ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚି ପାରୁଛି ।' ପଖାଳ ପରବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱର ସମଗ୍ର ଚାଷୀ ସମାଜକୁ କୃତଜ୍ଞତା ଜଣାଇଥିଲେ ଏବଂ ଯୁବ ପିଢ଼ିଙ୍କୁ ଓଡ଼ିଆ ପରମ୍ପରାର ମୂଲ୍ୟ ବୁଝିବାକୁ ଅନୁରୋଧ କରିଥିଲେ । ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଥିବା ବିଶ୍ୱରେ, ଆଗକୁ ବଢ଼ିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଆମର ମୂଳ ସହିତ ମଧ୍ୟ ଯୋଡ଼ି ହୋଇରହିବା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ପଖାଳ ଦିବସ ଆଜି ଆମ ସରକାରଙ୍କ 'ବିକଶିତ ଓଡ଼ିଶା' ସଂକଳ୍ପର ଏକ ଅବିଚ୍ଛେଦ୍ୟ ଅଙ୍ଗ । ନିଜର ପୁରାତନ ସଂସ୍କୃତିକୁ ସୁରକ୍ଷିତ ରଖି ଆଧୁନିକତା ଆଡ଼କୁ ଦୃଢ଼ ଭାବେ ଅଗ୍ରସର ହେବା ହିଁ ଆମ ସରକାରଙ୍କ ମୂଳ ଲକ୍ଷ୍ୟ । ପଖାଳ ଦିବସ ମାଧ୍ୟମରେ ଓଡ଼ିଶାର ଐତିହ୍ୟକୁ ସମ୍ମାନ ଜଣାଇବା ଏବଂ ଏହାକୁ ଆଗାମୀ ପିଢ଼ି ପାଇଁ ସାଇତି ରଖିବା ପାଇଁ ଆମ ସରକାର ଯେଉଁ ନିରନ୍ତର ଉଦ୍ୟମ କରୁଛନ୍ତି, ତାହା ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଏକ ନୂତନ ଆଶା ଏବଂ ଗର୍ବ ସୃଷ୍ଟି କରିଛି ବୋଲି ସେ କହିଥିଲେ । ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଇଣ୍ଡୋନେସିଆ, ମାଲେସିଆ, ବାହାରିନ, ସିଙ୍ଗାପୁର ସମେତ ୧୫ଟି ରାଜ୍ୟରୁ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିବା ପ୍ରବାସୀ ଓଡ଼ିଆ ମାନଙ୍କ ସହ କଥା ହୋଇଥିଲେ ।

## ପ୍ରଥମ ପୃଷ୍ଠାରୁ...

**ଆଣ୍ଣେଇଲେଣି :** ଯୁଦ୍ଧ ଆରମ୍ଭ ହେବା ପରଠାରୁ ୟୁରୋପର ବେଞ୍ଚମାର୍କ ଗ୍ୟାସ ଦର ପ୍ରାୟ ୬୫% ବୃଦ୍ଧି ପାଇଛି । କାତାର୍ର ଏଲ୍ଏନ୍ଜି ରପ୍ତାନି ବ୍ୟାହତ ହୋଇଛି ଏବଂ ଇରାନ୍ର ଉତ୍ପାଦନ ପ୍ରଭାବିତ ହୋଇଛି । ମଧ୍ୟପ୍ରାଚ୍ୟରୁ ଯୋଗାଣ ସୀମିତ ରହିବ । ସାମ୍ପ୍ରତିକ ସମସ୍ୟାଗୁଡ଼କ ଯୋଗୁ ବିଦ୍ୟୁତ୍ ଦର ଉଚ୍ଚ ରହିବ, ଯାହା ଶିଳ୍ପ କାର୍ଯ୍ୟକୁ ସଂକୁଚିତ କରିବ । ୟୁରୋପୀୟ ସଂଘ ନେତାମାନେ ସମାଧାନ ପାଇଁ ତତ୍ପର ହୋଇଗଲେଣି । ଗୁରୁବାର ହୋଇଥିବା ଏକ ସମ୍ମିଳନୀରେ ସେମାନେ ଜରୁରୀ ପଦକ୍ଷେପ ଉପରେ ଆଲୋଚନା କରିଛନ୍ତି । ଅସ୍ଥାୟୀ ପଦକ୍ଷେପ ପାଇଁ ଏମାନେ ଏକ ଚିଠାନୀତି ପ୍ରସ୍ତୁତ କରିଛନ୍ତି । ତେବେ ଯଦି ହୋର୍ମୁଜ ଜଳପଥ ବନ୍ଦ ରହିଚାଲେ ତେବେ କୌଣସି ବିକଳ୍ପ ଗ୍ୟାସ ଦରକୁ ଖସାଇପାରିବ ନାହିଁ ।

ଠିକ୍ ସେହିପରି ଏସୀୟ ଉପସାଗରୀୟ ଅଞ୍ଚଳରେ ଚାଲିଥିବା ଯୁଦ୍ଧ ଏକ ଭୟଙ୍କର ମୋଡ଼ ନେଇଛି । ଇରାନ ପ୍ରଥମ ଥର ପାଇଁ ନିଜର ପ୍ରକୃତ ସାମରିକ କ୍ଷମତା ପ୍ରଦର୍ଶନ କରି ବିଶ୍ୱକୁ ଚକିତ କରିଦେଇଛି । ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଅନୁଯାୟୀ, ଇରାନ ନିଜ ସୀମାରୁ ପ୍ରାୟ ୪,୦୦୦ କିଲୋମିଟର ଦୂରରେ ଅବସ୍ଥିତ ଭାରତ ମହାସାଗରର ଗୁରୁତ୍ୱପୂର୍ଣ୍ଣ ଆମେରିକା-ୟୁକେ ସାମରିକ ଘାଟି ''ଡିଏଗୋ ଗାର୍ସିଆ'' ଉପରେ ଦୁଇଟି ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି । ଯଦିଓ ଏହି ଆକ୍ରମଣରେ କୌଣସି ଜୀବନହାନି ବା ସମ୍ପତ୍ତି ନଷ୍ଟ ହୋଇନାହିଁ, କିନ୍ତୁ ଏହା ଇରାନର ପୂର୍ବ ନିର୍ଦ୍ଧାରିତ ୨,୦୦୦ କିଲୋମିଟର ଦୂରତା ସୀମାକୁ ଅତିକ୍ରମ କରି ଆମେରିକାର ରଣନୈତିକ ସ୍ୱାର୍ଥକୁ ସିଧାସଳଖ ଚ୍ୟାଲେଞ୍ଜ କରିଛି । ଏହି ଆକ୍ରମଣ ସମୟରେ ଇରାନର ବୈଷୟିକ କ୍ଷମତାକୁ ନେଇ କିଛି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ, ଗୋଟିଏ କ୍ଷେପଣାସ୍ତ୍ର ଉଡ଼ାଣ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିଫଳ ହୋଇଥିବାବେଳେ, ଦ୍ୱିତୀୟଟିକୁ ଅଟକାଇବା ପାଇଁ ଆମେରିକା ଏକ ଏସଏମ୍-୩ ଇଣ୍ଟରସେପ୍ଟର ବ୍ୟବହାର କରିଥିଲା । ତଥାପି, ଏହି ପ୍ରତିରୋଧ ସମ୍ପୂର୍ଣ୍ଣ ସଫଳ ହୋଇଛି କି ନାହିଁ, ସେ ନେଇ ସାମରିକ ଅଧିକାରୀମାନେ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇପାରିନାହାଁନ୍ତି । ଏହି ଘଟଣା ପ୍ରମାଣ କରୁଛି ଯେ ଇରାନର କ୍ଷେପଣାସ୍ତ୍ରଗୁଡ଼ିକ ତେହେରାନର ପୂର୍ବ ଦାବି ଅପେକ୍ଷା ବହୁତ ଅଧିକ ଦୂରତା ଅତିକ୍ରମ କରିବାରେ ସକ୍ଷମ । ଡିଏଗୋ ଗାର୍ସିଆ ବିଶ୍ୱର ସବୁଠାରୁ ଦୂରବର୍ତ୍ତୀ ଓ ରହସ୍ୟମୟ ସାମରିକ ଘାଟି ମଧ୍ୟରୁ ଅନ୍ୟତମ । ଭାରତ ମହାସାଗରରେ ଅବସ୍ଥିତ ଏହି ଦ୍ୱୀପଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ହୋଇଥିଲେ ହେଁ, ଏହା ସାଧାରଣ ନାଗରିକ ଓ ସାମ୍ବାଦିକମାନଙ୍କ ପାଇଁ ସମ୍ପୂର୍ଣ୍ଣ ନିଷିଦ୍ଧ ଅଞ୍ଚଳ । ଏହା ୟୁକେ ଏବଂ ମରିସସ ମଧ୍ୟରେ ଏକ ବିବାଦୀୟ ସ୍ଥଳ ହୋଇ ରହିଥିବାବେଳେ, ଏଠାରେ କେବଳ ଉଚ୍ଚପଦସ୍ଥ ସାମରିକ ଅଧିକାରୀଙ୍କୁ ପ୍ରବେଶ ଅନୁମତି ମିଳିଥାଏ । ଇରାନ ପକ୍ଷରୁ ଏହି ଗୁପ୍ତ ଘାଟିକୁ ଟାର୍ଗେଟ କରାଯିବା ଆମେରିକା ପାଇଁ ଏକ ବଡ଼ ଚେତାବନୀ ବୋଲି କୁହାଯାଇପାରେ ।

ଠିକ୍ ସେହିପରି ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ, ଆମେରିକା ସାମରିକ ଉପସ୍ଥିତିକୁ ସୁଦୃଢ଼ କରି ଆହୁରି ୩ଟି ଯୁଦ୍ଧଜାହାଜ ଏବଂ ପ୍ରାୟ ୨, ୫୦୦ ଅତିରିକ୍ତ ମେରାଇନ ମୁତୟନ କରିଥିବା ଆମେରିକୀୟ ଅଧିକାରୀମାନେ ନିଶ୍ଚିତ କରିଛନ୍ତି । ଏବେ ହୋର୍ମୁଜରେ ମୁହାଁମୁହିଁ ଯୁଦ୍ଧ ହେବା ଆଶଙ୍କା କରାଯାଉଛି । ତେହେରାନର ସର୍ବୋଚ୍ଚ ସାମରିକ ମୁଖପାତ୍ର ଜେନେରାଲ ଆବୋଲଫଜଲ ଶେକାରଚି ଚେତାବନୀ ଦେଇଛନ୍ତି ଯେ, ବିଶ୍ୱରେ ପର୍ଯ୍ୟଟନ ସ୍ଥାନଗୁଡ଼ିକ ଇରାନର ଶତ୍ରୁମାନଙ୍କ ପାଇଁ ସୁରକ୍ଷିତ ରହିବ ନାହିଁ । ଆମେରିକା-ଇସ୍ରାଏଲର ମିଳିତ କାର୍ଯ୍ୟାନୁଷ୍ଠାନରେ ଅନେକ ଶୀର୍ଷ ଇରାନୀ ନେତାଙ୍କ ମୃତ୍ୟୁ ଏବଂ ଏହାର ପ୍ରତିରକ୍ଷା ଏବଂ ଶକ୍ତି ଭିତ୍ତିଭୂମିକୁ ଯଥେଷ୍ଟ କ୍ଷତି ପହଞ୍ଚାଇବା ପରେ ଏହି ବିବୃତ୍ତି ଆସିଛି । ଯୁଦ୍ଧ ମଧ୍ୟରେ ମଧ୍ୟ ଇରାନ ମିସାଇଲ ବିକାଶ କରୁଥିବା ଦାବି କରିଆସୁଛି । ଇସ୍ରାଏଲୀ ଆକ୍ରମଣରେ ପୂର୍ବତନ ଇରାନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ପରେ, ତାଙ୍କ ପୁଅ ଆୟାତୋଲ୍ଲା ମୋଜତାବା ଖାମେନେଇ ଦାୟିତ୍ୱ ଗ୍ରହଣ କଲେ । ତାଙ୍କର ପ୍ରଥମ ବିବୃତ୍ତିରେ, ସେ କହିଥିଲେ, 'ଶତ୍ରୁମାନଙ୍କ ସୁରକ୍ଷା ଛଡ଼ାଇ ନିଆଯିବା ଉଚିତ୍ ।' ଇସ୍ରାଏଲ ତେହେରାନ ଉପରେ ବାରମ୍ବାର ଆକ୍ରମଣ କରିଆସୁଛି । ଶୁକ୍ରବାର ବାସିଜ ଫୋର୍ସ ଗୁପ୍ତଚର ମୁଖ୍ୟ ଇସମାଇଲ ଅହମଦିଙ୍କ ମୃତ୍ୟୁ ନିଶ୍ଚିତ କରିଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦାବି କରିଛନ୍ତି ଯେ, ଇରାନର ନୌସେନା ଏବଂ ବାୟୁସେନା ଧ୍ୱଂସ ହୋଇଯାଇଛି, ଏହି ଦାବିକୁ ଇରାନ ଅସ୍ୱୀକାର କରିଛି ।

ଠିକ୍ ସେହିପରି ଆମେରିକାର ସବୁଠାରୁ ଶକ୍ତିଶାଳୀ ଯୁଦ୍ଧବିମାନ ଏଫ୍-୩୫କୁ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) କ୍ଷେପଣାସ୍ତ୍ର ମାଡ କରିବାରେ ସଫଳ ହୋଇଛି । ଷ୍ଟେଲ୍ଥ ଅର୍ଥାତ୍ ଅଦୃଶ୍ୟ ଯୁଦ୍ଧବିମାନ ଭାବେ ପରିଚିତ ଆମେରିକାର ଏହି ଏଫ୍-୩୫ ପ୍ରଥମ ଥର ପାଇଁ ସାମରିକ ଅଭିଯାନରେ ଯାଇଥିବାବେଳେ ଶତ୍ରୁପକ୍ଷର କ୍ଷେପଣାସ୍ତ୍ର ମାଡରେ କ୍ଷତିଗ୍ରସ୍ତ ହୋଇଛି । ଗୁରୁବାର ରାତି ପ୍ରାୟ ୨ଟା ୩୫ରେ ଆମେରିକାର ଏହି ଯୁଦ୍ଧବିମାନ ଇରାନ ମଧ୍ୟକୁ ସାମରିକ ଅଭିଯାନ ପାଇଁ ଯାଇଥିବାବେଳେ ଇରାନର ଏୟାର ଡିଫେନ୍ସ ସିଷ୍ଟମ୍ ଏହା ଉପରକୁ କ୍ଷେପଣାସ୍ତ୍ର ମାଡ କରିବାରେ ସଫଳ ହୋଇଥିଲା । ଆମେରିକାର ଏଫ୍-୩୫ ଯୁଦ୍ଧବିମାନକୁ ଇରାନ କ୍ଷେପଣାସ୍ତ୍ର ମାଡ କରିବାର ଭିଡିଓକୁ ଆଇଆରଜିସି ସୋସିଆଲ ମିଡିଆରେ ପୋଷ୍ଟ କରିଛି । ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଇରାନର ସମସ୍ତ ଏୟାର ଡିଫେନ୍ସ ସିଷ୍ଟମ୍ ନଷ୍ଟ ହୋଇସାରିଛି । ତେଣୁ ଇରାନର ବାୟୁସୀମା ଏବେ ସମ୍ପୂର୍ଣ୍ଣ ମୁକ୍ତ । ଟ୍ରମ୍ପଙ୍କ ଏପରି ଦାବିର କିଛି ଘଣ୍ଟା ପରେ ଆମେରିକାର ଏଫ୍-୩୫କୁ ଇରାନ କ୍ଷେପଣାସ୍ତ୍ର ମାଡ କରିବାରେ ସଫଳ ହୋଇଛି । ଅନ୍ୟପଟେ ଆମେରିକା ସେଣ୍ଟ୍ରାଲ କମାଣ୍ଡ କହିଛି ଯେ ଏଫ୍-୩୫ ଯୁଦ୍ଧ ବିମାନଟି ମଧ୍ୟପ୍ରାଚ୍ୟସ୍ଥିତ ଏହାର କୌଣସି ଏୟାରବେସ୍ ?ରେ ଜରୁରୀକାଳୀନ ଅବତରଣ କରିଛି ଏବଂ ଏହାର ପାଇଲଟ୍ ସୁସ୍ଥ ଅଛନ୍ତି । ଏହା କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ହୋଇଛି କିମ୍ବା ଶତ୍ରୁପକ୍ଷର ଆକ୍ରମଣରେ ହୋଇଛି ତାର ତଦନ୍ତ ଜାରି ରହିଛି । ସେଣ୍ଟ୍ରାଲ କମାଣ୍ଡର କ୍ୟାପଟେନ୍ ଟିମ୍ ହକିନ୍ସ କହିଛନ୍ତି ଯେ ଯୁଦ୍ଧବିମାନଟି ସାମରିକ ଅଭିଯାନରେ ଯାଇଥିବାବେଳେ ଏହା ଫେରିଆସି ଜରୁରୀ ଅବତରଣ କରିଥିଲା । ଜରୁରୀ ଅବତରଣର କାରଣ ସମ୍ପର୍କରେ ତଦନ୍ତ କରାଯାଉଛି । ଅଦୃଶ୍ୟ ଯୁଦ୍ଧବିମାନ ଭାବେ ପରିଚିତ ଏଫ୍-୩୫କୁ ଶତ୍ରୁ ପକ୍ଷରୁ ରେଡାର ଠାବ କରିପାରି ନଥାଏ । ଏହା ଶତ୍ରୁ ପକ୍ଷର ରେଡାରକୁ ଚକ୍ ?ମା ଦେଇ ଆକ୍ରମଣ କରିଥାଏ । ମାତ୍ର ପ୍ରଥମ ଥର ପାଇଁ ଇରାନ ଏହି ଯୁଦ୍ଧବିମାନକୁ କ୍ଷେପଣାସ୍ତ୍ର ମାଡ କରିଛି ।

**ଚଳିତ ବର୍ଷ :** ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ପାଇଁ ୭୩୧ କୋଟି ୨୨ ଲକ୍ଷ ୫୫ ହଜାର ଅର୍ଥ ବରାଦ ହୋଇଛି । ଏହାସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧୨୨୩ କୋଟି ୯୮ ଲକ୍ଷ ୩୫ ହଜାର ଓ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସାଇକେଲ, ପରିଧାନ ଓ ପାଠ୍ୟପୁସ୍ତକ ବଣ୍ଟନ ପାଇଁ ମଧ୍ୟ ଅର୍ଥ ବ୍ୟବସ୍ଥା କରାଯାଇଛି । ପିଲାଙ୍କୁ ଯେପରି ସ୍କୁଲରେ ଉନ୍ନତମାନର ମଧ୍ୟାହ୍ନ ଭୋଜନ ମିଳିବ ସେଥିପାଇଁ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପିଛା ସରକାର ୧୧ଟଙ୍କା ଦେଉଥିବାବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲା ପିଛା ୧୪ଟଙ୍କା ୭୪ପଇସା ଦିଆଯାଉଛି ।
ଚଳିତ ବଜେଟ୍ରେ ଭିତ୍ତିଭୂମି ଉନ୍ନତି ପାଇଁ ୯୩୦ କୋଟିରୁ ଅଧିକ ଅର୍ଥ ବରାଦ କରାଯାଇଥିବାବେଳେ ଏଥିରେ ନୂତନ ଶ୍ରେଣୀଗୃହ, ଶୌଚାଳୟ, ବିଦ୍ୟାଳୟ ମରାମତି ଓ ଅନ୍ୟାନ୍ୟ ସୁବିଧା ଅନ୍ତର୍ଭୁକ୍ତ ଅଛି । ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଯୋଗାଇ ଦେବା ପାଇଁ ୫୧କୋଟି ଟଙ୍କା ବରାଦ ହୋଇଛି । ଏହାଦ୍ୱାରା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବର୍ଷ ଆରମ୍ଭରୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ । ଏହି ବଜେଟ୍ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ଏବଂ ଛାତ୍ରଛାତ୍ରୀଙ୍କ ସମଗ୍ର ଉନ୍ନତିରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି । ଏହାପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଏବଂ ବିଭାଗୀୟ ଅଧିକାରୀମାନେ ବିଭାଗର ବଜେଟ୍ ? ସମ୍ପର୍କରେ ସୂଚନା ଦେଇଥିଲେ ।

**୩୧ ରାଜ୍ୟସଭା :** ନାଁରେ ସବୁଠୁ କମ୍ ସମ୍ପତ୍ତି ରହିଛି । ତାଙ୍କ ସମ୍ପତ୍ତି ମୂଲ୍ୟ ମାତ୍ର ୩ ଲକ୍ଷ ଟଙ୍କା ଭିତରେ ହେବ । ତାଙ୍କ ପରେ ମଣିପୁରର ମହାରାଜା ସାଜୋଓବା ଲିସେମ୍ବା ପ୍ରାୟ ୫ ଲକ୍ଷ ଟଙ୍କା ସହିତ ଦ୍ୱିତୀୟ ଏବଂ ଟିଏମସି ସାଂସଦ ପ୍ରକାଶ ଚିକ୍ ବାରାଇକ ପ୍ରାୟ ୯ ଲକ୍ଷ ଟଙ୍କା ସହିତ ତୃତୀୟ ସ୍ଥାନରେ ଅଛନ୍ତି । ସେହିପରି ଏଡିଆର ରିପୋର୍ଟ ଅନୁଯାୟୀ ୩୨ ପ୍ରତିଶତ ରାଜ୍ୟସଭା ସାଂସଦ ସେମାନଙ୍କ ନାଁରେ ଅପରାଧିକ ମାମଲା ଥିବା ଘୋଷଣା କରିଛନ୍ତି । ଏହି ରିପୋର୍ଟ ୨୩୩ ସାଂସଦଙ୍କ ମଧ୍ୟରୁ ୨୨୯ ସାଂସଦଙ୍କ ସତ୍ୟପାଠ ସମୀକ୍ଷା କରାଯାଇଛି । ଏମାନଙ୍କ ମଧ୍ୟରେ ନବନିର୍ବାଚିତ ୩୭ ସାଂସଦ ମଧ୍ୟ ଅଛନ୍ତି । ୨୨୯ରୁ ୭୩ ସାଂସଦ (୩୨ ପ୍ରତିଶତ) ସେମାନଙ୍କ ନାଁରେ ଅପରାଧିକ ମାମଲା ରହିଥିବା, ୩୬ (୧୬ ପ୍ରତିଶତ) ହତ୍ୟା , ହତ୍ୟା ଉଦ୍ୟମ ଓ ମହିଳାଙ୍କ ବିରୋଧରେ ସଙ୍ଗୀନ ଅପରାଧ ମାମଲା ପରି ଅଭିଯୋଗ ରହିଛି । ଦଳ ଭିତ୍ତିରେ ଦେଖିଲେ ବିଜେପିର ୯୯ ସାଂସଦଙ୍କ ମଧ୍ୟରୁ ୨୭ ଜଣ, କଂଗ୍ରେସର ୨୮ ସାଂସଦର ୧୨ ଜଣ, ତୃଣମୂଳ କଂଗ୍ରେସର ୧୩ ସାଂସଦରୁ ୪ ଜଣ, ଆପ୍ର ୧୦ରୁ ୪ ଜଣ ସାଂସଦଙ୍କ ନାଁରେ ଅପରାଧିକ ମାମଲା ରହିଛି ।

**ମାହେନ୍ଦ୍ର :** ଓ ହ୍ୟାଣ୍ଡଲିଂ ଟିମ୍ ଏହିଭଳି ଦୁଇଟି ଟିମ୍ ଗଠିତ ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁପରଭାଇଜିଂ ଟିମର ଅଧ୍ୟକ୍ଷ ରହିଥିବାବେଳେ ରତ୍ନଭଣ୍ଡାର ତଦାରଖ କମିଟିର ଦୁଇ ଜଣ ସଦସ୍ୟ, ଜଣେ ସେବାୟତ ସଦସ୍ୟ ରହିଛନ୍ତି । ସେହିପରି ହ୍ୟାଣ୍ଡଲିଂ ଟିମରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ, ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ତଢ଼ଉକରଣ, ଦେଉଳକରଣ, ଶ୍ରୀମନ୍ଦିର ବଣିଆ ସେବକ, ଦୁଇ ଜଣ ସ୍ୱର୍ଣ୍ଣକାର, ଦୁଇ ଜଣ ଜେମୋଲୋଜିଷ୍ଟ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ଅଧିକାରୀ ପ୍ରମୁଖ ସାମିଲ ରହିବେ । ବିଶେଷ ଦିନ, ପର୍ବ ପର୍ବାଣୀ, ଶନିବାର ଓ ରବିବାର ଦିନ ଗଣତିମଣତି ହେବ ନାହିଁ । ହାଇକୋର୍ଟ ଗଣତିମଣତି ଶେଷ ପାଇଁ ୩ମାସ ସମୟ ଦେବା ପରେ ରାଜ୍ୟ ସରକାରଙ୍କ ତରଫରୁ ତତ୍ପରତା ପ୍ରକାଶ ପାଇଛି । ୧୯୭୮ ମସିହାରେ ୭୨ ଦିନ ଗଣତି ମଣତି ହୋଇଥିବାବେଳେ ବର୍ତ୍ତମାନ ଗଣତିମଣତି ସମୟରେ ଅଳଙ୍କାର ଓଜନ କରାଯିବ କିନ୍ତୁ ମୂଲ୍ୟାୟନ କରାଯିବନାହିଁ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ସେପଟେ ଭିତର ରତ୍ନଭଣ୍ଡାରର ଗଣତିମଣତି ଦିନ ଟ୍ରେଜେରୀରୁ ଚାବି ଆସିବ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋଲିବ ଏବଂ ବନ୍ଦ କରାଯିବ । ତେବେ ସମସ୍ତ ପ୍ରକ୍ରିୟାକୁ ସ୍ୱଚ୍ଛତାର ସହ କରାଯିବ ବୋଲି କହିଛନ୍ତି ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ।

**ମାର୍ଚ୍ଚ :** ଦେଇ ପାନ୍ ସହିତ ଆଧାର ଲିଙ୍କ କରିବାର ସୁବିଧା ପାଉଛି । ପାନ୍ ଅକାମୀ ହେଲେ ଆପଣ ବ୍ୟାଙ୍କ୍ କାରବାର କରିପାରିବେ ନାହିଁ କିମ୍ବା ଟ୍ୟାକ୍ସ ରିଫଣ୍ଡ ପାଇପାରିବେ ନାହିଁ । ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଆୟକର ରିହାତି ପାଇବାକୁ ହେଲେ ଆପଣଙ୍କୁ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ସମସ୍ତ ପୁଞ୍ଜି ନିବେଶ ଶେଷ କରିବାକୁ ପଡ଼ିବ ।

**ନୂଆ ରୂପ ପାଇବ :** ତଥା ଦେଶର ବିକାଶ ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଜଙ୍ଗଲ ସୁରକ୍ଷା ସହିତ ଆମେ ଜଙ୍ଗଲକୁ ଜୀବିକା ଅର୍ଜନର ପ୍ରମୁଖ ମାଧ୍ୟମ ଭାବେ ପରିଣତ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରି ସଫଳ ହୋଇଛୁ । ଜଙ୍ଗଲ ନିଆଁ ରୋକିବା ଏବଂ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ ରୋକିବା ଦିଗରେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ । ମନୁଷ୍ୟକୃତ ଜଙ୍ଗଲ ନିଆଁ ପାଇଁ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ସହିତ ଜଙ୍ଗଲ ସୁରକ୍ଷା ସମ୍ବନ୍ଧିତ ପୁସ୍ତକ ଉନ୍ମୋଚନ ଏବଂ ଉତ୍ତମ ପ୍ରଦର୍ଶନକାରୀ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନଙ୍କୁ ସମ୍ମାନିତ କରିଥିଲେ । ଠିକ୍ ସେହିପରି ନୂଆ ରୂପ ପାଇବ କଟକ ମହାନଦୀ ରିଭର ଫ୍ରଣ୍ଟ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା କରିଛନ୍ତି । କଟକ ମହାନଦୀ ତଟ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ପାଇଁ ୨୧୦ କୋଟି ଟଙ୍କା ବ୍ୟୟ କରାଯିବ । ଏହି ପ୍ରକଳ୍ପ ଅନ୍ତର୍ଗତ ୪୨୬ ଏକର ଅଞ୍ଚଳରେ ମହାନଦୀ ତଟ ସୌନ୍ଦର୍ଯ୍ୟକରଣ କରାଯିବ । ଏହି ପ୍ରକଳ୍ପ ଜାତୀୟ ସ୍ତରର ଏକ ଆକର୍ଷଣୀୟ ପର୍ଯ୍ୟଟନ ପ୍ରକଳ୍ପ ଭାବରେ ବିକଶିତ ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପର ସମୀକ୍ଷା କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରକଳ୍ପ ମାଧ୍ୟମରେ ମହାନଦୀ ତଟର ସୌନ୍ଦର୍ଯ୍ୟକରଣ କରାଯିବ, ଯାହା ପର୍ଯ୍ୟଟନ ବିକାଶରେ ସହାୟକ ହେବ । ଏହା ସହ ପରିବେଶ ସଂରକ୍ଷଣ ଏବଂ ଆଧ୍ୟାତ୍ମିକ ପର୍ଯ୍ୟଟନର ବିକାଶ ମଧ୍ୟ ହେବ ।

# ବିଜେଡ଼ିର ୬ ବିଧାୟକ ନିଲମ୍ବିତ

## ବିଧାନସଭାରେ ୪୨କୁ ଖସିଲା

- ପିଏସି ବୈଠକ ପରେ ପ୍ରମିଳାଙ୍କ ପ୍ରତିକ୍ରିୟା: ରଦ୍ଦ ହେବ ବିଧାୟକ ପଦ
- ବିଶୃଙ୍ଖଳା ସହିପାରନ୍ତନି ନବୀନ, କାର୍ଯ୍ୟାନୁଷ୍ଠାନ ହେବା ସ୍ୱାଭାବିକ



**ଭୁବନେଶ୍ୱର (ହଓଖ) :** ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ଅଭିଯୋଗରେ ୬ଜଣ ବିଧାୟକଙ୍କୁ ଦଳରୁ ନିଲମ୍ବନ କରିଛି ବିଜେଡି। ଏହି ବିଧାୟକମାନଙ୍କୁ ଆଜି ତତ୍କାଳ ପ୍ରଭାବରୁ ନିଲମ୍ବନ କରାଯିବା ପରେ ଦଳର ବିଧାୟକ ସଂଖ୍ୟା ବିଧାନସଭାରେ ୪୨କୁ ହ୍ରାସ ପାଇଛି।

ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଜାରି କାରଣଦର୍ଶାଅ ନୋଟିସର ଜବାବକୁ ଅନୁଧ୍ୟାନ କରିବା ପରେ ବିଜେଡିର ଶୃଙ୍ଖଳା କମିଟିର ସୁପାରିଶ ଓ ରାଜନୀତିକ ବ୍ୟାପାର କମିଟି ଏହି ଚୂଡ଼ାନ୍ତ ନିଷ୍ପତ୍ତି ନେଇଥିବା ଦଳ ପକ୍ଷରୁ କୁହାଯାଇଛି। ବିଜେଡି ସମ୍ବିଧାନ ଅନୁଯାୟୀ ଦଳର ସମୂହ ନିଷ୍ପତ୍ତି ପ୍ରତି ଆନୁଗତ୍ୟ ପ୍ରକାଶ କରିବା ବାଧ୍ୟତାମୂଳକ ହୋଇଥିବାବେଳେ ଏହି ନିୟମ ଭଙ୍ଗ କରିଥିବାରୁ ସେମାନଙ୍କ ବିରୁଦ୍ଧରେ ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଦଳ ପକ୍ଷରୁ ଜାରି ପ୍ରେସ୍ ରିଲିଜରେ ଉଲ୍ଲେଖ ରହିଛି। ଏହି ନିଲମ୍ବନ ଆଦେଶ ଅନୁସାରେ, ବାଲିଗୁଡ଼ା ବିଧାୟକ ଚକ୍ରମଣି କାହାର, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବସ୍ତା ବିଧାୟିକା ସୁବାସିନୀ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ ବାଙ୍କି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏହି ବିଧାୟକମାନେ ଦଳବିରୋଧୀ କାର୍ଯ୍ୟକଳାପ କରିଥିବାର ପ୍ରମାଣିତ ହୋଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ବିଧାୟକମାନେ ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ଅଭିଯୋଗରେ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ତାଙ୍କୁ ମାର୍ଚ୍ଚ ୧୭ତାରିଖରେ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। ଗତକାଲି ସେମାନେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟ ବିଧାୟକମାନେ ମୁଖ୍ୟ ସଚେତକଙ୍କ ନୋଟିସକୁ ଅସାମ୍ବିଧାନିକ ବୋଲି ଦର୍ଶାଇ କହିଥିଲେ ଯେ, ରାଜ୍ୟସଭା ନିର୍ବାଚନରେ କୌଣସି ଦଳ ହ୍ୱିପ୍ ଜାରି କରିପାରିବେ ନାହିଁ ଓ ଯଦି ନୋଟିସ ପ୍ରତ୍ୟାହାର କରାନଯାଏ, ତେବେ ମୁଖ୍ୟ ସଚେତକଙ୍କ ବିରୋଧରେ ବିଏନଏସର ଧାରା ୧୭୧ ଓ ୧୭୪ ଅନୁଯାୟୀ ଫୌଜଦାରୀ ମାମଲା ରୁଜୁ କରାଯିବ। ସେମାନେ ସୁପ୍ରିମକୋର୍ଟ ଓ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ଉଲ୍ଲେଖ କରି ପ୍ରମିଳାଙ୍କୁ ତୁରନ୍ତ ନୋଟିସ ଫେରାଇ ନେବାକୁ ଚେତାବନୀ ଦେଇଥିଲେ।

ଆଜି ସନ୍ଧ୍ୟାରେ ଦଳର ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରମିଳା କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ କ୍ରସ୍ ?ଭୋଟିଂ କରିଥିବା ୬ ବିଧାୟକ ଗତକାଲି ଯେଉଁ ଜବାବ ଦେଇଥିଲେ, ତାହାକୁ ଦଳର ଶୃଙ୍ଖଳା କମିଟି ବିଧିବଦ୍ଧ ଭାବେ ଅନୁଧ୍ୟାନ କରିଥିଲେ। କମିଟି ଏହି ଜବାବରେ ସନ୍ତୁଷ୍ଟ ନହୋଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। ଆଜି ପିଏସି ବୈଠକରେ ସମସ୍ତ ସଭ୍ୟ ଏହି ୬ବିଧାୟକଙ୍କୁ ନିଲମ୍ବିତ କରିବା ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରସ୍ତାବ ଦେଇଥିଲେ ଓ ସେହି ଅନୁଯାୟୀ ସେମାନଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏହି ବିଧାୟକମାନଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ ଖୁବଶୀଘ୍ର ବିଧାନସଭା ବାଚସ୍ପତିଙ୍କୁ ପତ୍ର ଲେଖାଯିବ। ଦଳ ବିରୋଧୀ କାର୍ଯ୍ୟ ପାଇଁ ଯେଉଁଭଳି ଆଇନଗତ ପଦକ୍ଷେପ ନେବାକୁ ପଡ଼ିବ, ଦଳ ସେଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

ଧାର୍ଯ୍ୟ ସମୟ ପୂର୍ବରୁ ଜବାବ ରଖି ଓଲଟା ପ୍ରମିଳାଙ୍କୁ ଜେଲ୍ ଯିବାକୁ ପ୍ରସ୍ତୁତ ରୁହ ବୋଲି ଚେତାବନୀ ଦେଇଥିଲେ।

ଦଳ ଦେଇଥିବା କାରଣଦର୍ଶାଅ ନୋଟିସକୁ ଏହି ବିଧାୟକମାନେ ବାଏଁବାଏଁ ଉଡ଼ାଇ ଦେବା ସହ ଅତ୍ୟନ୍ତ ଆକ୍ରମଣାତ୍ମକ ଶୈଳୀରେ ଜବାବ ରଖିଥିଲେ। ବାଙ୍କି

# ପୁଣି ବଢ଼ିଲା ଖାଇବା ତେଲ ଦର




**ଦୁଇ ସପ୍ତାହରେ ରିଫାଇନ୍ ଲିଟର ପିଛା ୨୦ ଟଙ୍କା ବୃଦ୍ଧି**

**ତୈଳ ଦର ୧୧୨ ଡଲାରକୁ ବୃଦ୍ଧି**

**ମଲ୍‌ରୁ ଶୀଘ୍ର ସରୁଛି ଖାଇବା ତେଲ : ପହଞ୍ଚିବା ମାତ୍ରେ ବୋହି ନେଉଛନ୍ତି**

**କଟକ(ହଓଖ):** ପୁଣି ବଢ଼ିଛି ରିଫାଇନ୍ ତେଲ ଦର। ଫେବୃଆରି ଶେଷ ସପ୍ତାହରେ ରିଫାଇନ୍ ତେଲ ଲିଟର ପିଛା ୧୬୦ ଟଙ୍କାରେ ଖାଉଟିଙ୍କୁ ମିଳୁଥିବା ବେଳେ ମାର୍ଚ୍ଚ ପ୍ରଥମ ସପ୍ତାହରେ ୧୭୦ ଟଙ୍କା ହେଲା। ଏବେ ରିଫାଇନ୍ ତେ ଲ ଲିଟର ପିଛା ୧୮୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ମାର୍ଚ୍ଚ ମାସ ଆରମ୍ଭରେ ପାମୋଲିନ୍ ତେଲର ଖୁଚୁରା ମୂଲ୍ୟ ଲିଟର ପିଛା ୧୦୨ ଟଙ୍କା ରହିଥିବା ବେଳେ ଏ ବେ ୧୧୦ ଟଙ୍କାରେ ବିକ୍ରି ହେଉଛି। କିଛି ଦିନ ହେଲା ରିଫାଇନ୍ ତେଲ ଦର ବଢ଼ିବାରେ ଲାଗିଛି। ମାର୍ଚ୍ଚ ପ୍ରଥମ ସପ୍ତାହରେ ରିଫାଇନ୍ ତେଲ ଫ୍ରିଡମ୍ ଲିଟର ପିଛା ହୋଲସେଲ୍ ରେ ୧୬୮ ଟଙ୍କା ପଡୁଥିବାବେଳେ ଖୁଚୁରା ବଜାରରେ ଖାଉଟି ଲିଟର ପିଛା ୧୭୨ରୁ ୧୭୩ ଟଙ୍କାରେ ପାଉଥିଲେ। ସେହିପରି ଫର୍ଚ୍ୟୁନ୍ ରିଫାଇନ୍ ତେଲ ଲିଟର ପିଛା ହୋଲସେଲ୍ ରେ ୧୫୭ ଟଙ୍କା ରହିଥିବା ବେଳେ ଖୁଚୁରାରେ ତାହା ଲିଟର ପିଛା ଅଧିକ ୫ ଟଙ୍କାରେ ବିକ୍ରି କରାଯାଉଥିଲା। ଭାରତକୁ କମ୍ ଆମଦାନି କାରଣରୁ ଏହି ଦର ବଢ଼ିଥିବା କୁହାଯାଉଥିଲା। ଚଳିତ ମାସ ୧୪ରୁ ୧୬ ତାରିଖ ମଧ୍ୟରେ ଫ୍ରିଡମ୍ ରିଫାଇନ୍ ତେଲ ଲିଟର ପିଛା ହୋଲସେଲ୍ ଦର ୧୭୫ ଟଙ୍କା ଓ ଫର୍ଚ୍ଚୁନ୍ ରିଫାଇନ୍ ତେଲ ୧୬୫ ଟଙ୍କା ରହିଥିବା ବେଳେ ଖୁଚୁରାରେ ଏସବୁ ଅଧିକ ୫ ଟଙ୍କା ଅର୍ଥାତ୍ ୧୮୦ ଟଙ୍କା ଓ ୧୭୦ ଟଙ୍କାରେ ବିକ୍ରି ହେଉଥିଲା। ଏବେ ୧୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଫ୍ରିଡମ୍ ତେଲ ହୋଲସେଲ୍ ଦର ଲିଟର ପିଛା ୧୭୭ ଟଙ୍କା ଓ ଫର୍ଚ୍ୟୁନ୍ ତେଲ୍ ୧୬୭ ଟଙ୍କା ରହିଛି। ଏଥି ପାଇଁ ଖୁଚୁରାରେ ଏବେ ଫ୍ରିଡମ୍ ଲିଟର ପିଛା ୧୮୧ ଟଙ୍କାରୁ ଅଧିକ ଓ ଫର୍ଚ୍ୟୁନ୍ ଲିଟର ପିଛା ୧୭୨ ଟଙ୍କାରୁ ଅଧିକ ଦରରେ ବିକ୍ରି ହେଉଛି। ଦୁଇ ସପ୍ତାହରେ ରିଫାଇନ୍ ତେଲ ଲିଟର ପିଛା ପାଖାପାଖି ୨୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ଫେବୃଆରି ଶେଷରେ ହୋଲସେଲ୍ ରେ ପାମୋଲିନ୍ ପେଟି (୧୦ ପ୍ୟାକେଟ୍)କୁ ରାଗ ଗୋଲ୍ ଡ ୯୫୦ ଟଙ୍କା, ବେଷ୍ଟ ଚଏସ୍ ୯୫୦ ଟଙ୍କା ଓ ରୁଚି ଗୋଲ୍ ଡ ପେଟି ୧୦୮୦ ଟଙ୍କା ରହିଥିବାବେଳେ ଏବେ ରାଗ ଗୋଲ୍ ଡ ହୋଲସେଲ୍ ଦର ୧୦୨୫ ଟଙ୍କା, ବେଷ୍ଟ ଚଏସ୍ ୧୦୨୫ ଟଙ୍କା, ରୁଚି ଗୋଲ୍ ଡ ପେଟି ୧୧୮୦ ଟଙ୍କା ରହିଛି। ଏହି ଅନୁସାରେ ପୂର୍ବ ତୁଳନାରେ ପା ମୋଲିନ୍ ତେଲ ଲିଟରକୁ ଖାଉଟିଙ୍କୁ ୧୦ ଟଙ୍କା ଅଧିକ ପଡୁଛି। ଏ ସଂକ୍ରାନ୍ତରେ କଟକ ବଣିକ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ କହିଛନ୍ତି ଯେ ରିଫାଇନ୍ ତେଲର ହୋଲସେଲ୍ ଦର ଲିଟର ପିଛା ୧୦ ଟଙ୍କା ବଢ଼ିଥିବା ବେଳେ ପାମୋଲିନ୍ ତେଲ ଲିଟର ପିଛା ୫ ଟଙ୍କାରୁ ଅଧିକ ବଢ଼ିଛି।

# କାଳବୈଶାଖୀ ଝଡବାତ୍ୟାରେ ପନିପରିବା ଚାଷ ନଷ୍ଟ



**ପାଟଣା (ହଓଖ) :** କାଳ ବୈଶାଖୀ ବର୍ଷା ପବନ ସାଙ୍ଗକୁ କୁଆପଥର ମାଡରେ ଦାମାହୁଦା,କୁଣ୍ଡଳା ଆଦି ପଞ୍ଚାୟତରେ ପନିପରିବା ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। କିଛି ଲୋକଙ୍କ ଟାଇଲ ଛପର ଓ ଆଜବେଷ୍ଟ ଘର ମଧ୍ୟ କୁଆପଥର ମାଡରେ କ୍ଷତିଗ୍ରସ୍ତ ହୋଇଛି। କେନ୍ଦୁଯୋଡ଼ା ନିକଟରେ ବିଭିନ୍ନ ପନିପରିବା ଚାଷ କରିଥିବା ଚାଷୀଙ୍କ ମଧ୍ୟରେ ସୁଶୀଲ ମହାନ୍ତ, ମହେନ୍ଦ୍ର ମହାନ୍ତ, ପ୍ରଦୀପ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ ଓ ଜଗା ମୁଣ୍ଡାଙ୍କର ଏକର ଏକର ତରଭୁଜ ଚାଷ ନଷ୍ଟ ହୋଇଥିବା ବେଳେ ମହେନ୍ଦ୍ର ମାଝୀଙ୍କ ବାଇଗଣ ଚାଷ,ନରୋତ୍ତମ ଓ ଡମ୍ବରୁଧର ମହାନ୍ତଙ୍କ ପୋଟଳ ଚାଷ କୁଆପଥର ମାଡରେ କ୍ଷତିଗ୍ରସ୍ତ ହୋଇଛି। ଆଖପାଖ ଇଲାକାରେ ବହୁ ଚାଷୀଙ୍କ ପନିପରିବା ଚାଷ କୁଆପଥର ମାଡରେ ନଷ୍ଟ ହୋଇଥିବା ଦେଖାଯାଇଛି।

# ନାବାଳିକା ମୃତଦେହ ଅଖାରୁ ଜବତ

● ତଦନ୍ତ ଜାରି



**ବାରିପଦା (ହଓଖ) :** ଅଖା ଭିତରୁ ବାହାରିଲା ନିଖୋଜ ହୋଇଥିବା ନାବାଳିକାଙ୍କ ମୃତ୍ୟୁ ଦେହ।ଏହି ଘଟଣା ଘଟିଛି ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ଏନସି ୧୫ ନଂୱାର୍ଡର ବଣସାହିରେ ଥିବା ବନ ବିଭାଗର କାଠ ଡିପୋ ବାଉଁସବୁଦା ନିକଟରେ। ଘଟଣାରୁ ଜଣାପଡ଼େ ବଣସାହି ସ୍ଥିତ ନିଜ ଘର ନିକଟରୁ ଅପହରଣ ହୋଇଥିବା ନାବାଳିକାଙ୍କ ମୃତ ଦେହ ଉଦ୍ଧାର ହୋଇଛି । ଏକ ପ୍ଲାଷ୍ଟିକ ଅଖା ପଡ଼ିଥିବା ସ୍ଥାନୀୟ ଲୋକେ ପ୍ରଥମେ ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରୀ ରଖିଥିବା ବେଳେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁରର ସହାୟତା ନେବ ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ନବକ୍ରିଷ୍ଣ ନାୟକ ସୂଚନା ଦେଇଛନ୍ତି । ଗତକାଲି ଉକ୍ତ ନାବାଳିକା ଜଣଙ୍କ ନିଜ ଘର ପଛପଟେ ରୋଷେଇ କରୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ପରେ ପରିବାର ଲୋକେ ଥାନାରେ ଏତଲା ଦେବା ସହିତ ନିକଟ ଅଞ୍ଚଳ ଓ ନିକଟରେ ଥିବା ଜଙ୍ଗଲରେ ଖୋଜାଖୋଜି ନିରାଶ ହୋଇଥିଲେ । ପରିବାର ପକ୍ଷରୁ କରାଯାଇଥିବା ଏତଲା ଅନୁଯାୟୀ ଜଣେ ଶିକ୍ଷା ବିଭାଗ କର୍ମଚାରୀଙ୍କ ଉପରେ ସନ୍ଦେହ କରିଥିବା ବେଳେ ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି । ଖୁବଶୀଘ୍ର ଆସାମୀଙ୍କୁ ଧରାଯିବ ବୋଲି ପୋଲିସ ସୂଚନା ଦେଇଛନ୍ତି।

# ବାଲୁଗାଁବାସୀଙ୍କ ପାଇଁ ମଧୁର ପାନୀୟ ଜଳ ସ୍ୱପ୍ନରେ ରହିଗଲା

## ସବୁ ପ୍ରତିଶ୍ରୁତି ଫେଲ୍ ମାରିଛି

## ସ୍ଥାନୀୟ ପ୍ରଶାସନ ପାଲଟିଛି ସ୍ଥାଣୁ

**ବାଲୁଗାଁ (ହଓଖ) :** ଚିଲିକା ନିର୍ବାଚନ ମଣ୍ଡଳୀରେ ଅନେକ ସମସ୍ୟାରେ ଜନସାଧାରଣ ସମ୍ମୁଖୀନ ହେଉଥିବା ବେଳେ ଖରା ଦିନେ ମୁଖ୍ୟ ସମସ୍ୟା ଭାବେ ଛିଡା ହୋଇଛି ପାନୀୟ ଜଳ । ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଜଳ ସ୍ତର କମି ଯାଇଥିଲେ ମଧ୍ୟ ପିଇବା ପାଇଁ ଲୋକେ ଯାଉଛନ୍ତି ଅନେକ ଦୂର । ଜଳ ବିହୁନେ ସର୍ବନାଶ ଓ ଜଳ ଗହଳେ ସର୍ବନାଶ ପରି , ବାଲୁଗାଁ ଓ ତାର ନିକଟବର୍ତ୍ତୀ ଅଞ୍ଚଳରେ ପାନୀୟ ଜଳର ଘୋର ଅଭାବ ପରିଲକ୍ଷିତ ହୋଇଛି । ଗତ ୨ବର୍ଷ ତଳେ ନବୀନ ସରକାର ଘରେ ଘରେ ପାନୀୟଜଳ ଯୋଗାଇ ଦେବାପାଇଁ ପ୍ରତିଶୃତି ଦେଇଥିଲେ ମଧ୍ୟ ସେହି ପ୍ରତିଶୃତି ପାଣିର ଗାର ସଦୃଶ୍ୟ ହୋଇ ରହିଗଲା । ସେହି ସମୟରେ ବିଗତ ସରକାର ଏଲ ଆଣ୍ଡ ଟି କମ୍ପାନୀ ମାଧ୍ୟମରେ ପ୍ରତ୍ୟେକ ଗାଁ ଓ ସହରର ରାସ୍ତା ପାର୍ଶ୍ୱ ଖୋଳି ପାଣି ପାଇପ ପକାଇ ଦେଇଥିବା ବେଳେ ଏହି ପାଇପ ଦ୍ୱାରା ୪ମାସ ମଧ୍ୟରେ ପାନୀୟଜଳ ଯୋଗାଇ ଦେବାକୁ ସ୍ଥାନୀୟ ପ୍ରଶାସନର ଅଧିକାରୀ ମାନେ ଦୃଢ଼ମତ ଦେଇଥିଲେ । ପ୍ରତ୍ୟେକ ଘର ସମ୍ମୁଖରେ ପାଣି ପାଇପର ପଏଣ୍ଟଦେଇ କମ୍ପାନୀ ଚାଲି ଯାଇଥିବା ବେଳେ ଅଦ୍ୟାବଧି ଗୋଟିଏ ହେଲେ ପାଣି ଟାଙ୍କି ନିର୍ମିତ ହୋଇନାହିଁ । ଲୋକଙ୍କ ପାନୀୟଜଳ ପାଇବାର ଆଶା ଧୂଳିସାତ ହୋଇଯାଇଛି । ବିଭାଗୀୟ ଯନ୍ତ୍ରୀ ସବୁ ଜାଣି ଏଠାରେ ଅଜଣା ସାଜିଥିବା ବେଳେ ସ୍ଥାନୀୟ ପ୍ରଶାସନ ସ୍ଥାଣୁ ପାଲଟିଯାଇଛନ୍ତି ।ଏପରି ସ୍ଥଳେ ବାଲୁଗାଁ ନିକଟବର୍ତ୍ତୀ ଧୂଆଁଳ , କୁମ୍ଭୀରପଡା ,ଘିଅଖଲା , ଶିଖରପଦର ,ଲମ୍ବୋଦରପୁର , ଖଣ୍ଡାଳକୋଟ ,ବାଙ୍କିଆପଲ୍ଲୀ , ଆଙ୍କୁଲାଚଟି ,ରାହାଣବେଲ୍ଲି , କ୍ଷେତ୍ରପାଳ ,କରଡି ଆଦି ଅନେକ ଗ୍ରାମ ପାନୀୟଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ଗ୍ରାମର ମହିଳା ଓ ପୁରୁଷ ମାନେ ବାଧ୍ୟତାମୂଳକ ୨/୩କିଲୋମିଟର ଯାଇ ନଈ ଓ ପୋଖରୀରୁ ପାଣି ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି । ପାନୀୟଜଳ ପାଇବା ପାଇଁ ଜନ ସାଧାରଣ ଯେଉଁ ଆଶା ରଖିଛନ୍ତି ,ସେହି ଆଶା କେବେ ପୂରଣ ହେବ ବୋଲି ଦିନ ଗଣୁଥିବା ଜଣାପଡିଛି । ଚିଲିକା ବ୍ଲକରେ ପାନୀୟଜଳ ସମସ୍ୟା ସମ୍ପର୍କରେ ଚିଲିକା ବିଡ଼ିଓ ପୁନମ ମହାପାତ୍ରଙ୍କ ସହିତ ଯୋଗାଯୋଗ କରିବାରେ ସେ ଫୋନ ଗ୍ରହଣ କରି ନ ଥିଲେ।

## ସିଲିଣ୍ଡର କଳାବଜାରୀ ! ଗ୍ୟାସ ଗୋଦାମ ଚେକିଙ୍ଗ କରୁଛନ୍ତି ଅଧିକାରୀ

# ଗୁଜବକୁ ବିଶ୍ୱାସ କରନି : ତ୍ରିପତି ପାତ୍ର




**ଆସିକା (ହଓଖ) :** ଆସିକାରେ ଥିବା ବିଭିନ୍ନ ଗ୍ୟାସ ବିତରକ କମ୍ପାନୀର ଗୋଦାମ ଘର ଚେକିଙ୍ଗ କରୁଛନ୍ତି ଅଧିକାରୀ ମାନେ । ରାଜ୍ୟରେ ଚାଲିଥିବା ଗ୍ୟାସ ସଙ୍କଟ ଏବଂ ସବୁଦିନ ଗ୍ୟାସ ପାଇ ଲମ୍ବା ଧାଡି କଥା ଶୁଣି ଶୁଣି ଲୋକ ମାନେ ଅଧିକ ଅଧୈର୍ଯ୍ୟ ହୋଇଥାନ୍ତି । କୌଣସି ସମୟରେ କାଳେ ଗ୍ୟାସର କଳା ବଜାରୀ ହେଉଥିବା ବିଷୟରେ ଅଧିକାରୀଙ୍କ ନଜରକୁ ଆସିଲେ ବିତରକ କେନ୍ଦ୍ର, ଗୋଦାମ ଘରକୁ ପ୍ରତି ଦିନେ ଛଡା ଦିନେ ପରିଦର୍ଶନ କରୁଛନ୍ତି । ଆସିକା ଅତିରିକ୍ତ ତହସିଲଦାର ଅମରେଶ ସାବତ,ଆସିକା ପୌରାଞ୍ଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରା,ଏବଂ ପୋଲିସ ଟିମ ବିଭିନ୍ନ ଗ୍ୟାସ ଗୋଦାମ ବୁଲି ତଦାରଖ କରିଛନ୍ତି । ଜନ ସାଧାରଣ ଏବଂ ଗ୍ୟାସ ଉପଭୋକ୍ତା ମାନେ କୌଣସି ଭୟଭୀତ ହେବା ଆବଶ୍ୟକ ନାହିଁ। ଗ୍ୟାସ ନିୟମିତ ଗୋଦାମକୁ ଆସି ସଠିକ ଭାବେ ବଣ୍ଟନ କରାଯାଉଛି ବୋଲି ହେଚପି ଗ୍ୟାସର ମାଲିକ ତ୍ରିପତି ପାତ୍ର ପ୍ରକାଶ କରିଛନ୍ତି।

## ■ ଗରଦପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହାଘୋଟାଲା

# ଆରୋଗ୍ୟ ଶିବିର ନାମରେ ଅର୍ଥ ହଡପ




**ଗରଦପୁର (ହଓଖ) :** କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଆରୋଗ୍ୟ ମନ୍ଦିରଠାରେ ପ୍ରତିମାସର ତୃତୀୟ ଶୁକ୍ରବାର ଆୟୁଷ୍ମାନ ଆରୋଗ୍ୟ ଶିବିର ପାଳନ ପାଇଁ ଆସୁଥିବା ଅର୍ଥ ରାଶିକୁ ବିନା ଡାକ୍ତର, ଏ.ଏନ.ଏମ ଅନୁପସ୍ଥିତିରେ ସ୍ୱାସ୍ଥ୍ୟସେବାରେ ଘୋଟାଲା ଦେଖିବାକୁ ମିଳିଛି। ଏକଲା ଫାର୍ମାସିଷ୍ଟ ମାନସ ରଞ୍ଜନ ପଟ୍ଟନାୟକ ଆରୋଗ୍ୟ ଶିବିରର ଅର୍ଥ ରାଶିକୁ ହଡପ କରିବାର ସୁଚିନ୍ତିତ ଯୋଜନା କରି ଚାଲିଛନ୍ଦତି। ଗତ ଶିବିରରେ ସାମ୍ବାଦିକମାନଙ୍କର ଉପସ୍ଥିତିକୁ ଲକ୍ଷ କରି କାଳେ ପୋଲ ଖୋଲିଯିବ ସୁରକ୍ଷା କର୍ମଚାରୀଙ୍କ ଦ୍ୱାରା ଭିତରକୁ ନଯିବା ପାଇଁ ବାରଣ କରାଯାଇଥିଲା। କିଛି ସାମ୍ବାଦିକ ଦିବା ୧୨ଘଟିକା ସମୟରେ ମେଡିକାଲ ବନ୍ଦକରି ଆସୁଥିବା ସମୟରେ ସ୍ୱାସ୍ଥ୍ୟ ଶିବିର ବିଷୟରେ ପଚାରିବାରୁ ଘବରେଇ ଧମକ ପୂର୍ଣ୍ଣ କଥାବାର୍ତ୍ତା ଆରମ୍ଭ କରିଥିଲେ, ପ୍ରବେଶ ପାଇଁ ଅନୁମତି ପତ୍ର ମାଗିଲେ, ସିକ୍ୟୁରିଟି ଦ୍ୱା ଧମକି ଦେଲେ ଏବଂ କଥା ଏଡେଇ କୌଣସି ଉତ୍ତର ନଦେଇ ପଳେଇଯାଇଥିଲେ । ରୋଗୀଙ୍କର ଦେଖା ନାହିଁ ଚିକିତ୍ସାର ନାଁ ଗନ୍ଧ ନାହିଁ। ଅର୍ଥାତ କିଛି ମାସ ହେଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଟିର ୧୨ ଗୋଟି ସ୍ୱାସ୍ଥ୍ୟ ଶିବିର ଅର୍ଥକୁ ମିଳିଭଗତ ନ୍ୟାୟରେ ହଡପ କରାଯାଉଛି । ତତସହିତ ମେଡିକାଲ ପରିସରରୁ ଅନୁମତି ନଆଣି ଗଛ କାଟିବା , ଏ.ଏନ.ଏମ ମେଡିକାଲରେ କାର୍ଯ୍ୟ ନକରି ବର୍ଷ ବର୍ଷ ବିନା ଡ଼ିଉଟିରେ ଦରମା ନେବା ଭଳି ଅନେକ ଅଭିଯୋଗ ରହିଛି। ଡକ୍ଟର ଓ ଫାର୍ମାସିଷ୍ଟ ସପ୍ତାହକୁ ପାଳିକରି ମେଡିକାଲକୁ ତମରି ଅଧାକୁ ଆମରି ଅଧେ ହିସାବରେ ପରିଚାଳନା କରନ୍ତି । ସାଧାରଣ ଲୋକ ଏହି ବିଷୟରେ ପ୍ରଶ୍ନ କଲେ ଉତ୍ତରରେ ଏ ଲୋକମାନଙ୍କ ଯୋଗୁ ମୁଁ ଅନ୍ୟତ୍ର ବଦଳି ହୋଇଯିବି କୁହନ୍ତି କେବେ ବଦଳି ହୁଅନ୍ତି ନାହିଁ। ତଦନ୍ତ ହେଲେ ସତ୍ୟ ସାମନାକୁ ଆସିବ ବୋଲି ଚର୍ଚ୍ଚା ଚାଲିଛି।

# ମରାମତି ଅଭାବ: ଗୋଳାପୋଲ ବିପଦଜନକ



## ପ୍ରଶାସନ ନିର୍ବାକ୍

**ବାଙ୍ଗିରିପୋଷି (ହଓଖ) :** କଳାବାଡ଼ିଆ ଗୋଳା ପୋଲ ରାସ୍ତାର ଅବସ୍ଥା ଦିନକୁ ଦିନ ଅତ୍ୟନ୍ତ ଦୟନୀୟ ହେଉଛି। ଏହି ରାସ୍ତାଟି ବାଙ୍ଗିରିପୋଷି ପଟୁ ଆସୁଥିବା ଯାତ୍ରୀ ବାହୀ ବସ, ଟ୍ରକ, ମୋଟର ସାଇକେଲ ଓ ଅଟୋ ରିକ୍ସା ଭଳି ଅନେକ ଯାନବାହାନ ପାଇଁ ଏକ ମୁଖ୍ୟ ଯାତାୟାତ ମାର୍ଗ ହେବା ସତ୍ତ୍ୱେ, ଏହାର ଦୁରବସ୍ଥା ଲୋକମାନଙ୍କ ଜୀବନକୁ ସିଧାସଳଖ ବିପଦରେ ପକାଉଛି। ବିଶେଷ କରି ଗୋଳା ପୋଲର ମଧ୍ୟଭାଗରେ ଦୁଇରୁ ତିନୋଟି ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି, ଯାହା ଦିନକୁ ଦିନ ଆହୁରି ବିସ୍ତୃତ ଓ ଗଭୀର ହେଉଛି। ବର୍ଷା ପାଣି ଜମି ଏହି ଗର୍ତ୍ତଗୁଡ଼ିକୁ ପୋଖରୀର ରୂପ ଦେଇଦେଉଛି, ଯାହା ଦୃଶ୍ୟମାନ ନ ହେବାରୁ ଚାଳକମାନେ ଅଚାନକ ଭାବରେ ଗର୍ତ୍ତ ମଧ୍ୟରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରତିଦିନ ଅନେକ ବାଇକ ଚାଳକ ଏହି ଗର୍ତ୍ତରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। କେହି କେହି ଗୁରୁତର ଆହତ ହେଉଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଠୋସ ପଦକ୍ଷେପ ନେଉ ଯାଉନାହିଁ। ଏହା ସହିତ ଭାରି ଯାନ ଯଥା ବସ ଓ ଟ୍ରକ ଚଳାଚଳ କରିବା ବେଳେ ସମତୁଳନ ହରାଇ ଦୁର୍ଘଟଣାର ସମ୍ଭାବନା ବଢ଼ିଯାଉଛି। ରାସ୍ତାର ଏହି ଦୟନୀୟ ପରିସ୍ଥିତି କେବଳ ଯାତାୟାତକୁ ବାଧାଗ୍ରସ୍ତ କରୁନାହିଁ, ବରଂ ସ୍ଥାନୀୟ ଲୋକଙ୍କ ଦୈନିକ ଜୀବନକୁ ମଧ୍ୟ ବ୍ୟାଘାତ କରୁଛି। ଛାତ୍ରଛାତ୍ରୀ, ଚାଷୀ ଓ କାମକାଜରେ ଯାଉଥିବା ଲୋକମାନେ ଏହି ରାସ୍ତା ଦେଇ ଯିବାବେଳେ ଭୟଭୀତ ଅବସ୍ଥାରେ ଯାତ୍ରା କରୁଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ଓ ଯାତ୍ରୀମାନେ ଏହାକୁ ନେଇ ଭାରି ଅସନ୍ତୋଷ ପ୍ରକାଶ କରିଥିବା ସହ, ତୁରନ୍ତ ରାସ୍ତା ମରାମତି ପାଇଁ ପ୍ରଶାସନଙ୍କୁ ଦାବି କରିଛନ୍ତି। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ତୁରନ୍ତ ମରାମତି କରାଯାଉ, ଯାହା ଫଳରେ ଦୁର୍ଘଟଣା ରୋକାଯିବ ଓ ଲୋକମାନେ ସୁରକ୍ଷିତ ଭାବେ ଯାତାୟାତ କରିପାରିବେ ବୋଲି ଦାବି ହେଉଛି।

## ମାଲକାନଗିରିରୁ ପୁରୀ ଅଭିମୁଖେ ବାହାରିଲେ ୭୪ ତୀର୍ଥଯାତ୍ରୀ

# 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ



**ମାଲକାନଗିରି (ହଓଖ) :** ମାଲକାନ ଗିରି ଜିଲ୍ଲାର ଶ୍ରଦ୍ଧାଳୁମାନଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନର ସୁଯୋଗ ଦେବା ପାଇଁ ଆଜି 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା'ର ଶୁଭାରମ୍ଭ ହୋଇଛି । ଏହି ଅବସରରେ ମାଲକାନଗିରି ଜିଲ୍ଲାର ୭ଟି ବ୍ଲକରୁ ଚୟନ ହୋଇଥିବା ୭୪ ଜଣ ତୀର୍ଥଯାତ୍ରୀ ଅର୍ଥାତ୍ ୩୧ ପୁରୁଷ ଓ ୪୩ ମହିଳା ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି।

ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ବିଧାୟକ ପ୍ରତିନିଧି ନିହାର ରାୟ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଆଞ୍ଚଳିକ ପରିବହନ ଅଧିକାରୀ ତୁଷାର ହେମ୍ବ୍ରମ, ଓଏସଆରଟିସି ଡିଟିଏମ୍ ଗୁରୁଦତ୍ତ ଦୋରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ଥିଲେ।

ମାଲକାନଗିରି ଭଳି ଏକ ଦୂରବର୍ତ୍ତୀ ଅଞ୍ଚଳରୁ ୭୪ ଜଣ ଶ୍ରଦ୍ଧାଳୁ (୩୧ ପୁରୁଷ ଓ ୪୩ ମହିଳା) ମହାପ୍ରଭୁଙ୍କ ଦର୍ଶନ ପାଇଁ ବାହାରିଛନ୍ତି। ଏହି ଯୋଜନାରେ ବୃଦ୍ଧବୃଦ୍ଧା ଏବଂ ବିଧବା ମହିଳାମାନଙ୍କୁ ପ୍ରାଥମିକତା ଦିଆଯାଇଛି, ଯାହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଟାଙ୍ଗୁଲୁ ପ୍ରକାଶ କରିଥିଲେ।ଶ୍ରଦ୍ଧାଳୁମାନଙ୍କ ପାଇଁ ଯାତାୟାତ, ରହିବା ଏବଂ ଖାଦ୍ୟର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ଏଥିସହ ପୁରୀରେ ସେମାନଙ୍କୁ ମାଗଣାରେ ମହାପ୍ରସାଦ ମଧ୍ୟ ସେବନ କରିବାର ସୁଯୋଗ ମିଳିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି।

ଭକ୍ତମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବସ୍ ?ରେ ପାରାମେଡିକ୍ କର୍ମଚାରୀ ଏବଂ ଏସକୋର୍ଟ ଅଧିକାରୀମାନେ ସାମିଲ ଅଛନ୍ତି, ଯାହା ଏହି ଯାତ୍ରାକୁ ଭୟମୁକ୍ତ ଓ ଆରାମଦାୟକ କରୁଛି। ଏହି ଯୋଜନା ମାଧ୍ୟମରେ ଆଗାମୀ ୪ ବର୍ଷ ମଧ୍ୟରେ ସମଗ୍ର ଓଡ଼ିଶାରୁ ପ୍ରାୟ ୧ ଲକ୍ଷ ଶ୍ରଦ୍ଧାଳୁଙ୍କୁ ପୁରୀ ଦର୍ଶନ କରାଇବାର ଲକ୍ଷ୍ୟ ରଖାଯାଇଛି । ଏହି ଯାତ୍ରା କେବଳ ଏକ ପର୍ଯ୍ୟଟନ ନୁହେଁ, ବରଂ ଶ୍ରଦ୍ଧାଳୁମାନଙ୍କ ପାଇଁ ଏକ ଭାବପୂର୍ଣ୍ଣ ଆଧ୍ୟାତ୍ମିକ ଅନୁଭୂତି ହେବାକୁ ଯାଉଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ଓଏସଆରଟିସି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

# ମାର୍କଣ୍ଡେୟ ସରୋବର



ସାକ୍ଷାତ୍ ବୈକୁଣ୍ଠ ସ୍ୱରୂପ ଶ୍ରୀପୁରୁଷୋତ୍ତମକ୍ଷେତ୍ର। ଏହା ସର୍ବତୀର୍ଥ ମଧ୍ୟରେ ତୀର୍ଥରାଜ ଭାବରେ ପରିଗଣିତ। ଭାଗବତକାର ଜଗନ୍ନାଥ ଦାସ ଲେଖିଛନ୍ତି- ''ସକଳ ତୀର୍ଥ ଘେନିକରି। ନୀଳ କନ୍ଦରେ ବିଜେ ହରି।'' ଶଙ୍ଖାକୃତି ଏହି ତୀର୍ଥରେ ସକଳ ତୀର୍ଥର ସମାହାର ଘଟିଥିଲେ ମଧ୍ୟ, ମୁଖ୍ୟତଃ ପାଞ୍ଚଟି ତୀର୍ଥଙ୍କୁ ଶାସ୍ତ୍ରମାନଙ୍କରେ ପ୍ରାଧାନ୍ୟ ଦିଆଯାଇଛି। ସେମାନେ ହେଲେ- ମାର୍କଣ୍ଡେୟ ପୁଷ୍କରିଣୀ, ଶ୍ୱେତଗଙ୍ଗା, ରୋହିଣୀକୁଣ୍ଡ, ଇନ୍ଦ୍ରଦ୍ୟୁମ୍ନ ସରୋବର ଓ ମହୋଦଧି। ତୀର୍ଥମାନଙ୍କୁ ଯେଉଁ ଚାରିଭାଗରେ ବିଭକ୍ତ କରାଯାଏ, ସେମାନଙ୍କ ମଧ୍ୟରୁ ଏହି ତୀର୍ଥଟି ଆର୍ଷତୀର୍ଥ ଭାବରେ ପରିଚିତ। କାରଣ, ଏହା ମୁନି ମାର୍କଣ୍ଡେୟଙ୍କ ଦ୍ୱାରା ପ୍ରସ୍ତୁତ ତୀର୍ଥ। ମୁନି ମାର୍କଣ୍ଡେୟ ଥିଲେ କଳ୍ପଜୀବୀ। ପ୍ରଳୟ କାଳରେ ସମଗ୍ର ପୃଥିବୀ ଯେତେବେଳେ ଜଳମଗ୍ନ ହେଲା, ମହାମୁନି ମାର୍କଣ୍ଡେୟ ସେହି ପ୍ରଳୟ ଜଳରେ ଭାସିଭାସି ଆସି ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ। ସେଠାରେ ସେ ଦେଖିଲେ, ସମସ୍ତ ଜୀବଜନ୍ତୁ, ବୃକ୍ଷଲତା ପ୍ରଳୟ ଜଳରେ ବିନଷ୍ଟ ହୋଇଯିବା ସତ୍ତ୍ୱେ, ଏକ କୋମଳ ପତ୍ରଧାରୀ ବଟବୃକ୍ଷ ଅକଂପିତ ହୋଇ ସେହି ପ୍ରଳୟଜଳ ମଧ୍ୟରେ ଦଣ୍ଡାୟମାନ। ଏବଂ ସେହି ବଟବୃକ୍ଷର ଏକ ପତ୍ର ଉପରେ ଭଗବାନ ଏକ ଅଙ୍ଗୁଷ୍ଠପ୍ରମାଣ ପୁରୁଷ ରୂପରେ ଶୟନ କରିଛନ୍ତି। ତାଙ୍କୁ ଦର୍ଶନ କରି ତଲ୍ଲୀନ ହେବାବେଳେ ଅବଲୀଳାକ୍ରମେ ସେ ସେହି ପୁରୁଷଙ୍କ ଗର୍ଭରେ ପ୍ରବେଶ କଲେ। ସେଠାରେ ସେ ସହସ୍ର ବର୍ଷ ରହି ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଦର୍ଶନ କରି ପୁନଶ୍ଚ ସେହି ମୁଖ ଦେଇ ବାହାରକୁ ଆସିଲେ ଏବଂ ଭଗବାନଙ୍କୁ ପ୍ରଣାମ କରି ଆତ୍ମଜ୍ଞାନ ପ୍ରାପ୍ତି ନିମିତ୍ତ ପ୍ରାର୍ଥନା କଲେ।

ପରମ ଜ୍ଞାନୀ ଭଗବାନ ତାଙ୍କୁ ପରମଜ୍ଞାନ ପ୍ରଦାନ କରି ଆତ୍ମଜ୍ଞାନ ଲାଭ ନିମିତ୍ତ ପରମ ଜ୍ଞାନୀ ଭଗବାନ ଶିବ ଶଙ୍କରଙ୍କୁ ତପସ୍ୟା କରିବା ନିମିତ୍ତ ନିର୍ଦ୍ଦେଶ ଦେଲେ ଏବଂ ସୃଷ୍ଟି ଓ ପ୍ରଳୟରହିତ ସ୍ଥାନ ଶ୍ରୀକ୍ଷେତ୍ରରେ ନିବାସ କରିବାକୁ ଅନୁମତି ଦେଲେ। ଭଗବାନଙ୍କ ନିର୍ଦ୍ଦେଶରେ ମୁନି ମାର୍କଣ୍ଡେୟ ବଟବୃକ୍ଷର ବାୟୁ କୋଣରେ ଏକ ଗର୍ତ୍ତ ନିର୍ମାଣ କରି ସେଠାରେ ରହି ଶିବ ଆରାଧନା କଲେ ଏବଂ ଚିରଞ୍ଜୀବୀ ହୋଇ ରହିଲେ। ସେହି ଗର୍ତ୍ତ ଆଜି ମାର୍କଣ୍ଡେୟ ସରୋବର ଭାବରେ ଚିହ୍ନିତ। ତାହାର ତୀରଦେଶରେ ମାର୍କଣ୍ଡେଶ୍ୱର ମହାଦେବ ବିରାଜିତ। ମାର୍କଣ୍ଡେଶ୍ୱର ହରିହରଙ୍କର ଏକ ଅଘୋର ମୂର୍ତ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅନେକ ନୀତି ଏହି ପୁଷ୍କରିଣୀ ତଟରେ ସଂପନ୍ନ ହୋଇଥାଏ। ଶ୍ରୀକୃଷ୍ଣଙ୍କର କାଳୀୟ ଦଳନ ଲୀଳା, ବଡ଼ଠାକୁର ଶ୍ରୀବଳରାମଙ୍କର ଜନ୍ମଲୀଳା, ଦେବୀ ଲକ୍ଷ୍ମୀଙ୍କର ଋଷିପଞ୍ଚମୀ ବ୍ରତ ଆଜି ଏଠାରେ ଅନୁଷ୍ଠିତ ହୁଏ। ଏହା ବ୍ୟତୀତ କେଉଁ ପ୍ରାଚୀନ କାଳରୁ ସେବକ ପରିବାରର କନ୍ୟାମାନେ 'ନେତପିଲା' ହୋଇ ଏଠାରେ ଗୌରୀବ୍ରତ ପାଳନ କରିବାକୁ ଆସିଥାନ୍ତି। ଏଠାରେ ସ୍ନାନ ଓ ମାର୍କଣ୍ଡେୟ ଦର୍ଶନ ଅତ୍ୟନ୍ତ ପୁଣ୍ୟଦାୟକ।

# ମା' ସରସ୍ୱତୀଙ୍କ ମୂର୍ତ୍ତିକୁ କେଉଁ ଦିଗରେ ରଖିଲେ ହେବ ଉନ୍ନତି ?



ଘରେ ବାସ୍ତୁ ଦୋଷ ରହିଲେ ଅନେକ କ୍ଷୟକ୍ଷତି ଘଟିଥାଏ। ଏହା ଛଡ଼ା କ୍ୟାରିଅରରେ ମଧ୍ୟ ଉନ୍ନତି ହୋଇନଥାଏ । ଘରେ ମା' ସରସ୍ୱତୀଙ୍କ ମୂର୍ତ୍ତି ସ୍ଥାପନ କରିବା ଜ୍ଞାନ ଏବଂ କଳାର ବିକାଶର ପ୍ରତୀକ ବୋଲି ବିବେଚନା କରାଯାଏ । ଶିକ୍ଷା ଏବଂ କ୍ୟାରିଅରରେ ଉନ୍ନତି ପାଇଁ ମା' ସରସ୍ୱତୀଙ୍କୁ ଅନେକ ଲୋକ ପୂଜା କରନ୍ତି । ଯଦି ମୂର୍ତ୍ତିକୁ ସଠିକ ଦିଗରେ ସ୍ଥାପନ ନ କରାଯାଏ ତେବେ ଘରେ ସକରାତ୍ମକ ପରିବର୍ତ୍ତେ ନକରାତ୍ମକ ପ୍ରଭାବ ପଡିଥାଏ । ଯାହା ସିଧାସଳଖ ବ୍ୟକ୍ତିଗତ ଜୀବନରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥାଏ। ବାସ୍ତୁଶାସ୍ତ୍ର ଅନୁସାରେ, ଦେବୀ ସରସ୍ୱତୀଙ୍କ ମୂର୍ତ୍ତି ସ୍ଥାପନା ପାଇଁ ପୂର୍ବ ଦିଗକୁ ଶୁଭ ବୋଲି ମାନାଯାଏ । ଏହି ଦିଗରେ ସୂର୍ଯ୍ୟୋଦୟ ହେଉଥିବାରୁ ଏହି ଦିଗକୁ ଶୁଭ ବୋଲି ବିବେଚନା କରାଯାଏ । କାହିଁକିନା ସୂର୍ଯ୍ୟ ଶକ୍ତି ଓ ଜ୍ଞାନର ପ୍ରତୀକ । ତେଣୁ ଏହି ଦିଗରେ ମା' ସରସ୍ୱତୀଙ୍କ ମୂର୍ତ୍ତି ସ୍ଥାପନା କରିବା ଦ୍ୱାରା ଘର ଉପରେ ସକରାତ୍ମକ ପ୍ରଭାବ ପଡିଥାଏ । ଯାହା ଦ୍ୱାରା ପଢିବା ସମୟରେ ଏକାଗ୍ରତା ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ। ଉତ୍ତର ଦିଗ ବ୍ୟତୀତ ଉତ୍ତର-ପୂର୍ବ କୋଣକୁ ମୂର୍ତ୍ତି ସ୍ଥାପନା ପାଇଁ ଉପଯୁକ୍ତ ବୋଲି ମଧ୍ୟ ବିବେଚନା କରାଯାଏ । ଏହି ଦିଗରେ ଦେବୀ ସରସ୍ୱତୀଙ୍କ ମୂର୍ତ୍ତି ସ୍ଥାପନ କରିବା ଦ୍ୱାରା ଜ୍ଞାନ, ସମୃଦ୍ଧି ଏବଂ ନୂତନ ସୁଯୋଗର ପଥ ଖୋଲିପାରେ ବୋଲି ମଧ୍ୟ ଧର୍ମ ଶାସ୍ତ୍ର ଅନୁସାରେ ବିଶ୍ୱାସ କରାଯାଏ । ଘରେ ଆଧ୍ୟାତ୍ମିକ ଶକ୍ତି ପାଇଁ ମଧ୍ୟ ଏହି ଦିଗକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଉତ୍ତର ଦିଗରେ ଦେବୀ ସରସ୍ୱତୀଙ୍କ ମୂର୍ତ୍ତି ସ୍ଥାପନା କରିବା ଦ୍ୱାରା ସୁଖ, ଶାନ୍ତି, ସମୃଦ୍ଧି ଏବଂ ସକାରାତ୍ମକତା ଆସିଥାଏ । କ୍ୟାରିଅରରେ ମଧ୍ୟ ଉନ୍ନତି ଆଣିଥାଏ । ମୂର୍ତ୍ତି ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ । ପଦ୍ମ ଫୁଲ ଉପରେ ବସିଥିବା ମା' ମୂର୍ତ୍ତିକୁ ଖୁବ୍ ଶୁଭ ବୋଲି ମାନାଯାଏ । ସେହିପରି ଦେବୀ ସରସ୍ୱତୀଙ୍କ ଗୋଟିଏ ହାତରେ ଥିବା ବୀଣା ସଙ୍ଗୀତ, କଳା ଏବଂ ସୃଜନଶୀଳତାର ପ୍ରତୀକ ହୋଇଥାଏ । ଏହା ଶିକ୍ଷା ଓ ଜ୍ଞାନର ଗୁରୁତ୍ୱକୁ ସୂଚିତ କରେ । ଘରେ ଏପରି ମୂର୍ତ୍ତି ସ୍ଥାପନ କରିବା ଦ୍ୱାରା ଅଧ୍ୟୟନ, କଳା ଏବଂ ବୌଦ୍ଧିକ କାର୍ଯ୍ୟରେ ଉନ୍ନତି ହୁଏ ବୋଲି ବିଶ୍ୱାସ କରାଯାଏ ।

# ହଳଦୀ ଖାଇଲେ ଭଲ ହୋଇଯିବ ଏସବୁ ରୋଗ

## ଜାଣନ୍ତୁ କ'ଣ ରହିଛି ଉପକାରୀ ଗୁଣ



ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ମସ୍ତିଷ୍କର କାର୍ଯ୍ୟଧାରାକୁ ସକ୍ରିୟ ରଖିବାରେ ସହାୟକ ହୋଇଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। ହଳଦୀର ଉପକାରୀ ଗୁଣ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣା କରି ଏକଥା ଜାଣିପାରିଛନ୍ତି। ଅନ୍ୟପକ୍ଷରେ ହଳଦୀରେ କୁରକୁମିନ୍ ନାମକ ଏକ ତତ୍ତ୍ୱ ଥଣ୍ଡାଜନିତ ସମସ୍ୟା କମାଇବାରେ ସାହାଯ୍ୟ କରିଥାଏ। ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ, ଯଦ୍ୱାରା ଆମେ ଏଥିରୁ କେତେକାଂଶରେ ଉପଶମ ପାଇଥାଉ। ହଳଦୀ ଶରୀରରେ ଇନ୍‌ସୁଲିନ୍ ପ୍ରତିରୋଧ ଶକ୍ତିକୁ ବଢ଼ାଇଥାଏ। ଏହା ରକ୍ତଚାପକୁ କେତେକାଂଶରେ ସନ୍ତୁଳିତ ରଖିଥାଏ। ତା'ସହ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରିଥାଏ। ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ କି ? ଏହାକୁ ଖାଇବା ଦ୍ୱାରା ଆପଣ ଏଥିରୁ କେତେକାଂଶରେ ଉପଶମ ଲାଭ କରିପାରିବେ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସୁନିଦ୍ରା ଆଣିଦିଏ ଲହୁଣି !



ଆଜିକାଲି ଲୋକେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଉଛନ୍ତି, ନିୟମିତ କସରତ କରୁଛନ୍ତି, ସ୍କିନ୍ କେୟାର ରୁଟିନ୍ ମାନୁଛନ୍ତି ଓ ସର୍ବାଙ୍ଗୀନ ସୁସ୍ଥତା ପାଇଁ ଯାହା ଯାହା ଆବଶ୍ୟକ, ତାକୁ ବି ମାନି ଚଳୁଛନ୍ତି। ଏତେ ପରେ ମଧ୍ୟ ବିନା ନିଦରେ ରାତି ବିତାଉଛନ୍ତି। ଆଖିକୁ ନିଦ ଆସୁନାହିଁ। ଏଥିପାଇଁ ନିରବଚ୍ଛିନ୍ନ ଅନ୍‌ଲାଇନ୍ ସ୍କ୍ରୋଲିଂ ଓ ମାତ୍ରାଧିକ ଚିନ୍ତା ଦାୟୀ ବୋଲି କେହି କେହି କହୁଛନ୍ତି। ଲୋକେ ଶେଯରେ ଗଡ଼ପଡ଼ ହୋଇ ମୋବାଇଲ୍‌ରେ ଗୋଟିଏ ପରେ ଗୋଟିଏ ସିରିୟଲ୍‌ର ଏପିସୋଡ୍ ଦେଖୁଛନ୍ତି, ବିଳମ୍ବିତ ରାତିଯାକେ ସ୍କ୍ରୋଲିଂ କରି କିମ୍ବା ଭୋକ ନ ଥାଇ ବି ପାଟିରେ କ'ଣ ଟିକେ ପକାଇ ଚୋବାଉଛନ୍ତି। ଏସବୁ ଆମ ଅଜାଣତରେ ଆମଠାରୁ ନିଦ ନେଇଯାଉଛି। ତା'ହେଲେ ସୁନିଦ୍ରା ପାଇଁ କ'ଣ କରାଯାଇପାରିବ ସବୁକଥା ପରି ଇଣ୍ଟରନେଟ୍‌ରେ ଏହାର ମଧ୍ୟ ଉତ୍ତର ରହିଛି। ସେଥିରୁ ବ୍ୟାପକ ପ୍ରସାରିତ ଉତ୍ତରଟି ହେଉଛି- ଶେଯକୁ ଯିବା ପୂର୍ବରୁ ଲହୁଣି ଖାଇଲେ ସୁଖନିଦ୍ରା ଆସେ। ଠିକ୍ ଶୋଇବା ପୂର୍ବରୁ ସାମାନ୍ୟ ଲହୁଣି ଖାଇଲେ ଆପଣଙ୍କ ରାତି ଆଉ ବିନିଦ୍ର ହେବନାହିଁ। ତେବେ ଏହା ସତ ନା ଏକ ଭାଇରାଲ୍ ଟ୍ରେଣ୍ଡ୍ ତା'ହେଲେ ଏ ପ୍ରସଙ୍ଗରେ ବିଶେଷଜ୍ଞଙ୍କ ମତ କ'ଣ ?

ଗୁରୁଗାଓଁସ୍ଥିତ ଆର୍ଟେମିସ୍ ହସ୍‌ପିଟାଲ୍‌ସର କ୍ଲିନିକାଲ୍ ନ୍ୟୁଟ୍ରିସନିଷ୍ଟ୍ ଡାକ୍ତର ଅଂଶୁଲ୍ ସିଂହ କହନ୍ତି, "ଏ ଟ୍ରେଣ୍ଡ୍ ସବୁ ବାୟୋହ୍ୟାକର ଓ ୱେଲ୍‌ନେସ୍ ବ୍ଲଗରମାନେ କରାଉଛନ୍ତି। ସେମାନଙ୍କର ଧାରଣା, ଶୋଇବା ଆଗରୁ ତେଲ ଜିନିଷ ଖାଇଲେ ସାରାରାତି ରକ୍ତଶର୍କରା ସ୍ଥିର ରହିବ। ସାମାନ୍ୟ ପୁଷ୍ଟିସାର, ଅତି ସାମାନ୍ୟ ଶ୍ୱେତସାର ଓ ଅଧିକ ଚର୍ବିଜାତୀୟ 'କିଟୋଜେନିକ୍' ଆହାରରୁ ସେମାନେ ଏଭଳି ଧାରଣା କରନ୍ତି। ରାତିରେ ଭୋକ ନ ହେବା ଓ ଷ୍ଟ୍ରେସ୍ ହରମୋନ୍‌ଗୁଡ଼ିକୁ ବୃଦ୍ଧି ନ କରାଇ ଦେବା ଲାଗି ସାଧାରଣତଃ 'କିଟୋଜେନିକ୍' ଆହାର ଦିଆଯାଇଥାଏ। କିଛି ଲୋକ ବି କହୁଛନ୍ତି ଯେ, ଲହୁଣି ଖାଇବାରୁ ସେମାନଙ୍କର ଭଲ ନିଦ ହେଉଛି। ବ୍ୟକ୍ତିଗତ ଅନୁଭୂତି ଆଧାରିତ ହୋଇଥିଲେ ବି ଏଭଳି ପୋଷ୍ଟ୍ ଭାଇରାଲ୍ ହେଉଛି।"

ହାଇଦ୍ରାବାଦସ୍ଥିତ ଏରେଟ୍ ହସପିଟାଲ୍‌ସର ଛାତି ଓ ନିଦ୍ରା ବିଭ୍ରାଟ ବିଭାଗ ମୁଖ୍ୟ ତଥା ବରିଷ୍ଠ ପରାମର୍ଶଦାତା ଡାକ୍ତର ନଳିନୀ ନଗଲ୍ଲା କହନ୍ତି, ''ବିଜ୍ଞାନ ଦୃଷ୍ଟିରୁ ବିବେଚନା କଲେ ଲହୁଣି ସୁନିଦ୍ରାକାରକ ବୋଲି ସ୍ପଷ୍ଟ ପ୍ରମାଣ ନାହିଁ। ନିଦ୍ରା ସମସ୍ୟା ପାଇଁ ସରଳ ଉପାୟ ଖୋଜୁଥିବା ଲୋକ ହିଁ ଏଭଳି ଅପପ୍ରଚାର କରୁଛନ୍ତି। ତେଣୁ, ସେମାନଙ୍କ କଥା ଅନ୍‌ଲାଇନ୍‌ରେ ତ୍ୱରିତ ପ୍ରସାରିତ ହୋଇଯାଉଛି।'' ଏ ସଂକ୍ରାନ୍ତରେ ଡାକ୍ତର ନଳିନୀ ଆହୁରି କହନ୍ତି ଯେ, ଭୋକିଲା ଅବସ୍ଥାରେ ଶୋଇଲେ ଶରୀର ଶକ୍ତିର ଅଭାବ ଅନୁଭବ କରୁଥିବାରୁ ରାତିରେ ନିଦ ଭାଙ୍ଗିଯାଏ। ତେଣୁ, ଶୋଇବା ଆଗରୁ ଟିକେ ଚର୍ବିଜାତୀୟ ବା ପୁଷ୍ଟିକର ଖାଦ୍ୟ ଖାଇଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ପୂରିରହେ। ମୁଠାଏ ବାଦାମଜାତୀୟ ଶୁଖିଲା ଫଳ, କିଛି ବସାଦହି ବା ଟିକେ ଛେନା ଖାଇଲେ ବି ଦେହକୁ ଉପକାର ମିଳେ। ସୁତରାଂ ମେଲାଟନିନ୍ ଅଥବା ମାଗ୍ନେସିୟମ୍ ସମୃଦ୍ଧ ଖାଦ୍ୟ ଭଳି ଲହୁଣି ପ୍ରତ୍ୟକ୍ଷ ଭାବେ ନିଦ୍ରାକାରକ ନୁହେଁ। ଅବଶ୍ୟ ଲହୁଣିରେ ଅଧିକ ଚର୍ବି ଥିବାରୁ ତାହା ହଜମ କ୍ରିୟା ମନ୍ଥର କରିଦିଏ ଓ ପେଟପୂରା କରି ରଖେ। ଫଳରେ କେତେକ ଲୋକଙ୍କଠାରେ ପରିଲକ୍ଷିତ କ୍ଷୁଧାଜନିତ ନିଦ୍ରା ବିଭ୍ରାଟ ହ୍ରାସପାଏ। ଏହା ବ୍ୟତୀତ, ଲହୁଣି ସମସ୍ତଙ୍କ ଦେହରେ ଯାଏନାହିଁ। ଏଥିଯୋଗୁଁ କେତେକଙ୍କଠାରେ ଅମ୍ଳହାକୁଟି ହୋଇ ନିଦ୍ରା ବିଭ୍ରାଟ କରାଏ।

# ୱିଣ୍ଡ ଚାଇମ୍ ଖୋଲିଥାଏ ଭାଗ୍ୟର ଦ୍ୱାର

ଘରେ ସାଜସଜ୍ଜା ପାଇଁ ୱିଣ୍ଡ ଚାଇମ୍ ପ୍ରାୟତଃ ସମସ୍ତେ ବ୍ୟବହାର କରିଥାଆନ୍ତି । ପବନ ଦେଲେ ଯେତେବେଳେ ୱିଣ୍ଡ ଚାଇମରୁ ଶବ୍ଦ ବାହାରେ ସେତେବେଳେ ମନ ସ୍ୱୟଂଚାଳିତ ଭାବରେ ଶାନ୍ତ ହୋଇଯାଏ । ଏହି ଶବ୍ଦ କେବଳ ହୃଦୟକୁ ଶାନ୍ତ କରେ ନାହିଁ । ବରଂ ଏହା ଘରୁ ନକାରାତ୍ମକ ଶକ୍ତିକୁ ମଧ୍ୟ ଦୂର କରେ ଏବଂ ସକାରାତ୍ମକତା ବୃଦ୍ଧି କରିବାରେ ସାହାଯ୍ୟ କରେ ବୋଲି ବାସ୍ତୁ ଶାସ୍ତ୍ରରେ କୁହାଯାଏ । କିନ୍ତୁ ଆପଣ କ'ଣ ଜାଣନ୍ତି କି ଏଗୁଡ଼ିକୁ କେଉଁ ଦିଗରେ ଏବଂ କେଉଁ ଉପାୟରେ ରଖାଯାଏ । ସଠିକ୍ ଦିଗ ଏବଂ ସଠିକ୍ ଉପାୟରେ ବ୍ୟବହାର କରିବା ଦ୍ୱାରା ଏହା ଭାଗ୍ୟର ଦ୍ୱାର ଖୋଲିପାରେ । ତେବେ ଆସନ୍ତୁ ଜାଣିବା କିପରି ୱିଣ୍ଡ ଚାଇମ୍ ଆପଣଙ୍କ ଭାଗ୍ୟର ଦ୍ୱାର ଖୋଲିପାରେ ।

ଲଗାଇବାକୁ ଚାହାଁନ୍ତି, ତେବେ ଧାତୁ ନିର୍ମିତ ୱିଣ୍ଡ ଚାଇମ୍ ଶୁଭ ବୋଲି ବିବେଚନା କରାଯାଏ । ଏହି ଦିଗ ପିଲାମାନଙ୍କର କ୍ୟାରିଅର, ସୌଭାଗ୍ୟ ଏବଂ ନୂତନ ସୁଯୋଗକୁ ସୁଦୃଢ଼ କରିଥାଏ । ସେହିପରି ପୂର୍ବ କିମ୍ବା ଦକ୍ଷିଣ-ପୂର୍ବ ଦିଗରେ କାଠ କିମ୍ବା ବାଉଁଶର ୱିଣ୍ଡ ଚାଇମ୍ ରଖିବା ଶୁଭ ହୋଇଥାଏ । ବାସ୍ତୁ ଅନୁସାରେ, କାଠ ଉପାଦାନ ବୃଦ୍ଧି, ପ୍ରଗତି ଏବଂ ସକାରାତ୍ମକ ପରିବର୍ତ୍ତନର ପ୍ରତୀକ ।

ୱିଣ୍ଡ ଚାଇମ୍‌ରେ ଥିବା ଷ୍ଟିଲ୍ ରଡ୍ ସଂଖ୍ୟାର ମଧ୍ୟ ପ୍ରଭାବ ପଡ଼ିଥାଏ । ୭ କିମ୍ବା ୮ଟି ଷ୍ଟିଲ୍ ରଡ୍ ଥିବା ୱିଣ୍ଡ ଚାଇମ୍ ଘର ଭିତରେ ଶାନ୍ତି ଆଣିବା ଏବଂ ଦୁଃଖ ଦୂର କରିବା ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଏ । ସେହିପରି, ଉତ୍ତର-ପଶ୍ଚିମ ଦିଗରେ ଛଅଟି ଷ୍ଟିଲ୍ ରଡ୍ ଥିବା ୱିଣ୍ଡ ଚାଇମ୍ ସାମାଜିକ ପ୍ରତିଷ୍ଠା ଏବଂ

## ସଠିକ୍ ଦିଗ ଏବଂ ସଠିକ୍ ଉପାୟରେ ରଖନ୍ତୁ ଧ୍ୟାନ



ବାସ୍ତୁ ଶାସ୍ତ୍ର ଅନୁସାରେ ଏହାର ଶବ୍ଦ ଚାରିପାଖର ଶକ୍ତିକୁ ସକ୍ରିୟ କରିଥାଏ । ୱିଣ୍ଡ ଚାଇମ୍ ଏବଂ ଘଣ୍ଟିର ସୁମଧୁର ଶବ୍ଦ ଘରେ ସ୍ଥିରତା ଆଣିବା ସହ ନକାରାତ୍ମକ ଶକ୍ତିକୁ ଦୂର କରି ସକାରାତ୍ମକ ପରିବେଶ ସୃଷ୍ଟି କରେ । ଏହି କାରଣରୁ ମନ୍ଦିର ଏବଂ ମୁଖ୍ୟ ପ୍ରବେଶ ଦ୍ୱାରରେ ଘଣ୍ଟିକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଯଦି ୱିଣ୍ଡ ଚାଇମ୍ ଭୁଲ ଦିଗରେ ରଖାଯାଏ ତେବେ ଘର ଉପରେ ଏହାର ବିପରୀତ ପ୍ରଭାବ ପଡ଼ିପାରେ । ସଠିକ ଦିଗରେ ରଖାଯାଇଥିବା ୱିଣ୍ଡ ଚାଇମ୍ ସୁଯୋଗ, ଶାନ୍ତି ଏବଂ ପ୍ରଗତି ଆଣିଥାଏ । ଯେତେବେଳେ ଭୁଲ ଦିଗରେ ୱିଣ୍ଡ ଚାଇମ୍ ରଖାଯିବା ଦ୍ୱାରା ମାନସିକ ଅଶାନ୍ତି ସୃଷ୍ଟି କରିପାରେ ।

ୱିଣ୍ଡ ଚାଇମ୍ ଲଗାଇବାର ସଠିକ୍ ଦିଗ : ଯଦି ଆପଣ ପଶ୍ଚିମ କିମ୍ବା ଉତ୍ତର-ପଶ୍ଚିମ ଦିଗରେ ୱିଣ୍ଡ ଚାଇମ୍ ଲୋକପ୍ରିୟତା ବୃଦ୍ଧି ପାଇଁ ଲାଭଦାୟକ ।

ମୁଖ୍ୟ ପ୍ରବେଶ ଦ୍ୱାରରେ ଘଣ୍ଟି ବାଜାଇବା କାହିଁକି ଜରୁରୀ : ଆପଣଙ୍କ ଘରର ମୁଖ୍ୟ ଦ୍ୱାରରେ ଏକ ଛୋଟ ପିତ୍ତଳ ଘଣ୍ଟି ଟାଙ୍ଗିବା ଦ୍ୱାରା ସକାରାତ୍ମକ ଶକ୍ତି ପ୍ରବେଶ କରିବାରେ ସାହାଯ୍ୟ କରେ । ଯେତେବେଳେ ଘରର ମୁଖ୍ୟ ଦ୍ୱାର ଖୋଲିବେ ସେତେବେଳେ ଘଣ୍ଟିର ଶବ୍ଦ ସ୍ଥିର ଶକ୍ତିକୁ ସକ୍ରିୟ କରିଥାଏ ଏବଂ ନକାରାତ୍ମକ ଶକ୍ତିକୁ ବାହାର କରେ।

ଏହି ସ୍ଥାନଗୁଡ଼ିକରେ ୱିଣ୍ଡ ଚାଇମ୍ ଲଗାନ୍ତୁ ନାହିଁ : ବାସ୍ତୁ ଅନୁସାରେ, କେବେବି ଏପରି ୱିଣ୍ଡ ଚାଇମ୍ ଲଗାନ୍ତୁ ନାହିଁ ଯେଉଁଠାରେ କେହି ବସିଥାନ୍ତି କିମ୍ବା ଶୋଇଥାନ୍ତି । ଏହାକୁ ରୋଷେଇ ଘର କିମ୍ବା ଷ୍ଟୋରରୁମର ଅନ୍ଧାର କୋଣରେ ରଖିବା ଉଚିତ୍ ନୁହେଁ । କାରଣ ଏହାର ଶକ୍ତି ସେଠାରେ ଠିକ୍ ଭାବରେ ପ୍ରବାହିତ ହୋଇପାରିନଥାଏ ।

# ତୁଳସୀ ମାଟିର ରଙ୍ଗ କହିବ ଗ୍ରହଦୋଷ


## ଜାଣନ୍ତୁ କ'ଣ କୁହେ ଜ୍ୟୋତିଷ ଶାସ୍ତ୍ର



ହିନ୍ଦୁ ଧର୍ମ ଅନୁସାରେ, ତୁଳସୀ କେବଳ ଏକ ଗଛ ନୁହେଁ, ତୁଳସୀ ଦେବୀ, ପୂଜ୍ୟା । ଘରର ସୁଖ,ଶାନ୍ତି ଏବଂ ସମୃଦ୍ଧିର ପ୍ରତୀକ । ପ୍ରତ୍ୟେକ ହିନ୍ଦୁ ପରିବାରର ଘର ସମ୍ମୁଖରେ ତୁଳସୀ ଚଉରାଟିଏ ଦେଖିବାକୁ ମିଳେ । ଏହି ତୁଳସୀ ଗଛକୁ ନେଇ ଏକ ପ୍ରଶ୍ନ ଉଠେ ତୁଳସୀ ଗଛ ଚଉରା ମାଟିର ରଙ୍ଗ ପରିବର୍ତ୍ତନ କାହିଁକି ହୋଇଯାଏ ? ଏହାର ରଙ୍ଗ ବାଦାମୀରୁ ଲାଲ ନଚେତ୍ ହଳଦିଆ ହୋଇଯାଏ । ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ ତୁଳସୀ ମାଟିରେ ପୁଷ୍ଟି ଅଭାବ ହୁଏ କିମ୍ବା ଜଳବାୟୁର ପ୍ରଭାବକୁ ଦାୟୀ କରାଯାଇପାରେ । କିନ୍ତୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ତୁଳସୀ ମାଟିର ରଙ୍ଗ ପରିବର୍ତ୍ତନ ଗଭୀର ମହତ୍ତ୍ୱ ରଖେ ଏବଂ ମାଟିର ପରିବର୍ତ୍ତିତ ରଙ୍ଗ ସହିତ ଗ୍ରହର ସମ୍ପର୍କ ରହିଛି । ଜାଣିବା ଆସନ୍ତୁ ଏ ସମ୍ପର୍କରେ...

ତୁଳସୀ ପାତ୍ରରେ ଥିବା ମାଟି ଯଦି ଲାଲ ହୋଇଯାଏ ତେବେ ଏହା ମଙ୍ଗଳର ପ୍ରଭାବକୁ ସୂଚିତ କରେ । ମଙ୍ଗଳକୁ ଅଗ୍ନି ଏବଂ କ୍ରୋଧର କାରକ ଭାବରେ ବିବେଚନା କରାଯାଏ । ଏହି ଲାଲ ମାଟି ସୂଚାଇଥାଏ କି ପରିବାରର କୌଣସି ସଦସ୍ୟ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଏହା ମଧ୍ୟ ପିତୃ ଦୋଷ କିମ୍ବା ଭୂମି ଦୋଷକୁ ସୂଚାଇଥାଏ । ଏପରି ସମୟରେ, ଜମିବାଡି ସମ୍ବନ୍ଧୀୟ ବିବାଦ କିମ୍ବା ମତଭେଦ ବଢିବାର ସମ୍ଭାବନା ରହିଛି । ଚଉରା ବା ପାତ୍ରକୁ ପ୍ରତିଦିନ ସଫା ରଖିବା ଏବଂ ନିୟମିତ ଭାବରେ ତୁଳସୀ ଗଛକୁ ପୂଜା କରିବା ଦ୍ୱାରା ନକାରାତ୍ମକ ପ୍ରଭାବକୁ ହ୍ରାସ କରାଯାଇପାରିବ । ହଳଦିଆ ରଙ୍ଗର ମାଟି ବୃହସ୍ପତି ଗ୍ରହ ସହ ଜଡିତ । ବୃହସ୍ପତି ଘରେ ସୁଖ, ସୌଭାଗ୍ୟ ଏବଂ ଜ୍ଞାନ ଆଣିଥାଏ । ହଳଦିଆ ମାଟି ସୂଚାଇଥାଏ ଯେ ଘରର ଶୁଭ କାର୍ଯ୍ୟରେ ବାଧାପ୍ରାପ୍ତ, ଆର୍ଥିକ ଅସୁବିଧା, ଅଧ୍ୟାତ୍ମିକ ଶକ୍ତିର ଅଭାବ ଏବଂ ନକାରାତ୍ମକତାର ପ୍ରବେଶର ଆଶଙ୍କା ରହିଛି । ଏହି ସମୟରେ ଘରେ ଦାନ, ପୂଜା ଏବଂ ଧାର୍ମିକ କାର୍ଯ୍ୟ ଉପରେ ଧ୍ୟାନ ଦେବା ଉଚିତ୍ । ତୁଳସୀ ଗଛକୁ ସଫା ରଖିବା, ନିୟମିତ ପାଣି ଦେବା ଏବଂ ଏହାର ଚାରିପାଖରେ ସକାରାତ୍ମକ ପରିବେଶ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ । ତୁଳସୀ ଗଛ ସିଧାସଳଖ ବୁଧ ଗ୍ରହ ସହ ଜଡିତ। ବୁଧ ହେଉଛନ୍ତି ସବୁଜ, ବୁଦ୍ଧି ଏବଂ ବାଣୀର କାରକ । ତୁଳସୀ ମାଟିର ରଙ୍ଗ ବଦଳିଯିବା ବ୍ୟବସାୟ ,କ୍ୟାରିୟର କିମ୍ବା ମାନସିକ ସ୍ଥିତିକୁ ପ୍ରଭାବିତ କରିପାରେ । ଘରେ ସକାରାତ୍ମକ ଶକ୍ତିର ହ୍ରାସକୁ ସୂଚିତ କରିବା ସହ ନିଷ୍ପତ୍ତି ନେବାରେ ମଧ୍ୟ ବାଧା ସୃଷ୍ଟି କରିଥାଏ । ସପ୍ତାହରେ ଥରେ ହାଲୁକା ପାଣିରେ ମାଟି ଧୋଇ ଯଦି ସମ୍ଭବ ପୁରୁଣା ପତ୍ର କାଢି ଦିଅନ୍ତୁ । ତୁଳସୀ ପାତ୍ରକୁ ସଫା ରଖିବା ସହିତ ସଂଧ୍ୟାରେ ଘିଅ ଦୀପ ଜଳାନ୍ତୁ । ଯାହା ଦ୍ୱାରା ସକାରାତ୍ମକ ଶକ୍ତି ବଜାୟ ରହିବ ।

# ଲିଭର ଓ ଫାଇବ୍ରୋସ୍କାନ୍



ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କୁହାଯାଉଥିବା ଫାଇବ୍ରୋସ୍କାନ୍ ସମ୍ପର୍କରେ ଅନେକ ଜାଣି ନଥାନ୍ତି। ଲିଭର୍‌ର ସ୍ଥିତି, ଏହାର ନିରାପତ୍ତା, ଏହାର କୌଣସି କ୍ଷତି ହୋଇଛି କି ନାହିଁ, ଏସବୁ ଜାଣିବା ପାଇଁ ଫାଇବ୍ରୋସ୍କାନ୍ ପରୀକ୍ଷା କରାଯାଇଥାଏ। ଆଜିକାଲି ଅନେକ ଲୋକ ଏହାକୁ ଅଣଦେଖା କରିବାରୁ ପ୍ରାଥମିକ ଭାବେ ଲିଭର ଖରାପ ହେଉଛି। ପରବର୍ତ୍ତୀ ସମୟରେ ଲିଭର ସିରୋସିସ୍ ଏବଂ ସ୍ଥଳବିଶେଷରେ ଲିଭର ନଷ୍ଟ ମଧ୍ୟ ହୋଇଯାଉଛି। ସେତେବେଳକୁ ଜଣକ ପାଖରେ ଆଉ କୌଣସି ସାଧନ ମଧ୍ୟ ନଥାଏ। ଲିଭର ବା ଯକୃତ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଲିଭର ଆମ ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ୍ ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ୍ ପାଇଁ ଉପାଦାନ ସୃଷ୍ଟି କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ପ୍ରୋଥ୍ରୋମ୍ବିନ୍ ଓ ଫିବ୍ରିନୋଜେନ୍ ଭଳି ଯେଉଁସବୁ ଉପାଦାନର ଆବଶ୍ୟକତା ରହିଛି, ତାହା ଯକୃତରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଗ୍ଲୁକୋଜ୍‌ର ପରିମାଣ ଅଧିକ ହେଲେ ଯକୃତଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜ୍ ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜ୍‌ରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ। ଯକୃତ ବା କଲିଜାରେ ତନ୍ତୁ ଜମିଗଲେ ବା ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ, ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇଦିଏ। ଅତ୍ୟଧିକ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରି ଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ। ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତ ତନ୍ତୁ ନେଇ ପରୀକ୍ଷା କରାଯାଏ। ଏକ ଛୁଞ୍ଚି ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ। କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟ ପାଆନ୍ତି। ତେଣୁ ଏହାକୁ ଫାଇବ୍ରୋସ୍କାନ୍ ଦ୍ୱାରା ପରୀକ୍ଷା କରାଯାଇଥାଏ। ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର। ଅଲ୍‌ଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ୍ୟ ଏକ ଶଳାକା ଥାଏ, ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଲିଜାର କଠିନତା ମାପିହୁଏ। ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ। ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ। ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରି। ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ। ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି ବା ଗର୍ଭବତୀମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ। ଓଡ଼ିଶାରେ ଏ ପର୍ଯ୍ୟନ୍ତ କୌଣସି ସରକାରୀ ଡାକ୍ତରଖାନାରେ ଏହି ବ୍ୟୟବହୁଳ ପରୀକ୍ଷାର ବ୍ୟବସ୍ଥା ନାହିଁ। କେବଳ କିଛି ଘରୋଇ ଡାକ୍ତରଖାନାରେ ଏହାର ପରୀକ୍ଷା ବ୍ୟବସ୍ଥା ରହିଛି।

# ଶ୍ରୀଜଗନ୍ନାଥ ଅନୁଗ୍ରହ ବିଗ୍ରହର



ଅଧ୍ୟାପକ
ହେମନ୍ତ କୁମାର ଗନ୍ତାୟତ

ଅନନ୍ତକୋଟି ବ୍ରହ୍ମାଣ୍ଡର ନାୟକ ତଥା ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣ ପରଂବ୍ରହ୍ମ ତଥା ଲୀଳା ପୁରୁଷୋତ୍ତମ ଦାରୁବ୍ରହ୍ମ ବିଗ୍ରହ। ସେ ସ୍ୱ ଶକ୍ତିମାନ୍, ସର୍ବକଳା ସମ୍ପନ୍ନ ଏବଂ ରହସ୍ୟମୟ ଚୈତନ୍ୟ ଠାକୁର। ଏହି ରହସ୍ୟମୟଙ୍କ ରହସ୍ୟକୁ ବୋଧ କରିବା ଏକ ଦୁରୂହ ବ୍ୟାପାର। ତେଣୁ ପୁରାଣରେ ବର୍ଣ୍ଣିତ ହୋଇଛି ଯେ : ସର୍ବ ରହସ୍ୟସ୍ୱ ପୁରୁଷୋତ୍ତମସ୍ୟ। ଦେବାଃ ନ ଜାନନ୍ତି କୁତଃ ମନୁଷ୍ୟାଃ। ଅର୍ଥାତ୍: ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ରହସ୍ୟମୟ ଠାକୁର। ଯାହା'ଙ୍କ ରହସ୍ୟ ଦେବ, ଦାନବ ଓ ଯକ୍ଷାଦିଙ୍କୁ ଅଗୋଚର। ସେହି ରହସ୍ୟମୟଙ୍କ ରହସ୍ୟକୁ ସାଧାରଣ ମନୁଷ୍ୟ କିପରି ବା ଭେଦ କରିପାରିବ। ବେଦ ଯହିଁ ବ୍ରହ୍ମଙ୍କୁ ନେତି ନେତି ନୀତିରେ ନିର୍ଣ୍ଣୟ କରିବାରେ ନିଷ୍ପ୍ରଭ ହୁହେ, ସେହି ଅସୀମ ଅତିନ୍ଦ୍ରୀୟଙ୍କୁ କିପରି ବା ସଧାରଣ ଇନ୍ଦ୍ରିୟ ଗ୍ରହଣ କରିପାରିବ ? ଏ ବିଷୟକୁ ଆଦି ଶଙ୍କରାଚାର୍ଯ୍ୟ 'ନିର୍ବାଣଷଟ୍କମ୍' ରେ ବ୍ୟକ୍ତ କରିଛନ୍ତି ଯେ: ମନୋବୁଦ୍ଧ୍ୟହଙ୍କାର ଚିତ୍ତାନି ନାହଂନ ଚ ଶ୍ରୋତ୍ରଜିହ୍ୱେ ନ ଚ ଘ୍ରାଣନେତ୍ରେ । ଏହାର ଅର୍ଥ ମନ(ଯେ ସଙ୍କଳ୍ପ ଓ ବିକଳ୍ପ କରେ), ବୁଦ୍ଧି (ଯାହା ନିର୍ଣ୍ଣୟ ନେବାର କ୍ଷମତା ରଖେ), ଅହଙ୍କାର ('ମୁଁ' ଭାବ ବା ନିଜକୁ ଶରୀର ସହ ଯୋଡ଼ି କର୍ତ୍ତା ବୋଧ କରେ), ଚିତ୍ତ (ଯେଉଁଠାରେ ସ୍ମୃତି ବା ଅନୁଭୂତି ସଞ୍ଚିତ ହୋଇ ରହେ), କାନ, ଜିଭ, ନାକ ଓ ଆଖି ଆଦି ଏକ ଏକ ଜଡ ପଦାର୍ଥ ଅଟନ୍ତି । ଏମାନେ କେବେ ମଧ ଚୈତନ୍ୟ ସତ୍ତାକୁ ଜାଣିବା ପାଇଁ ସକ୍ଷମ ହୋଇ ପାରିବେନାହିଁ।

ପୂର୍ଣ୍ଣ ପରଂବ୍ରହ୍ମଙ୍କୁ ଏ ପର୍ଯ୍ୟନ୍ତ କେହି ବି ବ୍ୟକ୍ତ କରିପାରି ନାହାନ୍ତି କି, କେହି କରିପାରିବେ ନାହିଁ ମଧ। ଏଣୁ ଶାସ୍ତ୍ର କହେ 'ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି' ଅର୍ଥାତ୍ ଯେ ବ୍ରହ୍ମଙ୍କୁ ଜାଣେ ସେ ବ୍ରହ୍ମ ହୋଇଯାଏ। ଯେପରି ଗୋଟିଏ ଲ୍ୱଣଖଣ୍ଡ ସାଗର ଗର୍ଭରେ ପଡ଼ିଲେ ନିଜର ସତ୍ତା ହରାଇ ଦିଏ, ସେପରି ଜୀବାତ୍ମା ଯେତେବେଳେ ପରମାତ୍ମାଙ୍କ ସହିତ ମିଳନ ଘଟେ ସେତେବେଳେ ଏହି ଜୀବାତ୍ମାର ସତ୍ତା ପରମାତ୍ମାଙ୍କ ଠାରେ ହଜିଯାଏ। ଏହି ପରମ ତତ୍ତ୍ୱକୁ ଭଗବାନ୍ ଶ୍ରୀକୃଷ୍ଣ ଶ୍ରୀମଦ୍‌ଭଗବଦ୍ ଗୀତାର ୧୫ ଅଧ୍ୟାୟ ୬ ଶ୍ଲୋକରେ କହିଛନ୍ତି: ଯଦ୍‌ଗତ୍ୱା ନ ନିବର୍ତନ୍ତେ ତଦ୍ଧାମ ପରମଂ ମମ ।। ଅର୍ଥାତ୍ ସେହି ପରମ ଦିବ୍ୟ ଧାମକୁ ଗଲାପରେ କୌଣସି ଜୀବାତ୍ମା ପୁନଃ ସଂସାରକୁ ପ୍ରତ୍ୟାବର୍ତ୍ତନ କରନ୍ତି ନାହିଁ । ଯେପରି ବିଷୟୀ ବିଷୟକୁ ଭଲ ପାଇଥାଏ ସେ'ପରି ଜୀବାତ୍ମା ପରମାତ୍ମାଙ୍କ ସହ ଆନନ୍ଦ ଲଭିଥାଏ । କାରଣ କୌଣସି ବିଷୟକୁ ବ୍ୟକ୍ତ କରିବାକୁ ହେଲେ ସାଧାରଣତଃ ତିନୋଟି ଶୈଳୀର ଆବଶ୍ୟକତା ରହିଛି ଯଥା: ବାଣୀ ବା ଶବ୍ଦ ଓ ଲିପି ବା ସଙ୍କେତ (ଅଙ୍ଗଭଙ୍ଗୀ)। ପୂର୍ଣ୍ଣ ପରଂବ୍ରହ୍ମଙ୍କୁ ବାଣୀ ଦ୍ୱାରା ପ୍ରକାଶ କରିବାରେ ଶାସ୍ତ୍ର ଅସମର୍ଥ। ତେଣୁ ଶାସ୍ତ୍ରରେ କୁହାଯାଇଛି 'ଯତୋବାଚ ନିବର୍ତ୍ତନ୍ତେ ଅପ୍ରାପ୍ୟ ମନସା ସହ'। ଅର୍ଥାତ୍ ଯେଉଁ ସ୍ଥାନକୁ ବାଣୀ ତଥା ମନ ଯାଇ ପାରନ୍ତି ନାହିଁ, କେବଳ ଶୂନ୍ୟ ହୋଇ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଯେହେତୁ ସେ ନିର୍ଗୁଣ ଏବଂ ନିରାକାର ଅତଃ ତାହାଙ୍କୁ ଲିପି ବା ସଙ୍କେତ ସାହାଯ୍ୟରେ ଜଣାଇ ହେବ ନାହିଁ। ଏହି ବ୍ରହ୍ମ ତତ୍ତ୍ୱ ଅନୁଭବର ବିଷୟ, ଏହା ଇନ୍ଦ୍ରିୟ ଗ୍ରାହ୍ୟର ବିଷୟ ନୁହେଁ ବୋଲି ପୂର୍ବରୁ କୁହାଯାଇଛି। ତେଣୁ ଅନୁଭବି ତତ୍ତ୍ୱ ବେତ୍ତାମାନେ ନିଜ ଅନୁଭବରୁ କିଛି ଶାସ୍ତ୍ରରେ ବ୍ୟକ୍ତ କରିଥାନ୍ତି।




ମହାପ୍ରଭୁ ଦାରୁବ୍ରହ୍ମ ହେଉଛନ୍ତି ପୂର୍ଣ୍ଣ। ଏଣୁ ଶାସ୍ତ୍ରରେ କୁହାଯାଇଛି ଓଁ ପୂର୍ଣ୍ଣ ମଦଃ ପୂର୍ଣ୍ଣମିଦମ୍..... । ସେପରି ଶ୍ୱେତାଶ୍ୱେତର ଉପନିଷଦରେ ବର୍ଣ୍ଣନା କରାଯାଇଛି: ଅପାଣିପାଦୋ ଜବନୋ ଗ୍ରହୀତା ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟ କର୍ଣ୍ଣଃ । ସ ବେତ୍ତିବିଦ୍ୟଂ ନ ଚ ତସ୍ୟ ବେତ୍ତା ତମାହୁରଗ୍ରମସ୍ୱ ପୁରୁଷସ୍ୱ ମହାନ୍ତମ୍ ।। ଏହାର ଅର୍ଥ ପରମାତ୍ମା ନିର୍ଗୁଣ , ନିରାକାର ଓ ସ୍ୱ ଶକ୍ତିମାନ କିନ୍ତୁ ସେ ସବୁକିଛି କରିପାରନ୍ତି। ଯେପରି ତାହାଙ୍କ' ହାତ ନାହିଁ, କିନ୍ତୁ ସେ ଶୂନ୍ୟରୁ ନଡ଼ିଆ ଗ୍ରହଣ କରିପାରନ୍ତି। ପାଦ ନାହିଁ, କିନ୍ତୁ ସେ ଅତି ଦ୍ରୁତ ଗତିରେ ଭକ୍ତ ଲାଗି ଗମନ କରି ପାରନ୍ତି । ଚକ୍ଷୁ ଇନ୍ଦ୍ରିୟ ନାହିଁ, କିନ୍ତୁ ସେ ସବୁକିଛି ଦେଖିପାରନ୍ତି। କାନ ନଥାଇ ବି ସେ ସବୁକିଛି ଶୁଣିପାରନ୍ତି। ସେ ଅତୁଳନୀୟ ଶକ୍ତିର ଅଧିକାରୀ ଏବଂ ତାଙ୍କୁ କେହି ସମ୍ପୂର୍ଣ୍ଣ ରୂପେ ଜାଣିପାରିବେ ନାହିଁ। ପରନ୍ତୁ ସେ ସମଗ୍ର ବିଶ୍ୱର ବିଷୟକୁ ଜାଣିପାରନ୍ତି । ଏଣୁ ସେହି ପରମ ଶକ୍ତିକୁ ହିଁ ଶ୍ରେଷ୍ଠ ମହାନ ପୁରୁଷ ଏବଂ ବିରାଟ ପୁରୁଷ ରୂପରେ ଜ୍ଞାନୀ ବ୍ୟକ୍ତିମାନେ ଅଭିହିତ କରିଛନ୍ତି । ସେହି ଅଜ୍ଞେୟ ପୁରୁଷ ହିଁ ସ୍ରଷ୍ଟା, ସେ ସୃଷ୍ଟି , ସେ ସ୍ଥିତି , ସେ ଆନନ୍ଦ, ସେ ମୁକ୍ତି ଏବଂ ସେ ହିଁ ସ୍ୱକାରଣର କାରଣ। ଯାହାଙ୍କ ସମ୍ମୁଖରେ ସର୍ବେନ୍ଦ୍ରିୟ ସୁପ୍ତ ହୋଇଯାନ୍ତି । ଯାହାଙ୍କ ପ୍ରକାଶରେ ମୁଙ୍କାର ଆକାର ହରାଏ । ଯାହାଙ୍କ ନିର୍ଦ୍ଦେଶରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ପରିଚାଳିତ । ତାଙ୍କରି ଅନୁଗ୍ରହ ବିନା ଏ ଜୀବର ଇନ୍ଦ୍ରିୟ ଓ ଅନ୍ତକରଣ ଗୁଡ଼ିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଜାଣି ପାରିବେ ନାହିଁ। କେବଳ ବିଗ୍ରହ ଦେଖି ମନ ବୁଝିବା ହିଁ ଶ୍ରେୟ ହେବ। ତେଣୁ ଭକ୍ତ କୃପାଭିକ୍ଷା କରେ ଯେ: ଦାରୁବ୍ରହ୍ମ ତୁମେ କରୁଣା କର ହେ ହେମନ୍ତ କରଇ ଏକ ଅଳୀ। ତୁମ ଦିବ୍ୟରୂପ ଆନନ୍ଦ ସ୍ୱରୂପ ମୋ' ହୃଦ ନୟନେ ଦିଅ ବୋଲି ।। ମହାପ୍ରଭୁ ଶ୍ରୀଜଗନ୍ନାଥ ଅଟନ୍ତି ଅନୁଗ୍ରହ ବିଗ୍ରହର ମୂର୍ତ୍ତିମନ୍ତ ପ୍ରତୀକ ତଥା ପୂର୍ଣ୍ଣ ପରଂବ୍ରହ୍ମ ସ୍ୱରୂପ। ଏ ରହସ୍ୟମୟଙ୍କ ଅନୁଗ୍ରହ ବିନା କେହି ତାହାଙ୍କୁ ଜାଣି ପାରିବେ ନାହିଁ ପରନ୍ତୁ ସେ ଯେତେବେଳେ ଜୀବର ଆନ୍ତରିକ ଶରଣାଗତ ଭାବକୁ ଦେଖନ୍ତି, ସେତେବେଳେ ସ୍ୱତଃ ଭାବେ ସଦୟ ହୋଇ କୃପା କରନ୍ତି।

❖

ଖମ୍ବେଶ୍ୱରୀ ପାଟଣା
ଆସିକା, ଗଞ୍ଜାମ।

## * ଓଡ଼ିଆ ପଖାଳ କଂସା *



ଉତ୍କଳୀୟ ପରମ୍ପରା ର ପୌରୁଷ
ଧନୀ ହେଉ କିବା ମୂଲିଆ
ମୋ ରାଇଜର ଅମୃତ ଭୋଜନ
ପଖାଳ କୁ ଭଜା ଥାଳିଆ,,୧

ଉତ୍କଳ ର ନାଥ ପ୍ରଭୁ ଜଗନ୍ନାଥ
ସରଧା ଦହି ପଖାଳ
ନିଜେ ପିଉଥାନ୍ତି ଜଗତ ପିଆନ୍ତି
ଟଙ୍କ ତୋରାଣି ର ଜଳ,,୨

ଗୃହିଣୀ ପରସା ବାସି ପଖାଳ କୁ
ବଡ଼ିଚୁରା ମାଛଭଜା
କଷିଆମ୍ବ ନଶା ତୋରାଣି ର କଂସା
ବାଇଗଣ , ଆଳୁସିଝା,,୩

ଧନିଆ ପତର ଆମ୍ବୁଲ ସାଥୀରେ
ପିଆଜ, ରସୁଣ କୋଲା
କାକୁଡି ଦିଶୋରା, କଞ୍ଚାମୂଳା ଖଣ୍ଡେ
ତୋରାଣି ପକାଇ ଗୋଳା,,୪

ଚୁନି ଚୁନି କଟା ଭେଣ୍ଡିଭଜା ସାଥେ
ଶୁଖୁଆ ପୋଡାର ବାସ୍ନା
ଦହି ପଖାଳ କୁ ଫୁଟା ପର୍ଜଣା
ଲାଳାୟିତ ହୁଏ ରସ୍ନା,,୫

ବାଡି ଲେଉଟିଆ ଶାଗ ର ଖରଡ଼ା
କୋକଲି, ଡାମ୍ପଡ଼ା ଭଜା
ବାସି ପଖାଳ କୁ ଲେମ୍ବୁ, ଲୁଣ, ଲଙ୍କା
ଭୋଜନ ପାଇଁକି ରଜା,,୬

ଆଜିକା ଯୁଗର ବିରୀୟାନି, ଚିକେନ
ପକଡା, ମୋମୋ, ମ୍ୟାଗି
ଯାବତୀୟ ଆଧୁନିକ ଖାଦ୍ୟପେୟ
ପଖାଳ ନିକଟେ ରୋଗୀ ,,୭

ଝାଇଁ ଝାଇଁ ଖରା ବରଷାର ଧାରା
ଷଡ ଋତୁରେ ବଢିଆ
ବାସି ପଖାଳ ରୁ ବେଲାଏ ଟୁଙ୍କିକି
ତୃପ୍ତିରେ ଶୁଏ ଓଡିଆ,,୮

ସୌକରେ ଭୁଞ୍ଜେ ଐଶ୍ୱର୍ଯ୍ୟଶାଳୀ
ଦିନେକି ଓଳିଏ ପଖାଳ
ଗରିବ ର ବନ୍ଧୁ ପଖାଳ କଂସା ଟା
ଲୁଣ ପିଆଜରେ ଖେଳ,,୯

ଦେଶ ଓ ପ୍ରଦେଶେ ଆତ୍ମତୃପ୍ତି ଖାଦ୍ୟ
ଓଡିଆ ବିନା ଏ ସ୍ୱାଦ
କେହି ନଜାଣନ୍ତି ଉଦର ଭରଣା
ପଖାଳ କଂସାର ଭାବ,,୧୦

ଅମୃତ ମଣୋହି ମାଆ ପରସଇ
ଉଡି ଯାଉଥିବ ହଂସା
ସଂସାର ଯାକର ବ୍ୟଞ୍ଜନଠୁ ଭିନ୍ନ
ମୋ, ଓଡିଆ ପଖାଳ କଂସା,, ୧୧

***ଜୟ ଶ୍ରୀ ଜଗନ୍ନାଥ***

Written by-
Umesh Chandra Patnaik,Bhusandpur,
Khordha, Odisha,(MO) 9937197001

# ହେ ଇଶ୍ୱର ତୁମ ସୃଷ୍ଟି ବଡ଼ ବିଚିତ୍ର

### ।। ସୁଦର୍ଶନ ସାହୁ ।।

ତୁମ ସୃଷ୍ଟି ବଡ଼ ବିଚିତ୍ର
କାହାକୁ ଦେଇଛ
କାହାଠୁ ନେଇଛ
ହିସାବ ରଖୁଛି କିଏ
ହେ ଇଶ୍ୱର ତୁମ ସୃଷ୍ଟି ବଡ଼ ବିଚିତ୍ର ।।
ତୁମ ଆଲୋକ ରେ ଆଲୋକିତ ହୁଏ ମହୀ
ତୁମ ପବନ ରେ ଉଡିଯାଏ ଆକାଶ ରେ ମୁହିଁ
ପାଷାଣ କୁ ଭେଦି ତୁମ ଧ୍ୱନି ସୁରେ
ହଜାଇ ଦିଏ ନିଜକୁ ତୁମ ମଧୁ ଝଙ୍କାର ରେ ।।
କେବେ ଭାସିଯାଏ ତୁମରି ସ୍ରୋତରେ ମୁହିଁ
ପୁଣି କେବେ କୂଳରେ ତୁମରି ଇଚ୍ଛାରେ
ତୁମେ ନ ଚାହିଁଲେ
କାହାର ସେ ସାଧ୍ୟ ଅଛି ମହୀ ପରେ
ଉଡ଼ାଇ ବାକୁ ତୁମ ଯଶ କୀର୍ତ୍ତି
ହେ ଇଶ୍ୱର ତୁମ ସୃଷ୍ଟି ବଡ଼ ବିଚିତ୍ର ,
ତୁମ ସୃଷ୍ଟି ବଡ଼ ବିଚିତ୍ର ।।

❖

# ଅଜବ ଦୁନିଆର ଗଜବ ନିତି

### ।। ସଞ୍ଜୟ କୁମାର ଦାସ ।।



ଅଜବ ଦୁନିଆର ଗଜବ ନୀତି
ପେଶି ହୋଇ ଯାଉ ସଭିଏଁ ନିତି
ଦୁଇଟି ନିଆଁରେ ଜୀବନ ଆମର
ଛଟପଟ ହୁଏ ମନ ଆମର ।।
ଜନ୍ମ ମୃତ୍ୟୁର ଖେଳ ଏ ଦୁନିଆ
ସବୁ ଜାଣି ଶୁଣି ମନ ହୁଏ ଛାନିଆ
ଏକରୁ ଶହେ ହିସାବ ପାଇଲୁ
ସବୁବେଳେ ଆମେ ଦ୍ୱନ୍ଦରେ ରହିଲୁ ।।
'ମୁଁ' ଆଉ 'ମୋର' ଶବ୍ଦକୁ ନେଇ
ଭାଗ ହୋଇଗଲୁ ଆମେ ଭାଇ ହୋଇ
ପିତା, ମାତା କଥା ପଚାରେ କିଏ
ସ୍ନେହ, ମମତା ତାଙ୍କଠାରେ ନଥାଏ ।।
ଅଜବ ଦୁନିଆର ଗଜବ ନିତି
ଅଜା, ଆଈ କୋଳେ ବଢୁଛି ନାତି
ସବୁରି ହିସାବ ନିକାଶ କଲୁ
ଶେଷରେ ଭାଗଶେଷ ଶୂନ ପାଇଲୁ ।।
ଯେତେ ସାଉଁଟି ବୁଝାଇଲେ ମନ ଆମର
ବିପଥଗାମୀ ହୁଏ ଆତ୍ମା ସଭିଙ୍କର
ଆଜି ଦୁନିଆ ବଡ଼ ବିଚିତ୍ର
ଫେସ୍‌ବୁକ୍ ମୋବାଇଲ୍ ଚର୍ଚ୍ଚା ସର୍ବତ୍ର ।।
କର୍ମ, ଧର୍ମ, ସେବା ଭୁଲିଯାଇଛୁ
ବିଚଳିତ ହୋଇ ଲୁଚିଯାଇଛୁ
ଅଜବ ଦୁନିଆର ଗଜବ ନିତି
ସତ୍ୟ ବିନା ମିଥ୍ୟାର ରାଜନୀତି
ସ୍ୱାର୍ଥକୁ ଧରି ନେତାଏ କରନ୍ତି ରାଜନୀତି
ବିଚରା ମଣିଷ ପଛରେ ପଡ଼ନ୍ତି ନିତି ।।

■

# ମୁଁ



ସତ୍ୟବାଦୀ ସାହୁ

ମୁଁ କିଏ ଜାଣେନା ଲାଗେ ଇଏ ତ ମୋ ମିଛ ପରିଚୟ
ଚରିତ୍ରଟେ ସାଜି ଯାହା ମିଛେମିଛେ କରେ ଅଭିନୟ
ମୁଁ ନୁହେଁ ମୋର ଶରୀର ଯାହା ପାଇଁ ଏତେ ଯତ୍ନବାନ
ମିଛେ ସିନା ସଜାଏ ମୁଁ ସାରି କେତେ ଦାମୀ ପ୍ରସାଧନ
ମୁଁ ନୁହେଁ ମୋ ନାମ ମଧ୍ୟ ଯାହାଲାଗି ସଂସାରରେ ଜଣା
ଅନେକ ମିଛ ସମ୍ପର୍କେ ଚରିତ୍ରକୁ ନିଭାଉଛି ସିନା
ମୁଁ ନୁହେଁ ପଦପଦବୀ ଯାହା ଲାଗି ପାଏ ନମସ୍କାର
ପଦ ପାଇଁ ମନେ ସିନା ଥାଏ ମୋର କେତେ ଅହଙ୍କାର
ମୋ ପ୍ରତିଭା ମୋର ନୁହେଁ ସବୁ ପରା ତୁ କରିଛୁ ଦାନ
ଯାହା ପାଇଁ ଗର୍ବ କରେ ପାଏ ବୋଲି କେତେ ସନମାନ
ମୁହିଁ ମିଛ ତୁହି ସତ ସରିଗଲେ ମୋର ଅଭିନୟ
ଆସିଛି ତୋହ ପାଶରୁ ତୋ ପାଶେ ବି ହେବି ମୁଁ ବିଲୟ

❖

ଶିକ୍ଷକ
ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, କୁରୁମବାଙ୍କତରା
ଦୂରଭାଷ :୯୬୯୨୯୮୪୬୯୩

# ପ୍ରଣାମ ତ୍ରିରଙ୍ଗା

### ।। ସୌଭାଗିନୀ ଜେଠୀ ।।




ଜାତୀୟ ପତାକା ଜାତିର ଗୌରବ
ଆମ ପତାକା ତ୍ରିରଙ୍ଗା
ଦେଶ ପ୍ରଣତା ଓ ମର୍ଯ୍ୟାଦା ବୋଧର
ଅଟେ ସ୍ୱାଭିମାନେ ରଙ୍ଗା...
ବୀର ଏ ବରପୁତ୍ର ତ୍ୟାଗର ମହିମା
ଗାଏ ତ୍ରିରଙ୍ଗା ପତାକା
ତାଙ୍କ ତ୍ୟାଗ ସେବା ନିଃସ୍ୱାର୍ଥପରତା
ଦେଲା ବିଜୟର ଟିକା...
ଗାନ୍ଧୀ ଗୋପବନ୍ଧୁ ଜବାହର ଲାଲ
ସୁଭାଷ ପଟେଲ ଲାଲ
ବକ୍ସି ଜଗବନ୍ଧୁ ଜୟୀ ରାଜଗୁରୁ
ଦେଶ ପ୍ରେମୀ ତ୍ୟାଗ ବଳେ
ସାହାସ ତ୍ୟାଗକୁ ସୂଚାଏ ନାରଙ୍ଗୀ
ସତ୍ୟ ଶାନ୍ତିକୁ ଶୁଭ୍ରତା
ସମୃଦ୍ଧିର ପ୍ରତୀକ ସବୁଜ ରଙ୍ଗ
ତ୍ରିରଙ୍ଗା ଅଟେ ଏକତା ।
ଅଶୋକ ଚକ୍ର ପ୍ରଗତିର ପ୍ରତୀକ
ଚବିଶ ଗୁଣକୁ ଧରି
ଭାରତୀୟଙ୍କୁ ଆଗେଇବା ପାଇଁ
ପ୍ରେରଣା ନେଉଛି ଭରି -
ପ୍ରଣାମ ତ୍ରିରଙ୍ଗା ପ୍ରଣାମ ସହୀଦ
ପ୍ରଣାମ ଦେଶପ୍ରେମୀଙ୍କୁ
ତାଙ୍କ ବଳିଦାନ ଅଟେ ଯେ ମହାନ
ନମେ ବୀର ଜନନୀଙ୍କୁ...

■

# ମାଆ



ରମାକାନ୍ତ ପ୍ରଧାନ



ମାଆ ବିନା କେହି ଥାପି ପାରିଛିକି ସଂସାରରେ ତାର ପାଦ
ସ୍ତନ୍ୟପାନ ବିନା କେଉଁ ସନ୍ତାନର ହଟି ପାରେ କି ବିପଦ ?
ମାଆର ମମତା ବିନା....
କେଉଁ ସନ୍ତାନ କି ବଞ୍ଚିଛି ଜଗତେ ନ ପାଇ ଦୁଃଖ ଯାତନା ?

ମାଆ ବିନା ଅଛି ଆନ କେ ମଣିଷ ବୁଝିଛି ପେଟର ଭୋକ
ପିଲାର ଦୁଃଖରେ ଆନ ମଣିଷ କେ ଝରାଇ ଅଛି ଲୋତକ ?
ନିଜ ପେଟୁ କାଟି ଦାନା..
ଖୁଆଇ ପିଆଇ ବଡ଼ କେ କରିଛି ନିଜେ ପିନ୍ଧି ଛିଣ୍ଡା କନା ।

ପିଲା ଦୁଃଖେ ମାଆ ମାଗିପାରେ ଭିକ
ଆନ ପାଖେ ପାତି ହାତ
ମଙ୍ଗଳ ମନାସି ଦିଅଁ କେତେ ପୁଜି କରେ ଉପବାସ ବ୍ରତ
ଦେଖେ ସେ କେତେ ସପନ....
ପିଲା ତାର ହେଉ ଗଣା ପାଞ୍ଚ ଜଣେ ପାଇ ମାନ ସନମାନ।

ଭୁଲିଯାନ୍ତି ପଛେ ସନ୍ତାନ ସନ୍ତତି ପାରେନା ସେ ଭୁଲି କେବେ
ଜଣେ ଏକା ସେହି ପିଲା ଖୁସି ପାଇଁ ନିର୍ଯାତନା ସହେ ଭବେ
ନ ପାଏ ମମତା ମୁଲ.....
ପଣତ ଘୋଡ଼ାଇ ରଖେ ତା ସନ୍ତାନେ ହୋଇ ଦୁଃଖେ କଲବଲ।

■

ଶିକ୍ଷକ
ଓଡଗାଁ, ନୟାଗଡ଼
ଦୂରଭାଷ :୮୪୫୭୯୭୨୨୪୪

# ଭୁଲ୍ ଠିକଣା



ଯଶୋବନ୍ତ ପଟ୍ଟନାୟକ

ଦୁଃଖକୁ ନିଜର କଲି -
ସୁଖ ଯେବେ ସାତପର ହେଲା,
ଲୁହସବୁ ଢକଢକ ପିଇବା ଶିଖିଲି ;
ହସ ଯେବେ ଓଠ ଛାଡ଼ିଗଲା ।।

ବେଦନାକୁ ଆପଣାର କଲି -
ଖୁସି ଯେବେ ହାତ ଛାଡ଼ିଦେଲା,
ଧିରେଧିରେ ଉଠିପଡ଼ି ଚାଲିବା ଶିଖିଲି ;
କଣ୍ଟା ଯେବେ ପାଦେ ଫୁଟିଗଲା ।।

ଯାତନାକୁ ଜାବୁଡ଼ି ଧରିଲି -
ପ୍ରେମ ଯେବେ ଧୋକା ଦେଇଗଲା,
ଚୁନାଚୁନା ସ୍ୱପ୍ନସବୁ ସାଉଁଟି ରଖିଲି ;
ସଂପର୍କଟା ଯେବେ ତୁଟିଗଲା ।।

କାନ୍ଧେ ବୋଝ ବୋହିବା ଶିଖିଲି -
ହାତସବୁ ଯେବେ କଟିଗଲା,
ଦୀର୍ଘଶ୍ୱାସେ ଏକାଏକା ବଞ୍ଚିବା ଶିଖିଲି ;
ରକ୍ତ ଯେବେ ପାଣି ଫାଟିଗଲା ।।

ଖରାଟାରେ ସିଝିବା ଶିଖିଲି -
ଜାଡ଼ ଯେବେ ହାଡ଼ ଥରାଇଲା,
ସ୍ୱାର୍ଥପର ଦୁନିଆଁଟା ଏତିକି ଜାଣିଲି ;
ଝଡ଼ ଯେବେ ଘର ଭାଙ୍ଗିଦେଲା ।।

ହୃଦୟ ମୋ' ଛଟପଟ ହୁଏ -
କେଉଁ ଏକ ଅସହ୍ୟ ଜ୍ୱାଳାରେ,
ଦୁଃଖ ବସି ପାଖେପାଖେ ମଥା ସାଉଁଳାଏ ;
ତା'ର ମିଠା ଶୀତଳ ଛୁଆଁରେ ।।



ଏବେ ଏକ ନୂଆଘର ତୋଳି -
ରହୁଛି ମୁଁ ଦୁଃଖ ନେଇ ସାଥେ,
ସୁଖ ଆସି ପୁଣିକେବେ ମୋତେ ଯଦି ଖୋଜେ ;
ଦେଇଦେବ ଭୁଲ୍ ଠିକଣାଟେ ।।


❖

ଓଡ଼ଗାଁ, ନୟାଗଡ଼

## ଘମାଘୋଟ ଲଢ଼େଇ

## ଭାରତ ମହାସାଗରକୁ ଇରାନର ମିସାଇଲ ମାଡ଼






ତେହରାନ : ତେହେରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧର ପରିସୀମା ଆହୁରି ବଢ଼ିଛି। ପ୍ରଥମଥର ପାଇଁ ଭାରତୀୟ ମହାସାଗରକୁ ମିସାଇଲ ମାଡ଼ କରିଛି ଇରାନ। ଏଠାରେ ଥିବା ଆମେରିକା ଓ ବ୍ରିଟେନର ମିଳିତ ସେନା ବେସ୍‌କୁ ଇରାନ ଟାର୍ଗେଟ କରିଥିବା ଜଣାପଡ଼ିଛି। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଅନୁଯାୟୀ, ଚାଗୋସ୍ ଦ୍ୱୀପପୁଞ୍ଜରେ ଥିବା ଆମେରିକା ଓ ବ୍ରିଟେନର ମିଳିତ ସାମରିକ ବେସ୍ ଡିଏଗୋ ଗାର୍ସିଆକୁ ଟାର୍ଗେଟ କରି ଇରାନ ଦୁଇଟି ବାଲିଷ୍ଟିକ୍ ମିସାଇଲ ମାଡ଼ କରିଛି। ଦୁଇଟି ମିସାଇଲ ମାଡ଼ କରାଯାଇଥିଲେ ହେଁ ଏଥିରେ କୌଣସି ପ୍ରକାରର କ୍ଷୟକ୍ଷତି ହୋଇନାହିଁ। ମିସାଇଲ ତା'ର ଟାର୍ଗେଟକୁ ହିଟ କରିବାରେ ସଫଳତା ପାଇନାହିଁ। ଗୋଟିଏ ବଲାଷ୍ଟିକ ମିସାଇଲ ମଝି ଆକାଶରେ ନଷ୍ଟ ହୋଇଥିବା ବେଳେ ଦ୍ୱିତୀୟଟିକୁ ଆମେରିକା ଯୁଦ୍ଧ ଡୋପରୁ ଲଞ୍ଚ ହୋଇଥିବା ଇଣ୍ଟରସେପ୍ଟର୍ ଦ୍ୱାରା ଚିହ୍ନଟ କରାଯାଇଥିଲା। କିନ୍ତୁ ଏହାକୁ ମଝି ଆକାଶରେ ନଷ୍ଟ କରାଯାଇଛି କି ନାହିଁ, ସେକଥା ସ୍ପଷ୍ଟ ହୋଇନି। ଡିଏଗୋ ଗାର୍ସିଆ ବେସ୍ ଇରାନ ଠାରୁ ୩୯୭୧ କିମି ଦୂର। ଏତେ ଦୂରରେ ଥିବା ବେସ୍‌କୁ ଇରାନ ଟାର୍ଗେଟ କରିପାରିବ ବୋଲି କେବେ ହେଲେ କେହି ବିଶ୍ୱାସ କରି ନଥିଲେ। ତଥାପି ଇରାନ ୪ ହଜାର କିମି ଦୂରରେ ଥିବା ଟାର୍ଗେଟକୁ ହିଟ କରିବାକୁ ଚେଷ୍ଟା କରିଛି। ଏହାର ଅର୍ଥ ଇରାନ ଏବେ ଚାହିଁଲେ ମଧ୍ୟପ୍ରାଚ୍ୟର ଆଖପାଖରେ ଥିବା ୟୁରୋପୀୟ ବେସ୍ ଗୁଡ଼ିକୁ ବେଶ ସହଜରେ ଟାର୍ଗେଟ କରିପାରିବ। ଆକ୍ରମଣ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଥିଲେ ହେଁ ଏଯାଏ ପେଣ୍ଟାଗନ ପକ୍ଷରୁ କୌଣସି ପ୍ରକାରର ସୂଚନା ଦିଆଯାଇ ନାହିଁ।

ଯଦି ପ୍ରକାଶିତ ରିପୋର୍ଟ ଠିକ ଓ ଇରାନ ସତରେ ଭାରତୀୟ ମହାସାଗରର ମଧ୍ୟଭାଗରେ ଥିବା ଡିଏଗୋ ଗାର୍ସିଆ ଦ୍ୱୀପକୁ ଆକ୍ରମଣ କରିବାକୁ ଚେଷ୍ଟା କରିଛି, ତା'ହେଲେ ଏହା ଗୋଟିଏ ସାଂଘାତିକ ଘଟଣା। ଇରାନ ଏପରି ଆକ୍ରମଣ କରି ଯୁଦ୍ଧର ପରିସୀମାକୁ ବିସ୍ତାର କରିଛି ଓ ପଶ୍ଚିମ ଦେଶଗୁଡ଼ିକୁ ସ୍ପଷ୍ଟ ସଙ୍କେତ ଦେଇଥିବା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ମନୀଷ ତିୱାରୀ ଏକ୍ସରେ ଏକ ପୋଷ୍ଟ କରିଛନ୍ତି।

କିଛି ସପ୍ତାହ ପୂର୍ବେ ତଥା ମଧ୍ୟପ୍ରାଚ୍ୟ ଯୁଦ୍ଧ ସମୟରେ ପ୍ରଥମଥର ଭାରତୀୟ ମହାସାଗର କିଛି ବଡ଼ ଘଟଣା ଘଟିଥିଲା। ଆମେରିକାର ଗୋଟିଏ ବୁଡ଼ାଜାହାଜ ଶ୍ରୀଲଙ୍କାର ଦକ୍ଷିଣ ପ୍ରାନ୍ତରେ ଥିବା ଅନ୍ତର୍ଜାତୀୟ ଜଳ ରାଶିରେ ଇରାନୀୟ ଯୁଦ୍ଧଜାହାଜ IRIS ଡେନାକୁ ଆକ୍ରମଣ କରି ବୁଡ଼ାଇ ଦେଇଥିଲା। ଏଥିରେ ୮୫ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା।

## ଇରାନ ସେନାର ମୁଖ୍ୟ ମୁଖପାତ୍ର ମୃତ



ତେହରାନ : ଇରାନର ସାମରିକ ବାହିନୀ ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ମୁଖ୍ୟ ମୁଖପାତ୍ର ଅଲୀ ମହମ୍ମଦ ନାଇନି ଆମେରିକା ଓ ଇସ୍ରାଏଲର ଏକ ବିମାନ ଆକ୍ରମଣରେ ନିହତ ହୋଇଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ମହମ୍ମଦ ନାଇନ ଆମେରିକା ଓ ଇସ୍ରାଏଲକୁ କଡ଼ା ଚେତାବନୀ ଦେବାର କିଛି ଘଣ୍ଟା ପରେ ମିଳିତ ବିମାନ ଆକ୍ରମଣରେ ପ୍ରାଣ ହରାଇଥିବା ଇରାନ ସରକାରୀ ଗଣମାଧ୍ୟମ ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ନାଇନଙ୍କୁ ମିଶାଇ ଇରାନ ଚଳିତ ସପ୍ତାହରେ ଏହାର ୪ଜଣ ବରିଷ୍ଠ ନେତାଙ୍କୁ ଯୁଦ୍ଧରେ ହରାଇଲାଣି। ନିଜର ନେତାଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଇରାନ ଏହାର ପ୍ରତିଆକ୍ରମଣକୁ ଜୋରଦାର କରିଛି। ଇସ୍ରାଏଲ୍ ସେନା କହିଛି ଯେ, ନାଇନି ଇରାନର ଜଣେ ମୁଖ୍ୟ ଯୋଜନାକାରୀ ଥିଲେ, ଯିଏ ଶତ୍ରୁ ଦେଶ ବିରୋଧରେ ବିଭିନ୍ନ ଷଡ଼ଯନ୍ତ୍ର ଓ ଗୁପ୍ତ ସୂଚନା ପ୍ରସାରଣରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ। ମୃତ୍ୟୁର ମାତ୍ର କିଛି ଘଣ୍ଟା ପୂର୍ବରୁ ସେ ଏକ ଟିଭି ସାକ୍ଷାତକାରରେ କହିଥିଲେ ଯେ ଇରାନର ମିସାଇଲ୍ ତିଆରି କ୍ଷମତା କମି ନାହିଁ ଏବଂ ଆମେ ଶତ୍ରୁକୁ ଆଶ୍ଚର୍ଯ୍ୟଜନକ ଜବାବ ଦେବୁ। ନାଇନିଙ୍କ ପୂର୍ବରୁ ଇରାନ ଅଲୀ ଲାରିଜାନି (ନିରାପତ୍ତା ମୁଖ୍ୟ), ଗୋଲାମରେଜା ସୋଲେଇମାନି (ବାସିଜ୍ କମାଣ୍ଡର), ଇସମାଇଲ୍ ଖାତିବ୍ (ଗୁଇନ୍ଦା ଅଧିକାରୀ)ଙ୍କୁ ଚଳିତ ସପ୍ତାହରେ ଯୁଦ୍ଧରେ ହରାଇ ସାରିଛି। ଇରାନ ଏହାର ପ୍ରତିଶୋଧ ନେବାକୁ ଧମକ ଦେଇଥିବାବେଳେ, ଆମେରିକା ଓ ଇସ୍ରାଏଲ୍ ନିଜର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଛନ୍ତି।

### ତୈଳ ଉପରେ ଯୁଦ୍ଧର ପ୍ରଭାବ

## ପ୍ରିମିୟମ୍ ପେଟ୍ରୋଲ ଦର ୨ ଟଙ୍କା ବଢ଼ିଲା



- ଶିଳ୍ପଭିତ୍ତିକ ଡିଜେଲ ଦରରେ ୨୫% ବୃଦ୍ଧି
- ଦେଶରେ ପର୍ଯ୍ୟାପ୍ତ ତୈଳ ମହଜୁଦ ରହିଛି

ନୂଆଦିଲ୍ଲୀ : ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଆକାଶଛୁଆଁ ହୋଇଥିବାବେଳେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଶୁକ୍ରବାର ଦିନ ଶିଳ୍ପଭିତ୍ତିକ ଡିଜେଲ ଓ ପ୍ରିମିୟମ୍ ପେଟ୍ରୋଲ ଦରରେ ବଡ଼ ଧରଣର ବୃଦ୍ଧି ଘୋଷଣା କରିଛନ୍ତି। ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ବିକ୍ରି ହେଉଥିବା ବଲ୍କ ଡିଜେଲ ଲିଟର ପିଛା ୨୧.୯୨ ଟଙ୍କା (ପ୍ରାୟ ୨୫%) ବୃଦ୍ଧି ପାଇ ଦିଲ୍ଲୀରେ ୧୦୯.୫୯ ଟଙ୍କାରେ ପହଞ୍ଚିଥିବାବେଳେ ପ୍ରିମିୟମ୍ ପେଟ୍ରୋଲ ଦର ଲିଟର ପିଛା ୨ ଟଙ୍କା ବଢ଼ିଛି। ତେବେ ସାଧାରଣ ଗ୍ରାହକଙ୍କ ପାଇଁ ଆଶ୍ୱସ୍ତିର କଥା ଏହା ଯେ, ସାଧାରଣ ପେଟ୍ରୋଲ ଓ ଡିଜେଲ ଦରରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ, ଯାହା ମାର୍ଚ୍ଚ ୨୦୨୪ରୁ ସ୍ଥିର ରହିଛି। ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ଦର ବ୍ୟାରେଲ ପିଛା ୧୦୮ ଡଲାର ଅତିକ୍ରମ କରିବା ପରେ ତୈଳ ବିପଣନ କମ୍ପାନୀଗୁଡ଼ିକ ଉପରେ ଚାପ ବଢ଼ିବାରେ ଲାଗିଛି। ଇରାନ ପକ୍ଷରୁ କାତାରର ଶକ୍ତି ଭିତ୍ତିଭୂମି ଉପରେ ହୋଇଥିବା ଆକ୍ରମଣ ପରେ ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି। ବିଶେଷ କରି ଭାରତ ନିଜର ୪୭% ଏଲପିଜି କାତାରରୁ ଆମଦାନୀ କରୁଥିବାରୁ ଏବେ ବିକଳ୍ପ ଉତ୍ସ ସନ୍ଧାନ ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି। ପେଟ୍ରୋଲିୟମ ମନ୍ତ୍ରାଳୟ ଅନୁଯାୟୀ, ଘରୋଇ ଗ୍ରାହକଙ୍କୁ ସୁରକ୍ଷା ଦେବା ପାଇଁ ବ୍ୟବସାୟିକ ଏଲପିଜି ଯୋଗାଣରେ କିଛିଟା କାଟ୍ କରାଯାଇଛି, କିନ୍ତୁ ଦେଶରେ ତୈଳ ମହଜୁଦ ପର୍ଯ୍ୟାପ୍ତ ରହିଛି।

## ୫ ବିଶ୍ୱନେତାଙ୍କ ସହ କଥା ହେଲେ ମୋଦି




ନୂଆଦିଲ୍ଲୀ : ଯୁଦ୍ଧ ଯୋଗୁ ଅଶାନ୍ତ ପଶ୍ଚିମ ଏସିଆ । ଇରାନ-ଇସ୍ରାଏ ଏବଂ ଆମେରିକା ସଂଘର୍ଷ ପାଇଁ ବିଶ୍ୱ ଅର୍ଥନୀତି ଧୀରେ ଧୀରେ ପ୍ରଭାବିତ ହେଉଛି । ସାରା ବିଶ୍ୱରେ ତୈଳ ସଂକଟ ଦେଖା ଦେଇଛି । ଏହାରି ଭିତରେ ଭାରତ ସରକାର ନିଜ ବୈଦେଶିକ କୂଟନୀତିକୁ ଯଥାଯଥ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି । ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୪ ଘଣ୍ଟାରେ ୫ଟି ଦେଶ ଯଥା ମାଲେସିଆ, ଓମାନ, କୁଏତ, ଫ୍ରାନ୍ସ ଓ ଜୋର୍ଡାନର ନେତାଙ୍କ ସହ କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ସହ ଫୋନରେ କଥା ହୋଇଛନ୍ତି । 'ଏକ୍ସ'ରେ ମୋଦି ଲେଖିଛନ୍ତି, ବନ୍ଧୁ ଅନୱର ଇବ୍ରାହିମଙ୍କ ସହ କଥା ହୋଇଛି । ପଶ୍ଚିମ ଏସିଆରେ ଜାରି ରହିଥିବା ସଙ୍କଟ ନେଇ ତାଙ୍କ ସହ ଆଲୋଚନା କରିଛି । ଆଲୋଚନା ଓ କୂଟନୀତି ଜରିଆରେ ଆଗୁଆ ଶାନ୍ତି ଓ ସ୍ଥିରତା ଆସିବା ନେଇ ଆମେ ଏକମତ ହୋଇଛୁ । ପ୍ରଧାନମନ୍ତ୍ରୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କୁ ଫୋନ କରି ମଧ୍ୟପ୍ରାଚ୍ୟ ସ୍ଥିତି ସଂକ୍ରାନ୍ତରେ ଚର୍ଚ୍ଚା କରିଛନ୍ତି। ସେ ଏହି ସୂଚନା 'ଏକ୍ସ'ରେ ଦେଇଛନ୍ତି । ପରିସ୍ଥିତିକୁ ଶାନ୍ତ କରିବା ଏବଂ ଆଲୋଚନା ଓ କୂଟନୀତି ରାସ୍ତାକୁ ଆପଣାଇବା ଉଚିତ୍ ।

### ବିଶ୍ୱରେ ପ୍ରଥମ

## ଆମେରିକାର ଅପରାଜୟ ଯୁଦ୍ଧ ବିମାନକୁ ଖସାଇଲା ଇରାନ



ନୂଆଦିଲ୍ଲୀ : ଇରାନ ସହ ଯୁଦ୍ଧ ବେଳେ ଆମେରିକାକୁ ଲାଗିଛି ସବୁଠାରୁ ବଡ଼ ଝଟକା। ଯୁଦ୍ଧ ଇତିହାସରେ କେବେ ହେଲେ ମାତ ଖାଇ ନଥିବା ଆମେରିକାର ସବୁଠାରୁ ଉନ୍ନତ ତଥା ମାରାତ୍ମକ ଯୁଦ୍ଧ ବିମାନ ଏଫ-୩୫କୁ ଇରାନ ଏବେ ଖସାଇ ଦେଇଛି। ମାର୍ଚ୍ଚ ୧୯ରେ ଇରାନ୍ କରିଛି କିଛି ଅସମ୍ଭବ କାମ। ଇରାନର ଏୟାର ଡିଫେନ୍ସ ଆମେରିକାର ଋ-୩୫କୁ ଡିଟେକ୍ଟ ଓ ଲକ୍ କରି ଖସାଇ ଦେବାକୁ ସକ୍ଷମ ହୋଇଛି। କିଛି ଦିନ ତଳେ ଇରାନର ଏୟାର ଡିଫେନ୍ସ ସିଷ୍ଟମକୁ ଆମେରିକା ନଷ୍ଟ କରି ଦେଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିଲେ। ହେଲେ ଏବେ ସେହି ଏୟାର ଡିଫେନ୍ସ ସିଷ୍ଟମ ଗୋଟିଏ ଅସାଧାରଣ କାମ କରି ଦେଖାଇଛି। ଇରାନ ଯୁଦ୍ଧ ବିମାନକୁ ଖସାଇ ଦେଇଥିବା ଦାବି କରିବା ସହ ଏହାର ଭିଡିଓ ଜାରି କରିଛି। କିନ୍ତୁ ଆମେରିକା ଏହାକୁ ସ୍ୱୀକାର କରି ନାହିଁ। ଏଫ ୩୫ ଯୁଦ୍ଧ ବିମାନକୁ କେହି ଖସାଇ ନାହାନ୍ତି କିମ୍ବା ଏହା କ୍ରାଶ ହୋଇନାହିଁ। ବରଂ ଏଫ ୩୫ ଯୁଦ୍ଧ ବିମାନ ମଧ୍ୟପ୍ରାଚ୍ୟର ଗୋଟିଏ ବେସ୍‌ରେ ଇମର୍ଜେନ୍ସି ଲ୍ୟାଣ୍ଡିଂ କରିଛି। ଇରାନର ଆବାସ୍ ବନ୍ଦର ଉପରେ ଆଉ ଏକ ଋ-୩୫ ଜେଟ୍ ମଧ୍ୟ ମିସାଇଲ ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ପ୍ରକାଶ ପାଇବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ଯୁଦ୍ଧ ଯୋଗୁ ଦୁର୍ବଳ ହୋଇ ପଡ଼ିଥିବା ଇରାନ୍ ଏୟାର ଡିଫେନ୍ସ କେମିତି ବିଶ୍ୱର ସବୁଠାରୁ ଉନ୍ନତ ଓ ଦାମୀ ଯୁଦ୍ଧ ବିମାନକୁ ହିଟ କଲା, ତା'ହା ହିଁ ସବୁଠାରୁ ବଡ଼ ପ୍ରଶ୍ନ। ଆମେରିକାର ଏଫ-୩୫ ଯୁଦ୍ଧ ବିମାନ କେନ୍ଦ୍ରୀୟ ଇରାନର ଉପରରେ ଉଡ଼ୁଥିବା ସମୟରେ ଆକ୍ରମଣର ସମ୍ମୁଖୀନ ହୋଇଛି। ଇରାନର ଏୟାର ଡିଫେନ୍ସ ସିଷ୍ଟମ ଏଠାରେ ଦୁର୍ବଳ ଥିବା ଭାବି ଆମେରିକା ଏଫ ୩୫ ଯୁଦ୍ଧ ବିମାନକୁ ଉଡ଼ାଉଥିଲା। ହେଲେ ଆମେରିକାକୁ ଇରାନ ସବୁଠାରୁ ବଡ଼ ଝଟକା ଦେଇଛି। ବିଶେଷଜ୍ଞ କହିବା କଥା ଯେ ଏହା ଯୁଦ୍ଧର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମୋଡ଼। ଏହାର ପ୍ରଭାବ ଏବେ ପୂରା ବିଶ୍ୱ ଅନୁଭବ କରିବ। ବିଶ୍ୱର ପ୍ରାୟ ୧୫ଟି ଦେଶ ଏଫ-୩୫ର ବିଭିନ୍ନ ଭର୍ସନକୁ ବ୍ୟବହାର କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ବେଳେ ରାଷ୍ଟ୍ରପତି ଟ୍ରମ୍ପ ଭାରତକୁ ଏହି ଯୁଦ୍ଧ ବିମାନ କିଣିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଭାରତ ଏଫ ୩୫ ଯୁଦ୍ଧ ବିମାନ କିଣିବାକୁ କୌଣସି ପ୍ରକାରର ଆଗ୍ରହ ଦେଖାଇ ନାହିଁ। ଏଫ ୩୫ ହେଉଛି ଆମେରିକା ଏରୋସ୍ପେସର ସବୁଠାରୁ କ୍ଷମତାଶାଳୀ ଯୁଦ୍ଧ ବିମାନ। ଏହା ଏକ ଟ୍ରିଲିୟନ ଡଲାର ପ୍ରୋଗ୍ରାମର ଅଂଶବିଶେଷ। କିନ୍ତୁ ଏବେ ଏହାକୁ ଇରାନ ଧ୍ୱଂସ କରି ଦେଇଛି। ଇରାନ୍ ଦେଖାଇଦେଇଛି ଯେ ଏହି ପ୍ରଭାବଶାଳୀ ଜେଟ୍‌ରେ ବି କିଛି ଦୁର୍ବଳତା ରହିଛି। ଏଫ ୩୫ ହେଉଛି ଷ୍ଟେଲ୍‌ଥ ଯୁଦ୍ଧ ବିମାନ। ଏହାର ଅର୍ଥ ରାଡାରକୁ ମାତ ଦେବା ପାଇଁ ଏହାକୁ ସ୍ୱତନ୍ତ୍ର ଭାବେ ଡିଜାଇନ ହୋଇଛି। ଏପରି ସ୍ଥିତିରେ ଇରାନ କେମିତି ଏହାକୁ ଖସାଇଲା ପ୍ରତିରକ୍ଷା ବିଶେଷଜ୍ଞ ସନ୍ଦୀପ ଉନ୍ନିଥାନ୍ କହିଛନ୍ତି ଯେ ତଥାକଥିତ ଷ୍ଟେଲ୍‌ଥ ଟେକ୍ନୋଲୋଜି କେବଳ ଗୋଟିଏ ଭୁଲ ଧାରଣା। କମ୍ପାନୀର ବହିରେ ଦାବି କରାଯାଇ ପାରେ ଏହାକୁ ରାଡାର ଆଦୌ ଚିହ୍ନଟ କରିପାରିବ ନାହିଁ। କିନ୍ତୁ ଚିହ୍ନଟ ପାଇଁ ଆହୁରି ଅନେକ ଉପାୟ ରହିଛି। ତା'ମଧ୍ୟରୁ ଗୋଟିଏ ହେଉଛି ତାପ ବା ଉତ୍ତାପ। ବୁଧବାର ଏପରି ହିଁ ହୋଇଥିଲା। ଏଥିଯୋଗୁ ଏଫ ୩୫ ଯୁଦ୍ଧ ବିମାନ ଖସିଥିବା ସେ କହିଛନ୍ତି। ଇରାନ୍ କେଉଁ ମିସାଇଲ୍ ବ୍ୟବହାର କରି ଏଫ ୩୫ ଯୁଦ୍ଧ ବିମାନକୁ ଖସାଇଲା, ତାହା ଜଣାପଡ଼ିନି। କିନ୍ତୁ କୁହାଯାଉଛି ଯେ ତେହରାନ ପକ୍ଷରୁ ଏଫ ୩୫ ଯୁଦ୍ଧ ବିମାନକୁ ଖସାଇବା ପାଇଁ ଗୋଟିଏ ଲୁଟରିଂ ମ୍ୟୁନିସନ୍, ବିଶେଷକରି ୩୫୮ ଆଣ୍ଟି-ଏୟାରକ୍ରାଫ୍ଟ ମିସାଇଲ୍ କିମ୍ବା ଛୋଟ ଦୂରତ୍ୱର ସରଫେସ୍-ଟୁ-ଏୟାର ମିସାଇଲ୍ ବ୍ୟବହାର କରାଯାଇଥିଲା। ୩୫୮ ମିସାଇଲ୍ ଏସଏ ୬୭ ନାଁରେ ମଧ୍ୟ ପରିଚିତ। ଏହା ଏକ ପ୍ରକାରର ଲୁଟରିଂ ଡ୍ରୋନ୍ ଯାହା ଇନ୍‌ଫ୍ରାରେଡ୍ ସେନ୍ସର୍ ସହିତ ଧୀର ଗତିର ବିମାନକୁ ଟାର୍ଗେଟ୍ କରିପାରେ। କିନ୍ତୁ ଏଫ ୩୫ ଧୀରରେ ଗତି କରୁଥିବା ଜେଟ୍ ନୁହେଁ। ତଥାପି ୩୫୮ ମିସାଇଲକୁ ବ୍ୟବହାର କରିଥିବା କୁହାଯାଉଛି। ପୂର୍ବରୁ ଇରାନ୍ ଏହି ୩୫୮ ମିସାଇଲ୍ ବ୍ୟବହାର କରି ଆମେରିକାର ଏମ କ୍ୟୁ ୯ ରିପର୍ ଡ୍ରୋନ୍‌କୁ ଟାର୍ଗେଟ୍ କରିଥିଲା।

## ଆଫଗାନ ହସ୍ପିଟାଲରେ ପାକିସ୍ତାନର ନରସଂହାର

## ୪୦୮ ମୃତ



- ଅକ୍ଷମଣୀୟ ଅପରାଧ, ପ୍ରତିଶୋଧ ନେବୁ: ତାଲିବାନ
- ଜରୁରୀ ବୈଠକ ଡକାଇଲା ଜାତିସଂଘ
- ଆକ୍ରମଣକୁ ଭାରତର ତୀବ୍ର ନିନ୍ଦା

କାବୁଲ : ଆଫଗାନିସ୍ତାନର କାବୁଲରେ ଥିବା ଗୋଟିଏ ନିଶାନିବାରଣ କେନ୍ଦ୍ର ଉପରେ ପାକିସ୍ତାନର ଏୟାର ଷ୍ଟ୍ରାଇକ। ଏଥିରରେ ୪୦୮ ଜଣ ପ୍ରାଣ ହରାଇଥିବା ବେଳେ ଆହୁରି ଶତାଧିକ ଲୋକ ବିଲଡିଂର ଧ୍ୱଂସାବଶେଷ ତଳେ ଚାପି ହୋଇ ରହିଛନ୍ତି। ହସ୍ପିଟାଲ ଉପରେ ଏପରି ଏୟାର ଷ୍ଟ୍ରାଇକ ପୂରା ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛି। ଭାରତ ମଧ୍ୟ ପାକିସ୍ତାନର ଏପରି କାଣ୍ଡକୁ କଡ଼ା ଭର୍ତ୍ସନା କରିବା ସହ ଏହାକୁ ବର୍ବର ନରସଂହାର ଭାବେ ଅବିହିତ କରିଛି। ଭାରତ ସରକାର ଏୟାର ଷ୍ଟ୍ରାଇକକୁ ନିନ୍ଦା କରି ଏହାକୁ ବର୍ବର ନରସଂହାର ଓ ହିଂସାର ଗୋଟିଏ କାପୁରୁଷ ଓ ଅମାନବୀୟ କାଣ୍ଡ ବୋଲି କହିଛନ୍ତି। ପାକିସ୍ତାନ ସେନା ସୋମବାର ରାତିରେ କାବୁଲରେ ଥିବା ଉମିଦ ଆଡିକିସନ ଟ୍ରିଟମେଣ୍ଟ ହସ୍ପିଟାଲରେ ଏୟାର ଷ୍ଟ୍ରାଇକ କରିଥିବା ଆଫଗାନିସ୍ତାନର ତାଲିବାନ ସରକାର ପୂରା ବିଶ୍ୱକୁ ଜଣାଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ତିକ୍ତତା ଚରମସୀମାରେ ପହଞ୍ଚିଛି। ଭାରତର ବୈଦେଶିକ ମନ୍ତ୍ରଣାଳୟର କହିଛି ଯେ "ଟାର୍ଗେଟ କରାଯାଇଥିବା ପ୍ରତିଷ୍ଠାନକୁ କୌଣସି ବି ପରିସ୍ଥିତିରେ ସାମରିକ ଟାର୍ଗେଟ କହି ଯଥାର୍ଥ କୁହାଯାଇ ପାରିବ ନାହିଁ। ପାକିସ୍ତାନ ଏବେ ଗୋଟିଏ ନରସଂହାରକୁ ସାମରିକ ଅଭିଯାନର ରୂପ ଦେବାକୁ ଚେଷ୍ଟା କରୁଛି। ଏହା ଏକ ବର୍ବର କାଣ୍ଡ। ଆଫଗାନିସ୍ତାନର ସାର୍ବଭୌମତ୍ୱ ଉପରେ ହମଲା। ଏପରି ଆକ୍ରମଣ ଶାନ୍ତି ଓ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିଛି। ପାକିସ୍ତାନର ବେପରୁଆ ଆଚରଣର ଏହା ଆଉ ଗୋଟିଏ ଉଦାହରଣ।

### ■ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ



## ଏଲ୍‌ପିଜି ସଂକଟ

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ସାରା ଦେଶରେ ଏଲ୍‌ପିଜି ସଂକଟ ଜାରି ରହିଛି । ଭାରତ ଏହାର ୬୦% ଏଲ୍‌ପିଜି ଆବଶ୍ୟକତା ଆମଦାନି ଜରିଆରେ ପୂରଣ କରିଥାଏ । ଏହାର ସିଂହଭାଗ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆସିଥାଏ । ମାତ୍ର ଆମେରିକା ଇରାନ ଯୁଦ୍ଧ ଯୋଗୁ ମଧ୍ୟପ୍ରାଚ୍ୟରେ ଉପୁଜିଥିବା ଅଶାନ୍ତି ଭାରତ ବଜାରକୁ ବଡ଼ ଆକାରରେ ପ୍ରଭାବିତ କରିଛି । ଏଭଳି ସ୍ଥିତିରେ ଗ୍ୟାସ ଯୋଗାଣରେ ସ୍ଥିତାବସ୍ଥା ଆଣିବା ଲାଗି ଭାରତ ଆମେରିକା ଓ ରୁଷ ଭଳି ଦେଶରୁ ଅଧିକ ଗ୍ୟାସ ଆଣିବାକୁ ଅଗ୍ରସର ହୋଇଛି । ଏସ୍‌ପି ଗ୍ଲୋବାଲ ଏନର୍ଜିର ଏକ ରିପୋର୍ଟ ମୁତାବକ, ଏଲ୍‌ପିଜି ଆମଦାନିକୁ ବିସ୍ତୃତିକରଣ କରିବା ଦିଗରେ ଭାରତ ଅଗ୍ରସର ହୋଇଛି । ରିଫାଇନାରି ଗୁଡ଼ିକରେ ଗ୍ୟାସ ଉତ୍ପାଦନ ବୃଦ୍ଧି ସହ କୂଟନୈତିକ ସ୍ତରରେ ମଧ୍ୟ ଆଲୋଚନା ଜାରି ରହିଛି । ଫଳରେ ସାଧାରଣ ଖାଉଟି ଏବଂ ଅତି ଜରୁରି ସେବା ଯଥା ହସ୍ପିଟାଲ ଓ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଗ୍ୟାସ ଯୋଗାଣ ତ୍ୱରାନ୍ୱିତ ହୋଇପାରିବ । ଷ୍ଟ୍ରେଟ ଅଫ୍ ହୋର୍ମୁଜରେ ସଙ୍କଟ ଯୋଗୁ ତେଲ ଓ ଗ୍ୟାସ ଯୋଗାଣ ପ୍ରଭାବିତ ହୋଇଛି । କାରଣ ଏହି ରାସ୍ତା ଦେଇ ବିଶ୍ୱର ୩୦% ଏଲ୍‌ପିଜି ଯୋଗାଣ ହୋଇଥାଏ । ଏହି ସଙ୍କଟ ଉଭୟ ଗ୍ୟାସ ଏବଂ କାର୍ଗୋ ପରିବହନ କରୁଥିବା ଜାହାଜ ଗୁଡ଼ିକର ଉପଲବ୍ଧତାକୁ ପ୍ରଭାବିତ କରିଛି । ବିଶେଷଜ୍ଞ କହିଛନ୍ତି, ଯୁଦ୍ଧ ଲମ୍ବା ଚାଲିବାକୁ ଥିବାରୁ ଉତ୍ତର ଆମେରିକା ଏଲ୍‌ପିଜି ଚାହିଦା ବଢ଼ିବ । ଭାରତ ଏହି ବର୍ଗର ଏଲ୍‌ପିଜି ଉପରେ ନିର୍ଭରତା ବଢ଼ାଇବ । ଗତ କିଛି ଦିନର ଟ୍ରେଡକୁ ଦେଖିଲେ ଭାରତକୁ ଏହାର ଯୋଗାଣ ବୃଦ୍ଧି ହୋଇଛି । ଏବେ ଦେଶ ମଧ୍ୟରେ ରେସ୍ତୋରାଁ ଗୁଡ଼ିକୁ ବିକଳ୍ପ ଇନ୍ଧନ ଯଥା କିରୋସିନ ଏବଂ କୋଇଲା ବ୍ୟବହାର କରିବାକୁ ସରକାର କହିଛନ୍ତି।

### ପୁଲିସ୍‌କୁ ଏନକାଉଣ୍ଟରକୁ ଚ୍ୟାଲେଞ୍ଜ

## ଗୁଳି ଖାଇଲା ଗ୍ୟାଙ୍ଗଷ୍ଟର



ମୋତହାରି : ପୁଲିସ୍‌କୁ ନାଲି ଆଖି ଦେଖାଉଥିଲା। ଏନକାଉଣ୍ଟରର ସ୍ଥାନ ଓ ତାରିଖ ସ୍ଥିର କରିବାକୁ ଖୋଲା ଚ୍ୟାଲେଞ୍ଜ ମଧ୍ୟ ଦେଇଥିଲା। ଭାବିଥିଲା ପୁଲିସ୍ ତା'ର କିଛି କରିପାରିବ ନାହିଁ। ହେଲେ ଶେଷରେ ପୁଲିସ୍ ଗୁଳିରୁ ସେ ବର୍ତ୍ତି ନାହିଁ। ପୁଲିସ୍ ଏନକାଉଣ୍ଟରରେ ତା'ର ମୃତ୍ୟୁ ହୋଇଛି। ବିହାରର ମୋତହାରି ଅଞ୍ଚଳର ଜଣେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ସହ ଏପରି ଘଟଣା ଘଟିଛି। ଏନକାଉଣ୍ଟର ପୂର୍ବରୁ ସେ ପୁଲିସ୍‌କୁ ଚ୍ୟାଲେଞ୍ଜ ଦେଇଥିଲା। ପୁଲିସ୍ ଏହାକୁ ଗ୍ରହଣ କରିବା ସହ ଏନକାଉଣ୍ଟରରେ ୩ ଜଣ ଅପରାଧୀଙ୍କ ମୁଣ୍ଡ ଗଡ଼ାଇଛି। ଏହା ମଧ୍ୟରେ ପୁଲିସ୍‌କୁ ଚ୍ୟାଲେଞ୍ଜ ଦେଇଥିବା ଗ୍ୟାଙ୍ଗଷ୍ଟର ଜଣକ ମଧ୍ୟ ରହିଛି। ସେହିପରି ସେମାନଙ୍କ ସହ ଲଢ଼େଇ କରିବା ବେଳେ ଜଣେ ପୁଲିସ୍ କନଷ୍ଟେବଲଙ୍କ ମୃତ୍ୟୁ ହୋଇଛି। ପୁଲିସ୍ ଗୁଳିରେ ନିହତ ହୋଇଥିବା ଗ୍ୟାଙ୍ଗଷ୍ଟର କୁନ୍ଦନ ଠାକୁରର ଅଡିଓ କ୍ଲିପ ଏବେ ବେଶ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ ପୁଲିସ୍‌କୁ ଖୋଲା ଧମକ ଦେଉଛି। ଭୟଙ୍କର ଏନକାଉଣ୍ଟରର ଦୁଇ ଦିନ ପୂର୍ବରୁ କୁନ୍ଦନ ଏହାକୁ ରେକର୍ଡ କରିଥିଲା। ସେ ଚକାଇ ପୁଲିସ୍ ଷ୍ଟେସନର ଡେପୁଟି ଷ୍ଟେସନ ଅଫିସରଙ୍କୁ ସିଧାସଳଖ ଚ୍ୟାଲେଞ୍ଜ ଦେଇଥିଲା। ସେ ତା'କୁ ଧରିବା ପାଇଁ ପୁଲିସ୍ ତାରିଖ ଓ ସ୍ଥାନ ଧାର୍ଯ୍ୟ କରୁ। ଏହି ସମୟରେ ଅନେକ ପୁଲିସ୍ ସେମାନଙ୍କ ଜୀବନ ହରାଇବେ ବୋଲି ମଧ୍ୟ ଚେତାବନୀ ଦେଇଥିଲା। ସେ କହିଥିଲା, "ଗୋଟିଏ ଏନକାଉଣ୍ଟରରେ ୧୦ରୁ ୧୫ ଜଣ ପୁଲିସ୍ କର୍ମଚାରୀ ନିଜ ଜୀବନ ହରାଇଥିବା ବେଳେ ଅପରାଧୀନ ଚମ୍ପଟ ମାରିବା ଘଟଣା ପରବର୍ତ୍ତୀ ବଡ଼ ଖବର ପାଲଟିବ। ମୁଁ ଆପଣଙ୍କୁ ଗୋଟିଏ ଗ୍ୟାଙ୍ଗଷ୍ଟରର ଅର୍ଥ କ'ଣ ବୁଝାଇ ଦେବି।" କୁନ୍ଦନ ଠାକୁର ଅଭିଯୋଗ କରିଥିଲା ଯେ ପୁଲିସ୍ ତା' ପରିବାର ଲୋକଙ୍କୁ ହଇରାଣ କରୁଛି ଓ ଆଗକୁ ଯଦି ପୁଲିସ୍ ସେମାନଙ୍କୁ ସମସ୍ୟାରେ ପକାଇବ, ତା'ହେଲେ ଏହାର ପରିଣାମ ଭୟଙ୍କର ହେବ ବୋଲି ଚେତାବନୀ ଦେଇଥିଲା। କୁନ୍ଦନର କହିଥିଲା ଯେ ସେ ଆଦୌ ପଳାତକ ନୁହେଁ। ପୁଲିସ୍‌ର ଯେକୌଣସି ଏନକାଉଣ୍ଟରକୁ ସେ ସାମ୍ନା କରିବାକୁ ପ୍ରସ୍ତୁତ ଥିବା ଖୋଲାଖୋଲି ଭାବେ କହିଥିଲା। ପୁଲିସ୍‌ର କହିବା କଥା ଯେ କୁନ୍ଦନ ଠାକୁର ଦୀର୍ଘ ସମୟ ଧରି ସର୍ଭେଲାନ୍ସରେ ରହିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ନିର୍ଦ୍ଦିଷ୍ଟ ଭାବେ ତା'ର ଠିକଣା ସମ୍ପର୍କରେ ଖବର ମିଳିବା ପରେ ଗୋଟିଏ ସ୍ପେଶାଲ ଟିମ ଗଠନ କରାଯାଇଥିଲା। ସେମାନେ ତା'କୁ ଧରିବା ପାଇଁ ଯାଉଥିବା ବେଳେ ଗୁଳି ମାଡ଼ର ସାମ୍ନା କରିଥିଲେ। ଅତର୍କିତ ଗୁଳି ମାଡ଼ ଯୋଗୁ ଜଣେ ଏସଟିଏଫ ଯବାନ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଯବାନଙ୍କୁ ହରାଇବା ସତ୍ତ୍ୱେ ପୁଲିସ୍ ପଛକୁ ହଟି ନଥିଲା। ପୁଲିସ୍ ଓ ଗ୍ୟାଙ୍ଗଷ୍ଟରଙ୍କ ମଧ୍ୟରେ ବେଶ କିଛି ସମୟ ଧରି ଗୁଳି ବିନିମୟ ହୋଇଥିଲା। ଏଥିରେ କୁନ୍ଦନ ଠାକୁର ଓ ତା'ର ଦୁଇ ସହଯୋଗୀଙ୍କ ମୃତ୍ୟୁ ହୋଇଛି ବୋଲି ପୁଲିସ୍ କହିଛି। ପୂର୍ବ ଚମ୍ପାରନ ଏସ୍‌ପି ସ୍ୱର୍ଣ୍ଣ ପ୍ରଭାତ କହିଛନ୍ତି ଯେ କୁନ୍ଦନ ଠାକୁର ପୁଲିସକୁ ଧମକ ଦେଇଥିଲା ଓ ପୂର୍ବରୁ ମଧ୍ୟ ତା'କୁ ଧରିବାକୁ ବାରମ୍ବାର ଉଦ୍ୟମ କରାଯାଇଥିଲା। ଯେତେବେଳେ ପୁଲିସ୍ ତା'ର ଠିକଣାକୁ ଘେରାଉ କରୁଥିଲା ସେତେବେଳେ ଅପରାଧୀମାନେ ଗୁଳି ମାଡ଼ କରି ଦେଇଥିଲେ। ପୁଲିସ୍ ମଧ୍ୟ ଏହାର ଜବାବ ଦେଇଥିଲା। ଅପରାଧୀମାନେ ଆତ୍ମଗୋପନ କରିଥିବା ଘରର ମାଲିକ ଉଜ୍ଜ୍ୱଲ କୁମାର ଓ ତାଙ୍କ ବାପାଙ୍କୁ ମଧ୍ୟ ଗିରଫ କରାଯାଇଛି। ସେମାନଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରାଯାଉଛି। ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିବା ସେ କହିଛନ୍ତି।







# କଂଗ୍ରେସର ୩ ବିଧାୟକ ନିଲମ୍ବିତ

**ଭୁବନେଶ୍ୱର (ହଓଖ) :** ରାଜ୍ୟସଭା ନିର୍ବାଚନ ଫଳାଫଳ ପରେ କଂଗ୍ରେସର ୩ ବିଧାୟକଙ୍କ କ୍ରସ ଭୋଟିଂ ଏବଂ ଦଳ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନକୁ ନେଇ ଦଳୀୟ ନେତାଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, କଂଗ୍ରେସରେ ସୋଫିଆ ଫିର୍ଦୋସଙ୍କ ଉଚ୍ଚ ରାଜନୈତିକ ଭବିଷ୍ୟତ ଥିଲା। କିନ୍ତୁ ସେ ଦଳର ନିଷ୍ପତ୍ତି ନମାନି କ୍ରସ ଭୋଟିଂ କରିଛନ୍ତି।



ଦାଶରଥୀଙ୍କୁ ଦଳ ଦୁଇ ଥର ଟିକଟ ଦେଇଛି। ଗଜପତି ଜିଲା କଂଗ୍ରେସ କମିଟି ସଭାପତି କରିଛି। ରମେଶ ଜେନାଙ୍କୁ ଦଳ ଟିକଟ ଦେଇଛି। ଗଞ୍ଜାମ ଜିଲା କଂଗ୍ରେସ କମିଟି ସଭାପତି କରିଛି। କିନ୍ତୁ ସେମାନେ ଦଳୀୟ ନିଷ୍ପତ୍ତିକୁ ମାନିଲେ ନାହିଁ। ମିଳିତ ପ୍ରାର୍ଥୀଙ୍କୁ ସମର୍ଥନ ନେଇ ଯଦି କିଛି ଦ୍ୱନ୍ଦ୍ୱ ଥିଲା ତା'ହେଲେ ସେମାନେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାପତି ମଲ୍ଲିକାର୍ଜୁନ ଖଡଗେ ଏବଂ ଲୋକସଭାର ବିରୋଧୀ ଦଳ ପ୍ରାର୍ଥୀ ରାହୁଲ ଗାନ୍ଧୀଙ୍କୁ ଭେଟି ପଚାରି ପାରିଥାନ୍ତେ। କଂଗ୍ରେସର କାର୍ଯ୍ୟାନୁଷ୍ଠାନକୁ ନେଇ ମୁହଁ ଖୋଲିଛନ୍ତି ମୋହନା ବିଧାୟକ ଦାଶରଥୀ। ସେ କହିଛନ୍ତି, ମୁଁ ବିକ୍ରି ହୋଇନି। ପିସିସି ସଭାପତି ବିଜେଡି ପାଖରେ ବିକ୍ରି ହୋଇଛନ୍ତି। ନିଲମ୍ବନ ବିରୋଧରେ ରାହୁଲଙ୍କୁ ଭେଟିବି। ସେପଟେ ସୋଫିଆ ଓ ରମେଶ ଏଯାଏଁ ନିଲମ୍ବନକୁ ନେଇ ମୁହଁ ଖୋଲି ନାହାନ୍ତି। ସୋଫିଆଙ୍କ ନିଲମ୍ବନକୁ ନେଇ ପ୍ରଶ୍ନ ଉଠାଇଛନ୍ତି ମହମ୍ମଦ ମୋକିମ। ସେ କହିଛନ୍ତି, କଂଗ୍ରେସ ଦଳ ଅସ୍ତିତ୍ୱ ହରାଇ ବସିଛି। ଯାହା ବି କିଛି ଥିଲା ବିଜେଡି ସହିତ ମିଶି ପୁରା ନଷ୍ଟ କରିଦେଲେ। ନିଲମ୍ବିତ ବିଧାୟକଙ୍କୁ ନୂତନ ଦଳରେ ସାମିଲ ପାଇଁ ଆହ୍ୱାନ କରୁଛି। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ପୂର୍ବରୁ ମୁଁ ଜାଣିଥିଲି ଏମିତି କିଛି ହେବ। ସତକୁ ସତ ତାହା ହିଁ ହେଲା। ପୂର୍ବରୁ ଏମିତି ହୋଇଛି। ୨୦୨୬ରେ ତାହା ହେଲା। ଏଥିରେ କିଛି ନୂଆ ନାହିଁ। ବିଜେଡି ଏବଂ କଂଗ୍ରେସ ମିଳିତ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ କ୍ରସ ଭୋଟିଂକୁ ଏଡାଇ ଦିଆଯାଇ ପାରିଥାନ୍ତା। ପିସିସି ସଭାପତି ବହୁତ ପରିଶ୍ରମ ଏବଂ ଉଦ୍ୟମ କରିଛନ୍ତି।

# ବାରୁଣୀ ବୁଡ଼ ମହାସ୍ନାନ ରେବାରୁଣୀ ଘାଟରେ ବୁଡ଼ ପକାଇଲେ ହଜାର ହଜାର ଶ୍ରଦ୍ଧାଳୁ





**ଆଠଗଡ଼ (ହଓଖ) :** ଶେଷ ହୋଇଛି ଆଠଗଡ ଗଡଜାତର ପ୍ରସିଦ୍ଧ ଦୋଳ ପର୍ବ । ଆଠଗଡ କଖଡି ବ୍ରହ୍ମପୁର ସ୍ଥିତ କଳିଗଙ୍ଗା ମହାନଦୀରେ ବାରୁଣୀ ଘାଟରେ ବୁଡ ପକାଇଲେ ବାବା ସର୍ପେଶ୍ୱରଙ୍କ ସହ ଅଷ୍ଟଶମ୍ଭୁ। ଭକ୍ତ ଓ ଶ୍ରଦ୍ଧାଳୁ ମାନେ ହରିହର ଭେଟ ଦର୍ଶନ କରିବା ସହ ମହାନଦୀରେ ମହାପ୍ରଭୁଙ୍କ ସହ ବୁଡ ପକାଇଥାନ୍ତି । ବିଶ୍ୱାସ ରହିଛି ଏଠାରେ ଯହା ମାନସିକ କଲେ ପୂର୍ଣ୍ଣ ହୋଇଥାଏ । ଏହି ଦୁର୍ଲଭ୍ୟ ସ୍ନାନ ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଙ୍କ ଭିଡ ଜମିଥିଲା । ନିରାପତ୍ତା ତଥା ଆଇନ ଶୃଙ୍ଖଳା କୁ ଦୃଷ୍ଟିରେ ରଖି ଗ୍ରାମବାସୀ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ଗ୍ରହଣ କରାଯାଇଥିଲା। ଗଡଜାତର ସ୍ୱତନ୍ତ୍ର ଦୋଳପର୍ବ ଫଗୁ ଦଶମୀ ଠାରୁ ଆରମ୍ଭ ହୋଇ ବାରୁଣୀ ସ୍ନାନ ରେ ଶେଷ ହୋଇଛି । ଚଳିତ ବର୍ଷ ସକାଳ ୯ ଘଟିକା ସମୟରେ ବୁଡ ପକାଇବା ପାଇଁ ସମୟ ନିର୍ଘଣ୍ଟ କରାଯାଇ ବୁଡ ପକାଯିବା ସହ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଗାଁ କମିଟି ସହ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଏହି ପବିତ୍ର ତିଥିରେ ବୁଡ ପକାଇଲେ ମାନସିକ ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ହଜାର ହଜାର ଶ୍ରଦ୍ଧାଳୁ ନିଜର ମାନସିକ ରଖି ଏଠାରେ ବୁଡ ପକାଇଥାନ୍ତି ଆଠଗଡ ଗଡଜାତର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ଠାକୁର ଫଗୁଦଶମୀ ଠାରୁ ବାହାରୀ ଗ୍ରାମରୁ ଗ୍ରାମ ବୁଲି ଚାଟେରୀ ଭୋଗ ଖାଇ ବାରୁଣୀରେ ହରିହର ଭେଟ ହେବା ସହିତ ନଦୀକୂଳରେ ଥିବା ଅଷ୍ଟଶମ୍ଭୁଙ୍କ ଯାତ୍ରା ସମାପନ ହୋଇଥାଏ। ଆଠଗଡ ବ୍ଲକ ବ୍ରହ୍ମପୁର ଠାରେ ମହାନଦୀ ଓ କାଠଯୋଡିର ସଙ୍ଗମ ସ୍ଥଳରେ ଅବସ୍ଥିତ ନାରାୟଣୀ ମନ୍ଦିର ପାଖରେ ଏହି ବାରୁଣୀ ବୁଡ ପଡିଥାଏ। ଏଠାରେ ମହାନଦୀ ବିପରୀତ ଦିଗରେ ପ୍ରବାହିତ ହେଉଥିବାରୁ ଏଠାରେ ବାରୁଣି ବୁଡ ପକାଯାଇଥାଏ। କାହିଁ କେବେଠାରୁ ଏଠାରେ ବାରୁଣୀ ବୁଡ ପଡିଆସୁଥିବା ବେଳେ କିମ୍ବଦନ୍ତି କହେ ପାଣ୍ଡବ ମାନେ ଅଜ୍ଞାତ ବନବାସ କାଳରେ ଏଠାରେ ବୁଡପକାଇ ପୂଜାର୍ଚ୍ଚନା କରିଥିଲେ । ସେଥିପାଇଁ ସେବେଠାରୁ ଏଠାରେ ହଜାର ହଜାର ଶ୍ରଦ୍ଧାଳୁ ଏଠାରେ ବୁଡ ପକାଉଛନ୍ତି।

# ସାରୁଆଳି ଜଙ୍ଗଲରୁ ଛାତ୍ରୀର ଶବ ଉଦ୍ଧାର



କାମାକ୍ଷା ନଗର ମହିଳା କଲେଜ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ

ପରୀକ୍ଷା ସରିବା ପରେ ଆଉ ଘରକୁ ଫେରି ନ ଥିଲେ

ଘଟଣାସ୍ଥଳ ପରିଦର୍ଶନ କଲେ ଏସ୍.ପି




**ଭୁବନ (ହଓଖ) :** କାମାକ୍ଷାନଗର ଥାନା ସାରୁଆଳି ଗାଁ ଜଙ୍ଗଲରେ କଲେଜ ଛାତ୍ରୀଙ୍କୁ ବିଭତ୍ସ ହତ୍ୟା। ମୃତ ଛାତ୍ରୀ ଜଣଙ୍କ କାମାକ୍ଷାନଗର ମହିଳା ମହାବିଦ୍ୟାଳୟର +୨ ପ୍ରଥମ ବର୍ଷର ଛାତ୍ରୀ ଅଙ୍କିତା ପ୍ରିୟଦର୍ଶିନୀ ବାରିକ। ମୃତକଙ୍କ ଘର ଭୁବନ ଥାନା ମାର୍ଥାପୁର ଗାଁରେ ହୋଇଥିବା ସୂଚନା। ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ, ପୋଲିସର ତନାଘନା ଜାରି। ସୂତ୍ର ଅନୁଯାୟୀ ମାର୍ଥାପୁର ମଙ୍ଗଳା ସାହିର ବିଜୟ ବାରିକଙ୍କ ଏକ ମାତ୍ର ଝିଅ ଅଙ୍କିତା ଦୈନିକ କାମାକ୍ଷରୁ ଏକ ନିର୍ଦ୍ଦିଷ୍ଟ ବସ ଯୋଗେ ଘରକୁ ଫେରନ୍ତି। ବସ ସବୁ ଦିନ ୪ ଟାରେ ପହଞ୍ଚେ। ବୁଧବାର ପରୀକ୍ଷା ଶେଷ ହେବା ପରେ ଘରକୁ ଫେରୁଥିଲେ ହେଲେ ଅନ୍ୟ ଦିନ ଭଳି ବସ ମିଳିନଥିଲା। ଫଳରେ ଘରକୁ ଫେରି ପାରିନଥିଲା ଅଙ୍କିତା। ସକାଳୁ ରକ୍ତ ଗୁଡୁବୁଡ ଅବସ୍ଥାରେ ମିଳିଥିଲେ ସାରୁଆଳି ଜଙ୍ଗଲରୁ। ଅଙ୍କିତାଙ୍କ ମା ସୁମିତ୍ରା ବାରିକ ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷୟିତ୍ରୀ। ପାରିବାରିକ ଅସନ୍ତୋଷ ଯୋଗୁଁ ମା ଝିଅ ପୁଅ ଶିଶୁ ମନ୍ଦିର ନିକଟରେ ଭଡାରେ ରହୁଥିଲେ। ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳ ସାରୁଆଳି, ମହିଳା କଲେଜ, ଅଜାଘର ଆଦି ସ୍ଥାନରେ ତଦନ୍ତ ଜାରିରଖିଛି। ଏ ଘଟଣା କୁ ନେଇ ଭୁବନ ଏନ ଏ ସି ନଗରପାଳ ଶୁଭେନ୍ଦୁ ସାହୁ ଅଇନି ଶୃଙ୍ଖଳା ପରିସ୍ଥିତି ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଜାତୀୟ ମାନବାଧିକାର ପ୍ରତିରକ୍ଷାକାରୀ ଭଜମନ ବିଶ୍ୱାଳ ମାନବାଧିକାର କମିଶନ ନିକଟରେ ଅଭିଯୋଗ କରିଛନ୍ତି। ତେବେ ବ୍ୟାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ଏହି ଜାଗା ନାମକ ବ୍ୟକ୍ତି ଜଣକ କିଏ ? କାମାକ୍ଷାନଗର ମହିଳା ମହାବିଦ୍ୟାଳୟ ର ଯୁକ୍ତ ୨ ର ପ୍ରଥମ ବର୍ଷ ର ଛାତ୍ରୀ ଗତ କାଲି ପରୀକ୍ଷା ସାରି ଘରକୁ ଫେରିବା ବାଟ ରେ ଯେପରି ଅପରାଧୀ ମାନେ ତାଙ୍କୁ ଦୁଷ୍କର୍ମ କରି ଜୀବନରେ ମାରି ଜଙ୍ଗଲରେ ପକାଇ ଦେଇଥିଲେ , ଗୋଟିଏ ପରିବାର ଠାରୁ ତାଙ୍କ ଅଲିଅଳି ଝିଅକୁ ଛଡ଼ାଇନେଲେ କାମାକ୍ଷାନଗର ଠାରେ ଢେଙ୍କାନାଳ ଜିଲ୍ଲା ଯୁବ ବିଜୁ ଜନତା ଦଳ ସଭାପତି ଧର୍ମାନନ୍ଦ ପରିଡା ଏହାକୁ ଦୃଢ଼ ନିନ୍ଦା କରୁଛନ୍ତି । ସରକାର ଓ ପ୍ରଶାସନ କୁ ନିବେଦନ କରୁଛନ୍ତି ଯଥାଶିଘ୍ର ଏହାର ବିଧିବଧ ତଦନ୍ତ କରି ମୃତ୍ୟୁ ର କାରଣ ବାହାର କରି ଅପରାଧୀ କୁ ଧରି କଠୋର ରୁ କଠୋର ଦଣ୍ଡ ବିଧାନ କରନ୍ତୁ। ନଚେତ ଆଗାମୀ ଦିନରେ ବିଜୁ ଜନତା ଦଳ ତରଫରୁ ଏକ ବିରାଟ ଆନ୍ଦୋଳନ କରାଯିବ ବୋଲି ଆମ ପ୍ରତିନିଧି ଙ୍କୁ କହିଛନ୍ତି।

| ମହାପ୍ରୟାଣ ସେବା କାହା ପାଇଁ ? |
|---|
| ଆମ୍ବୁଲାନ୍ସ ପାଇଁ ୬ ହଜାର ଟଙ୍କା ଦେଲେ ପୀଡ଼ିତ ପରିବାର |
| ୨ କୋଟି କ୍ଷତିପୂରଣ ଦିଅ : ସନ୍ଦୀପ |
| ଆମ ଅଞ୍ଚଳ ପାଇଁ ଲଜ୍ଜା : ଧର୍ମାନନ୍ଦ |
| ଆସାମୀକୁ ତୁରନ୍ତ ଗିରଫ ଦାବି: ଶୁଭେନ୍ଦୁ |

# ଆଦେଶ ବସ୍ତିଆଙ୍କୁ ବିଜେପି ପକ୍ଷରୁ ଗୁରୁଦାୟିତ୍ୱ



**କଟକ (ହଓଖ) :** କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ପୋଖରୀଗାଁ ର କ୍ଷୀରୋଦୋ କୁମାର ବସ୍ତିଆ ଓ ରୀନାବାଳା ବସ୍ତିଆ ଙ୍କ ସାନ ପୁଅ ତଥା ଯୁବ ସମାଜସେବୀ ଭାବେ ନିଆଳି ତଥା ଓଡ଼ିଶା ରେ ବେଶ୍ ପରିଚିତ ଯୁବ ନେତା ଆଦେଶ ବସ୍ତିଆ ଙ୍କୁ ରାଜନୈତିକ ଦଳ ବିଜେପି ପକ୍ଷରୁ ଗୁରୁଦାୟିତ୍ୱ ଦେଲା ଦଳ ବିଜେପି ଦଳ ରେ ସେ ସାମିଲ୍ ହେବା ପରେ ଦଳ ପକ୍ଷରୁ ଗତ ୧୬ ତାରିଖ ଦିନ ଦଳ ତରଫରୁ ତାଙ୍କୁ କସର୍ଦା ମଣ୍ଡଳ ର IT CELL ବା ସୋସିଆଲ ମିଡ଼ିଆ CORDINATOR ଭାବେ ଭାବରେ ଚୟନ କରାଗଲା ତାଙ୍କ ର ପୂର୍ବରୁ ସୋସିଆଲ ମିଡିଆରେ ବେଶ୍ ଅବ୍ୟଗନ୍ତା ଥିବା ବେଳେ ନିଆଳି ତଥା ଓଡ଼ିଶା ର ଅନେକ ଗୁଡ଼ିଏ ସମସ୍ୟା ତଥା ଅନେକ ଅସହାୟ ଲୋକ କିମ୍ବା ରୋଗୀ ଙ୍କୁ ରକ୍ତ ଦେବା ଭଳି କାର୍ଯ୍ୟ ରେ ସାମିଲ୍ ଥିବା ବେଳେ ଏହି ଗୁରୁଦାୟିତ୍ୱ ତାଂକୁ ଦେଲା ପରେ ନିଆଳି ରେ ଦଳ ଆଦେଶ ବସ୍ତିଆ ଙ୍କୁ ନେଇ ବେଶ୍ ଆସାବାଦୀ ରହିଛି ତାଙ୍କୁ ବିଜେପି ଦଳ ର ତଥା ଅନେକ ମନ୍ୟବାନ୍ୟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ସେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ କୁମାର ବିଶ୍ୱାଳ ମାନ୍ୟବର ବିଧାୟକ ଛବି ମଲ୍ଲିକ ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇ ଓ କଟକ ଜିଲ୍ଲା ବିଜେପି କସର୍ଦା ମଣ୍ଡଳ ର ସଭାପତି ରାଜେଶ ମୋହାରଣା ଓ ବିଜେପି ନିଆଳି ମଣ୍ଡଳ ପ୍ରଭାରୀ ଡ଼ଃ ମିହିର କୁମାର ନାୟକ ଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ଆଗକୁ ଦଳ ପାଇଁ କେଉଁ ଭଳି ଭାବେ ପ୍ରଚାର ପ୍ରସାର ଓ ନିଆଳି ରେ ବିଜେପି ଦଳ କୁ ଆହୁରି ଆଗକୁ ନେବେ ସେଥିପାଇଁ ସେ ଏବେ ଠୁ ଅଣ୍ଟା ଭିଡିଛନ୍ତି ବୋଲି ସୂଚନା ରହିଛି।

# ଶର୍ମିଷ୍ଠା ଦେଓ ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ



**ନବରଙ୍ଗପୁର (ହଓଖ) :** ଭାରତୀୟ ଜନତା ପାର୍ଟି, ଓଡିଶା ପକ୍ଷରୁ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା ଐଶର୍ଯ୍ୟା ବିଶ୍ୱାଳ, ମହିଳା ମୋର୍ଚ୍ଚାର ରାଜ୍ୟ ପଦାଧିକାରୀ ଘୋଷଣା କରିଛନ୍ତି । ଏହି ମର୍ମରେ ନବରଙ୍ଗପୁରର ବିଶିଷ୍ଟ ସମାଜସେବୀ ତଥା ନବରଙ୍ଗପୁର ପୌରପାଳିକା ଅନ୍ତର୍ଗତ ୱାର୍ଡ କାଉନସିଲର ଶର୍ମିଷ୍ଠା ଦେଓଙ୍କୁ ରାଜ୍ୟ ମହିଳା ମୋର୍ଚ୍ଚାର ଉପସଭାନେତ୍ରୀ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି ।


## କଟକରେ ଇଦ-ଉଲ-ଫିତର ପର୍ବ ପାଳିତ

# ବିଜେଡି ଉପରେ ବର୍ଷିଲେ ଡ଼ଃ ପ୍ରଭାତ



**କଟକ (ହଓଖ) :** କଟକ ସହରରେ ବେଶ ଧୂମଧାମରେ ପାଳିତ ହୋଇଯାଇଛି ପବିତ୍ର ଇଦ-ଉଲ-ଫିତର ପର୍ବ । ଦୀର୍ଘ ଏକମାସ ଧରି ଉପବାସ ରଖିଥିବା ମୁସଲମାନ ଭାଇ ଭଉଣୀ ମାନେ ଆଜି ନୂତନ ବସ୍ତ୍ର ପରିଧାନ କରି ମସଜିଦରେ ନମାଜ ପାଠ କରି ପରସ୍ପର ମଧ୍ୟରେ ସ୍ନେହ ଓ ସଦିଚ୍ଛା ଆଦାନ ପ୍ରଦାନ କରିଥିଲେ । ଏହି ଅବସରରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ରାଜନେତା ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ କଟକ ଜୋବ୍ରାସ୍ଥିତ ମସଜିଦରେ ପହଂଚି ମୁସଲିମ ମହଲା କମିଟିର ବନ୍ଧୁ ମାନଙ୍କୁ ଇଦ ମୁବାରକ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ମହଲା କମିଟିର ସଭାପତି ଲିଆମତ ଖାନ, ସମ୍ପାଦକ ଆରିଫ ଅହମଦ ଖାନ, ମହମଦ ଫରିଦ, ମହମଦ ସମିମ, ମହମଦ ଜାହିର ହୁସେନ, ସେକ ଇମରାନ, ନୁର ଅହମଦ ଖାନ, କର୍ପୋରେଟର ଜୟଦେବ ଜେନା, ଝିଲୀ ବିହାରୀ, ସ୍ୱର୍ଣ୍ଣପ୍ରଭା ପଶାୟତଙ୍କ ସମେତ ବହୁ କର୍ମକତା ଉପସ୍ଥିତ ଥିଲେ ।

ସେହିପରି ଯୋବ୍ରାରେ ଇଦ ପର୍ବ ଅବସରରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିବା ବେଳେ ଦିଲ୍ଲୀରେ ବିଜେଡିର କିଛି ନେତା ଗୁପ୍ତରେ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ । ଆପଣ ଏହି କଥା ଦଳର ସଭାପତିଙ୍କୁ ପଚାରିବା ପରେ ଦଳ ଆପଣଙ୍କୁ ବହିଷ୍କାର କଲା ଏହାର କାରଣ କଣ ? ଉତ୍ତରରେ ପ୍ରଭାତ କହିଲେ ଭି କେ ପାଣ୍ଡିଆନ ଦଳରୁ ସନ୍ନ୍ୟାସ ନେଇଛନ୍ତି ବୋଲି କହୁଛନ୍ତି ତେବେ ସେ ବିଜେଡି ଦଳ ଠାରୁ ପ୍ରଥମେ ଦୂରେଇ ରୁହନ୍ତୁ। ମୁଁ ଅଭିଯୋଗ କରିଥିବା ତଥ୍ୟ ସତ୍ୟ ବୋଲି ଦଳର ସଭାପତି ନବୀନ ପଟ୍ଟନାୟକ ସାର୍ବଜନୀନ କରିଛନ୍ତି । କିଛି କୁଚକ୍ରି ନେତା ନିଜ କୁକର୍ମକୁ ଲୁଚାଇବା ପାଇଁ ଦଳକୁ ପଥଭ୍ରଷ୍ଟ କରାଉଛନ୍ତି ।







Printed, Published and owned by Dr. Byomakesh Kanungo of Gandharba Sahu Lane, PO - Kalyani Nagar, Dist.- Cuttack-753013 (Odisha),
Printed at Khetramani Printing Press, At - Darakhapatna, PO - Kalyani Nagar, Dist - Cuttack - 753013

Editor-in-chief : Dr. Byomakesh Kanungo
Editor : Biraja Prasad Kanungo
Sub-Editor : Dr. Pradyot Kumar Tripathy

Ph. No. : 7008872226 / 7077233233
E-mail : harsikamedia22@gmail.com

ମୁଖ୍ୟ ସଂପାଦକ : ଡଃ ବ୍ୟୋମକେଶ କାନୁନ୍‌ଗୋ
ସଂପାଦକ : ବିରଜା ପ୍ରସାଦ କାନୁନ୍‌ଗୋ
ସହ ସଂପାଦକ : ଡ଼. ପ୍ରଦ୍ୟୋତ କୁମାର ତ୍ରିପାଠୀ